

‘ଫୌଜି’ରେ ଅଭିଷେକ

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-91 ◆WEDNESDAY ◆24 SEPTEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୯୧ ◆ବୁଧବାର ◆୨୪ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା / ଗୃହରେ ବିରୋଧ, ବାହାରେ ବିକ୍ଷୋଭ

## ବିଧାନସଭା ଅଚଳ

■ **ଭୁବନେଶ୍ୱର, ୨୩।୯ (ସମିସ):** କ୍ରମାଗତ ଚତୁର୍ଥ ଦିନ ପାଇଁ ଅଚଳ ହୋଇଛି ବିଧାନସଭା। ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇଥିବାରୁ ଏହାର ପ୍ରତିବାଦରେ ବିଜେଡି ସଦସ୍ୟ ମଙ୍ଗଳବାର ପ୍ରବଳ ହଟ୍ଟଗୋଳ କରିଛନ୍ତି। ପ୍ଲାକାର୍ଡ ଓ ପୋଷ୍ଟର ପ୍ରଦର୍ଶନ ସହ ରାଜ୍ୟ ସରକାର ରାଜ୍ୟର ପଞ୍ଚାୟତିରାଜ ବ୍ୟବସ୍ଥାର ତଣ୍ଟି ଚିପିଥିବା ସ୍ଲୋଗାନ ଦେଇ ଗୃହ କମ୍ପାଇଛନ୍ତି। ସେହିପରି କଂଗ୍ରେସ ବିଧାୟକମାନେ ମଧ୍ୟ ନିଜ ନିଜ ଆସନରେ ଛିଡ଼ା ହୋଇ ପ୍ରତିବାଦ କରିଛନ୍ତି। ପ୍ରଥମାର୍ଦ୍ଧ ମାତ୍ର ୨୦ ମିନିଟ ଚାଲିଥିବା ବେଳେ ଅପରାହ୍ନରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଦିନତମାମ ଉଭୟ ବିରୋଧୀ ଗୃହକାର୍ଯ୍ୟରେ ଭାଗ ନେଇ ନ ଥିବା ବେଳେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ବିନା ଆଲୋଚନାରେ ଗୃହୀତ ହୋଇଛି ।



### ବିନା ବିରୋଧୀରେ ବିଶ୍ୱବିଦ୍ୟାଳୟ ବିଧେୟକ ଗୃହୀତ

ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡିର ବିଧାୟକମା।।ନେ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟ ସରକାର ହତ୍ୟା କରୁଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାକୁ କୁଠାରଘାତ ଚଳିବ ନାହିଁ, ବିଜେପି ସରକାର ହାଏ ହାଏ ନାରାରେ ଗୃହ କମ୍ପାଇଥିଲେ ବିଜେଡି ସଦସ୍ୟ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ଗୃହ ଅଚଳାବସ୍ଥା ପାଇଁ ବିଜେଡି-ବିଜେପିକୁ ଦାୟୀ କରିଥିଲେ। ବିରୋଧୀଙ୍କ ପ୍ରବଳ ହୋ ହଲ୍ଲା ମଧ୍ୟରେ ତିନୋଟି ତାରକା ପ୍ରଶ୍ନର ଆଲୋଚନା ମଧ୍ୟ ହୋଇଥିଲା। ପ୍ରଶ୍ନକାଳରେ ଗୃହ ମାତ୍ର ୨୦ ମିନିଟ ଚାଲିବା ପରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ସମାନ ପ୍ରସଙ୍ଗକୁ ନେଇ ବିଧାନସଭାରେ ନାରାବାଜି କରିଥିଲା। ଅପରପକ୍ଷେ ▶ପୃଷ୍ଠା-୧୦

## ସରକାରଙ୍କ ବିରୋଧରେ ପୁଣି ଅନାସ୍ଥା | ଖାରଜ କଲେ ବାଚସ୍ପତି, କଂଗ୍ରେସର ତୀବ୍ର ପ୍ରତିବାଦ

■ **ଭୁବନେଶ୍ୱର, ୨୩।୯ (ସମିସ):** ସୋମବାର କଂଗ୍ରେସର ଅନାସ୍ଥା ନୋଟିସ୍ ବାଚସ୍ପତି ଅଗ୍ରାହ୍ୟ ହେବା ପରେ ମଙ୍ଗଳବାର ପୁଣି ସରକାରଙ୍କ ବିରୋଧରେ ଅନାସ୍ଥା ଆଣିଛି କଂଗ୍ରେସ। ଦଳ ପକ୍ଷରୁ ଏହି ନୋଟିସ ବାଚସ୍ପତିଙ୍କୁ ପ୍ରଦାନ କରାଯାଇଛି। ମାତ୍ର ୬ ମାସ ମଧ୍ୟ ଗୋଟିଏ ରାଜନୈତିକ ଦଳ ଦୁଇଥର ଅନାସ୍ଥା ଆଣିପାରିବ ନାହିଁ ବୋଲି ଦର୍ଶାଇ ବାଚସ୍ପତି ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଏହାର ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗରେ ହୋ ହାଲ୍ଲା କରିବା ସହ କକ୍ଷତ୍ୟାଗ କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ତରଫରୁ ବିଧାନସଭା ସଚିବଙ୍କ ଜରିଆରେ ସରକାରଙ୍କ ବିରୋଧରେ ଅନାସ୍ଥା ନୋଟିସ୍ ସେ ପାଇଥିବା ଅପରାହ୍ନ ଅଧିବେଶନରେ ବାଚସ୍ପତି ଗୃହରେ ସୂଚନା ଦେଇଥିଲେ। ଗତ ୧୮ ତାରିଖରେ କଂଗ୍ରେସ ଦଳ ଅନାସ୍ଥା ନୋଟିସ୍ ଆଣିଥିଲା ଓ ଏହା ଅଗ୍ରାହ୍ୟ ହୋଇଥିଲା। ତେଣୁ ଆସନ୍ତା ୬ ମାସ ମଧ୍ୟରେ ଦଳ ପକ୍ଷରୁ ଆଉ ଅନାସ୍ଥା ଆଗତ ହୋଇ ପାରିବ ନାହିଁ ବୋଲି ବାଚସ୍ପତି ଉଲ୍ଲେଖ କରି ଏହି ନୋଟିସକୁ ଅଗ୍ରାହ୍ୟ କରି ଦେଇଥିଲେ।

ଅନ୍ୟପଟେ କଂଗ୍ରେସ ସଦସ୍ୟମାନେ ଗୃହରେ ନାରୀ ସୁରକ୍ଷା, ସାର, ମହିଳା ହିଂସା ଓ ଛାତ୍ର ସଂସଦ ଆଦି ବିଷୟରେ ବିସ୍ତୃତ ଆଲୋଚନା ପାଇଁ ଦାବି କରିଥିଲେ। ଏହି ଦାବିରେ ▶ପୃଷ୍ଠା-୧୦



## ଗାନ୍ଧୀମାର୍ଗରେ ଗର୍ଜିଲା ବିଜେଡି

### ବିଧାନସଭା ଘେରିଲେ ହଜାର ହଜାର କର୍ମୀ

■ **ଭୁବନେଶ୍ୱର, ୨୩।୯ (ସମିସ):** ସମ୍ବିଧାନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର ସର୍ବାଧିକ କ୍ଷମତା ରହିଛି। ମାତ୍ର ରାଜ୍ୟରେ ବିଜେପି ସରକାର ଗଣତନ୍ତ୍ରର ତଣ୍ଟି ଚିପି ହତ୍ୟା କରିଛି। ଉଦ୍ଦେଶ୍ୟମୂଳକ ଭାବେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇ ବାବୁମାନଙ୍କୁ ବଳିୟାନ କରାଯାଇଛି। ଏହାର ପ୍ରତିବାଦରେ ଲୋୟର ପିଏମ୍‌ଜିରେ ବିଜେଡି ଦେଇଛି ରଣହୁଙ୍କାର। ହଜାର ହଜାର ଦଳୀୟ କର୍ମୀ ବିଧାନସଭା ଘେରାଉ କରି ସରକାରଙ୍କ ବିରୋଧରେ ଗର୍ଜନ କରିଛନ୍ତି। ରାଜ୍ୟ ସରକାରଙ୍କ ଏପରି ଗଣତାନ୍ତ୍ରିକ ନିଷ୍ପତ୍ତି କୌଣସି ମତେ ଗ୍ରହଣୀୟ ନୁହେଁ ଓ ଏହା ବିରୋଧରେ ବିଜେଡି ନିଜର ପ୍ରତିବାଦ ଜାରି ରଖିବ ବୋଲି ବିଜେଡି ନେତାମାନେ ଘୋଷଣା କରିଛନ୍ତି। ଦଳ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତାମାନେ ୧୫ ମାସରେ ରାଜ୍ୟ ବିଜେପି ସରକାରର ବିଫଳତାକୁ ଗୋଟିଗୋଟି ଲୋକଙ୍କ ସାମ୍ନାରେ ▶ପୃଷ୍ଠା-୧୦




## ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା କରୁଛନ୍ତି ସରକାର

# ରାଜଧାନୀରେ ରଣହୁଙ୍କାର





















ନୂଆଦିଲ୍ଲୀର ବିଜ୍ଞାନ ଭବନରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ଦାଦା ସାହେବ ଫାଲକେ ସମ୍ମାନ ଗ୍ରହଣ କରୁଛନ୍ତି ମୋହନଲାଲ। ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି ଶାହରୁଖ ଖାନ, ରାଣୀ ମୁଖାର୍ଜୀ ଓ ବିକ୍ରାନ୍ତ ମେସି।

# ଭୀଷଣ ବର୍ଷାରେ କୋଲକାତା ଠପ୍

## ବିଦ୍ୟୁତ୍ ଆଘାତରେ ୧୦ ମୃତ, ୧୦୦ ବିମାନ ବାତିଲ

### ରାସ୍ତା ଉପରେ ୩ ଫୁଟ୍ ଉଚ୍ଚର ପାଣି

### ରେଲୱେ ଟ୍ରାକ୍ ବୁଡ଼ିଲା, ସ୍କୁଲ ବନ୍ଦ

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): କୋଲକାତା ଏବଂ ଏହାର ଆଖପାଖ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ମୂଶଳଧାରାରେ ବର୍ଷା ଯୋଗୁଁ ସାଧାରଣ ଜୀବନଯାତ୍ରା ଅଚଳ ହୋଇପଡ଼ିଛି। ରାସ୍ତା ଉପରେ ତିନି ଫୁଟ ଉଚ୍ଚ ପାଣି ଚାଲିଛି। ଗତ ୩୯ ବର୍ଷରେ ଏଭଳି ବର୍ଷା ହୋଇନଥିବା କୁହାଯାଉଛି। ବର୍ଷା ଯୋଗୁଁ ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦିଆଯାଇଛି। ପ୍ରବଳ ବର୍ଷା ସହିତ ବିମାନବନ୍ଦରରେ ପାଣି ପଶିବା ଯୋଗୁଁ ଅତିକମରେ ଶହେରୁ ଅଧିକ ବିମାନ ସେବାକୁ ବାତିଲ କରାଯାଇଛି। ପ୍ରବଳ ବର୍ଷା ଓ ବିଦ୍ୟୁତ ଆଘାତରେ ୧୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି।

କୋଲକାତାରେ ଗତ ୨୪ ଘଣ୍ଟା ମଧ୍ୟରେ ୨୫୧.୪ ମିମି ବର୍ଷା ହୋଇଛି। ଗତ ୩୯ ବର୍ଷରେ ଏତେ ପରିମାଣର ବର୍ଷା କେବେ ହୋଇନଥିଲା। ୧୯୮୬ରେ ୨୫୯.୫ ମିମି ବର୍ଷା ହୋଇଥିଲା, ଯାହାକି ଏବେ ବି ରେକର୍ଡ ହୋଇ ରହିଛି। ତେବେ ୧୯୭୮ରେ ସର୍ବାଧିକ ୩୬୯.୬ ମିମି ବର୍ଷା ହୋଇଥିଲା। ଏବେ ସହରର ବିଭିନ୍ନ ରାସ୍ତା ଉପରେ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ପାଣି ଚାଲିଛି। ଗମନାଗମନ ଓ ପରିବହନ ଏକ ପ୍ରକାର ଠପ୍ ହୋଇଛି। ଏହା ବ୍ୟତୀତ ଟ୍ରେନ୍, ମେଟ୍ରୋ ଓ ବିମାନ ସେବା ମଧ୍ୟ ପ୍ରଭାବିତ ହୋଇଛି। ସାମାଜିକ ଗଣମାଧ୍ୟମରେ କୋଲକାତାର ଭିଡିଓ ସାମ୍ନାକୁ ଆସିଛି। ଏଥିରେ ସଡ଼କରେ ଥିବା ଗାଡ଼ିଗୁଡିକ ଅଧା ବୁଡିଯାଇଥିବା ଦେଖାଯାଇଛି।

ସହରର ଅନେକ ରେସିଡେନସିଆଲ କମ୍ପ୍ଲେକ୍ସରେ ପାଣି ପଶିଯାଇଛି। ସହିଦ ଖୁଦୀରାମ ଓ ମୈଦାନ ମେଟ୍ରୋ ଷ୍ଟେସନକୁ ମେଟ୍ରୋ ସେବା ବନ୍ଦ କରିଦିଆଯାଇଛି। ହାଓଡା ଓ ସିଆଲଦା ଡିଭିଜନରେ ରେଲୱେ ଲାଇନ ଉପରେ ପାଣି ଜମି ରହିଛି। ଏଥିପାଇଁ ହଜାରଦୁଆରି ଏକ୍ସପ୍ରେସ୍ ଓ ସିଆଲଦା ଜଙ୍ଗିପୁର ଏକ୍ସପ୍ରେସ ଟ୍ରେନ୍‌କୁ ବାତିଲ କରାଯାଇଛି। ଚିତପୁର ୟାର୍ଡରେ ପାଣି ପଶିଯିବାରୁ ସର୍କୁଲାର ରେଲୱେ ଲାଇନ୍‌ରେ ଟ୍ରେନ୍ ଯିବା ଆସିବା ବନ୍ଦ ରହିଛି। ବର୍ଷା କାରଣରୁ ଦୁର୍ଗା ପୂଜା ପ୍ରସ୍ତୁତିରେ ବାଧା ସୃଷ୍ଟି ହୋଇଛି। କେତେଟି ସ୍ଥାନରେ ଦୁର୍ଗା ପେଣ୍ଡାଲ ବୁଡିଯିବାସହଖରାପହୋଇଯାଇଛି।କୋଲକାତା।।ରେସ୍କୁଲକୁ ଛୁଟି କରିଦିଆଯାଇଛି।। କୋଲକାତା ବିମାନ ବନ୍ଦରରେ ଅନେକ ବିମାନ ଘଣ୍ଟା ଘଣ୍ଟା ବିଳମ୍ବରେ ଟେକ୍‌ଅଫ୍ କରିଛି। ବିମାନ ବନ୍ଦରର ଚିତ୍ର ତଥା ଭିଡିଓ ସାମ୍ନାକୁ ଆସିଛି।



ପୂର୍ବରୁ ଏଭଳି ବର୍ଷା କେବେ ଦେଖି ନଥିଲି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ହାଓଡା ଷ୍ଟେସନ ଓ ସିଆଲଦା ୟାର୍ଡ ଜଳମଗ୍ନ ହୋଇଛି। କୋଲକାତାର ଯାଦବପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷା ଜନିତ ଗତିବିଧିକୁ ବନ୍ଦ କରିଦିଆଯାଇଛି। ପିୟରଲେସ ହସ୍ପିଟାଲରେ ବିଳମ୍ବିତ ରାତିରେ ବର୍ଷା ପାଣି ପଶିଯାଇଛି। ପଶ୍ଚିମବଙ୍ଗରେ ବୁଧବାର ପର୍ଯ୍ୟନ୍ତ ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି। ପୂର୍ବରୁ ଲୋକେ କେବେ ଏଭଳି ବର୍ଷା ଦେଖିବାକୁ ପାଇ ନଥିଲେ ବୋଲି କୋଲକାତା ମେୟର ଫିରହାସ ହାକିମ୍ କହିଛନ୍ତି। ଦେଶର ବିଭିନ୍ନ ସ୍ଥାନରେ ମଧ୍ୟ ବର୍ଷା ଦେଖିବାକୁ ମିଳିଛି। ପଞ୍ଜାବରେ ମୌସୁମୀର ବିଦାୟ ଜାରି ରହିଛି। ଅଧା ରାଜ୍ୟରୁ ମୌସୁମୀ ବିଦାୟ ନେଇ ସାରିଲାଣି। ହିମାଚଳରେ ଖରା ଦେଖିବାକୁ ମିଳିଥିଲେ ମଧ୍ୟ ଆଗାମୀ ଦୁଇଦିନରେ ପ୍ରବଳ ବର୍ଷା ହେବା ବୋଲି ସତର୍କତା ଜାରି କରାଯାଇଛି।

## ୨୩ ମାସ ପରେ ଜେଲ୍‌ରୁ ମୁକୁଳିଲେ ଆଜମ ଖାନ୍

ରାମପୁର, ୨୩।୯ (ଏଜେନ୍ସି): ଉତ୍ତରପ୍ରଦେଶ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସମାଜବାଦୀ ପାର୍ଟି ନେତା ଆଜମ ଖାନ୍ ୨୩ ମାସ ପରେ ମଙ୍ଗଳବାର ଦ୍ୱିପ୍ରହରରେ ସୀତାପୁର ଜେଲ୍‌ରୁ ଛାଡ଼ ପାଇଛନ୍ତି। ୫ ଦିନ ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ ତାଙ୍କୁ ଜାମିନ ଦେଇଥିଲେ। ତାଙ୍କ ବିରୋଧରେ ଅନ୍ତିମ ମାମଲାରେ ହିଁ ଜାମିନ ମିଳିଥିଲା। ଜାମିନ ମିଳିବା ପରେ ହିଁ ପୁଲିସ ତାଙ୍କ ନାମରେ କେତୋଟି ମାମଲାରେ ନୂଆ ଧାରା ଯୋଡିଛି। କିନ୍ତୁ ଗତ ୨୦ ତାରିଖରେ ରାମପୁର କୋର୍ଟ ଏହି ଧାରାଗୁଡିକୁ ଖାରଜ କରିଥିଲେ। ଫଳରେ ଜେଲ୍‌ରୁ ସେ ମୁକ୍ତ ହେବାର ରାସ୍ତା ସଫା ହୋଇଥିଲା। ଆଜମଙ୍କ ବିରୋଧରେ ୧୦୪ଟି ମାମଲା ରୁଜୁ ହୋଇଛି। ସେ କାର୍ ଆଗ ସିଟ୍‌ରେ ବସି ଜେଲ ବାହାରକୁ ଆସିଥିଲେ। ଦୁଇ ପୁଅ ଆଦିବ ଓ ଅବଦୁଲ୍ଲା ତାଙ୍କୁ ନେବାକୁ ଆସିଥିଲେ। ୧୦୦ଟି ଗାଡ଼ି ସହ ଆଜମଙ୍କୁ ନେଇ ଦୁଇ ପୁଅ ରାମପୁର ଯାତ୍ରା କରିଥିଲେ। ତାଙ୍କୁ ସକାଳ ୯ଟାରେ ଜେଲ୍‌ରୁ ଛଡ଼ା ଯାଇଥାନ୍ତା। କିନ୍ତୁ ଗୋଟିଏ ମାମଲାରେ ତାଙ୍କୁ ୬ ହଜାର ଟଙ୍କା ଜରିମାନା ଦେବାର ଥିଲା। ୧୦ଟାରେ କୋର୍ଟ ଖୋଲିବା ପରେ ଜରିମାନା ଦିଆଯାଇଥିଲା। ଫଳରେ ସେ ୧୨.୩୦ରେ ଜେଲ୍‌ରୁ ଛାଡ଼ ପାଇଥିଲେ। ଦୁଇ ପୁଅଙ୍କ ସମେତ ୪୦୦ କାର୍ଯ୍ୟକର୍ତ୍ତା ତାଙ୍କୁ ନେବାକୁ ଜେଲ୍ ନିକଟରେ ପହଞ୍ଚିଥିଲେ।

## କାର୍- ଟ୍ୟାଙ୍କର ଧକ୍କା; ୫ ଜିଅନ୍ତା ଜଳିଗଲେ

ଅଲିଗଡ଼, ୨୩।୯ (ଏଜେନ୍ସି): ଉତ୍ତରପ୍ରଦେଶର ଅଲିଗଡ଼ର ଜାତୀୟ ରାଜପଥରେ ମଙ୍ଗଳବାର ସକାଳେ ୫ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଜଣ ସାଙ୍ଗଙ୍କ ସମେତ ୫ ଜଣ ଜିଅନ୍ତା ଜଳିଯାଇ ପ୍ରାଣ ହରାଇଛନ୍ତି। ଅକରାବାଦ ଥାନା ଅଞ୍ଚଳରେ ଏକ କାର୍ ଓ ଟ୍ୟାଙ୍କର ମଧ୍ୟରେ ଧକ୍କା ହେବା ଫଳରେ ଏହି ଦୁର୍ଘଟଣା ଘଟିଥିଲା। ଘଣ୍ଟାପ୍ରତି ୧୦୦ କିମି ବେଗରେ ଯାଉଥିବା ଏକ ସିଏନ୍‌ଜି କାରର ଟାୟାର ଅଚାନକ ଫାଟି ଯାଇଥିଲା। ଫଳରେ ନିୟନ୍ତ୍ରଣ ହରାଇ ଏହି କାର ଡିଭାଇଡରରେ ବାଡେଇ ହୋଇ ଦ୍ୱିତୀୟ ସଡ଼କରେ ଯାଉଥିବା ଏକ ଟ୍ୟାଙ୍କରକୁ ଧକ୍କା ଦେଇଥିଲା ଓ ଏକ ବଡ଼ ବିସ୍ଫୋରଣ ହୋଇଥିଲା। ଫଳରେ ଦୁଇଟି ଗାଡ଼ି ନିଆଁରେ ଜଳି ଯାଇଥିଲା। କାର୍‌ରେ ୫ ଜଣ ଲୋକ ବସିଥିଲେ। କାର୍‌ରେ ବସିଥିବା ୪ ଲୋକ ଓ କ୍ୟାଣ୍ଟର ଡ୍ରାଇଭର ଜିଆନ୍ତା ଜଳିଯାଇଥିଲେ। ତେବେ କାର ଚଳାଉଥିବା ଯୁବକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ପାଇ ପୁଲିସ ଓ ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲେ। ୨୦-୨୫ ମିନିଟ୍‌ରେ ନିଆଁ ଲିଭାଯାଇଥିଲା। ଏହା ପରେ ପୁଲିସ ଶବ ବଦଳରେ କେବଳ କଙ୍କାଳ ଦେଖିବାକୁ ପାଇଥିଲା। ମୃତକଙ୍କ ମଧ୍ୟରେ ଦୁଇଜଣ ସମ୍ପର୍କୀୟ ଭାଇଥିଲେ।

## ୩ ମହଲା କୋଠା ଭୁଶୁଡି: ୩ ମୃତ, ୧୨ ଆହତ

ଇନ୍ଦୋର, ୨୩।୯ (ଏଜେନ୍ସି): ମଧ୍ୟପ୍ରଦେଶର ଇନ୍ଦୋର ସହରରେ ସୋମବାର ରାତି ୯ଟାରେ ଏକ ୩ ମହଲା କୋଠା ଭୁଶୁଡି ପଡ଼ିଛି। ଏଥିରେ ଜଣେ ଯୁବତୀଙ୍କ ସମେତ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ୧୨ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏମାନଙ୍କ ମଧ୍ୟରେ ଜଣେ ୩ ମାସର ଶିଶୁ ରହିଛି। ଏହି କୋଠାରେ ୪ଟି ପରିବାର ରହୁଥିଲେ। କିନ୍ତୁ ଘଟଣା ସମୟରେ ୯ ଜଣ ସେମାନଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। କିନ୍ତୁ ଏବେ ମଧ୍ୟ ତଳେ ୧୪ ଜଣ ଲୋକ ଦବି ରହିଛନ୍ତି ବୋଲି ଆଶଙ୍କା କରାଯାଉଛି। ଏହି କୋଠା ପାଖାପାଖି ୧୦ରୁ ୧୫ ବର୍ଷ ପୁରୁଣା ବୋଲି କୁହାଯାଇଛି। ବର୍ଷା କାରଣରୁ ଏହି କୋଠାରେ ଫାଟ ସୃଷ୍ଟି ହୋଇଥିଲା ଓ ପୁଣି ତଳେ ପାଣି ପଶିଯାଇଥିବାରୁ ଏହି ଦୁର୍ଘଟଣା ଘଟିଛି ବୋଲି ଅନୁମାନ କରାଯାଉଛି।

## ହନୁମାନଙ୍କୁ ନେଇ ଟ୍ରମ୍ପ ସହଯୋଗୀଙ୍କ ବିବାଦୀୟ ବୟାନ, ଆମେରିକାରେ ବିରୋଧ

ଟେକ୍‌ସାସ୍, ୨୩।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ନେତା ଆଲେକଜାଣ୍ଡର ଡନ୍‌କାନ ଭଗବାନ ହନୁମାନଙ୍କ ପ୍ରତିମା ଉପରେ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ ହନୁମାନଙ୍କୁ ମିଥ୍ୟା ଭଗବାନ ଓ ତାଙ୍କ ପ୍ରତିମାକୁ ମିଛ ବୋଲି କହିଛନ୍ତି। ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ଆମେ ଟେକ୍ସାସରେ ଏକ ମିଥ୍ୟା ଭଗବାନଙ୍କ ମିଛ ପ୍ରତିମାକୁ କାହିଁକି ସ୍ଥାପନ କରିବୁ? ଆମ ଦେଶ ଏକ ଖ୍ରୀଷ୍ଟିଆନ ଦେଶ ହୋଇଥିବାରୁ ଏହାର ଆବଶ୍ୟକତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଡନକାନଙ୍କ ଏହି ମନ୍ତବ୍ୟ ଆମେରିକାରେ ବଡ଼ ବିବାଦ ସୃଷ୍ଟି କରିଛି। ହିନ୍ଦୁ ଆମେରିକାନ ଫାଉଣ୍ଡେସନ (ଏଚ୍‌ଏଏଫ୍) ତରଫରୁ ଡନକାନଙ୍କ ମନ୍ତବ୍ୟକୁ କଡ଼ା ବିରୋଧ କରାଯାଇଛି। ଆହୁରି କେତୋଟି ସଂଗଠନ ଏହାକୁ ଧାର୍ମିକ ଆସ୍ଥା ଉପରେ ଆକ୍ରମଣ ବୋଲି କହିଛନ୍ତି ଓ ତାଙ୍କୁ କ୍ଷମା ମାଗିବାକୁ କହିଛନ୍ତି। ଆମେରିକାର ନାଗରିକମାନେ ମଧ୍ୟ ଏହାକୁ କଡ଼ା ବିରୋଧ କରି ନିନ୍ଦା କରିଛନ୍ତି। କିନ୍ତୁ ଡନ୍‌କାନଙ୍କ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ଡନକାନ ୧୩ ବର୍ଷ ପୁଲିସ ବିଭାଗରେ କାର୍ଯ୍ୟ କରିଛନ୍ତି ଓ ସେ ଟେକ୍ସାସରୁ ୨୦୨୬ରେ ଆମେରିକା ସିନେଟ ପାଇଁ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି।



ଉଲ୍ଲେଖଥାଉ କି, ଆମେରିକାର ଟେକ୍ସାସ ରାଜ୍ୟରେ ସୁଗର ଲ୍ୟାଣ୍ଡରେ ଥିବା ଅଷ୍ଟଲକ୍ଷ୍ମୀ ମନ୍ଦିରରେ ଭଗବାନ ହନୁମାନଙ୍କର ଏକ ୯୦ ଫୁଟ ଉଚ୍ଚର ମୂର୍ତ୍ତି ସ୍ଥାପନ କରାଯାଇଛି। ଏହାକୁ 'ଷ୍ଟାଚ୍ୟୁ ଅଫ୍ ୟୁନିୟନ' ବୋଲି କୁହାଯାଉଛି। ଏହା ବିଦେଶରେ ଥିବା ସବୁଠାରୁ ଉଚ୍ଚ ହନୁମାନ ପ୍ରତିମା। ପଦ୍ମଫୁଲ ଉପରେ ସ୍ଥାପିତ ଏହି ପ୍ରତିମାର ଓଜନ ୯୦ ଟନ ଓ ୫ଟି ଧାତୁକୁ ମିଶାଇ ଏହାର ନିର୍ମାଣ ହୋଇଛି। ହନୁମାନ ଅଭୟ ମୁଦ୍ରାରେ ରହି ଗୋଟିଏ ହାତ ଆଗକୁ ରଖିବା ସହ ଅନ୍ୟ ହାତରେ ଗଦା ଧରିଛନ୍ତି। ଷ୍ଟାଚ୍ୟୁ ଅଫ ଲିବର୍ଟି (୧୫୧ ଫୁଟ) ଓ ପେଗାସସ ଆଣ୍ଡ ଡ୍ରାଗନ (୧୧୦ ଫୁଟ) ପରେ ଏହି ହନୁମାନ ପ୍ରତିମା ଆମେରିକାର ତୃତୀୟ ଉଚ୍ଚତମ ମୂର୍ତ୍ତୀ ଭାବେ ପରିଗଣିତ ହେଉଛି। ଏହି ମୂର୍ତ୍ତିର ସ୍ଥାପନ ପାଇଁ ଅଗଷ୍ଟ ୧୫ ଓ ୧୮ ରେ ୩ ଦିନଧରି ପ୍ରାଣ ପ୍ରତିଷ୍ଠା ସମାରୋହ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ହଜାର ହଜାର ଲୋକ ସାମିଲ ହୋଇଥିଲେ।

## ମୁଁ ଯୁଦ୍ଧ ବନ୍ଦ କରିଛି; ଜାତିସଂଘ ଫେଲ୍ ମାରିଛି: ଟ୍ରମ୍ପ



ୱାସିଂଟନ, ୨୩।୯ (ଏଜେନ୍ସି): ମୁଁ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବାର ୭ ମାସ ମଧ୍ୟରେ ୭ଟି ବଡ଼ ବଡ଼ ଯୁଦ୍ଧ ବନ୍ଦ କରିଛି। ଏଥିରେ ଭାରତ-ପାକିସ୍ତାନ ଯୁଦ୍ଧ ରହିଛି। ମୋ ଭଳି ଏମିତି ଉଦ୍ୟମ ବିଶ୍ୱର କୌଣସି ନେତା କରି ନାହାନ୍ତି। ତେଣୁ ମୋତେ ନୋବେଲ ଶାନ୍ତି ପୁରସ୍କାର ମିଳିବା ଉଚିତ। ଆଜି ଜାତିସଂଘର ମହାସଭାରେ ଉଦବୋଧନ ଦେଇ ଏହା କହିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ। ଜାତିସଂଘର ତୀବ୍ର ସମାଲୋଚନା କରି ସେ କହିଲେ ଯେ ସଂଗଠନ ସବୁ କ୍ଷେତ୍ରରେ ବିଫଳ ରହିଛି। ଯେଉଁ କାମ ଜାତିସଂଘ କରିବା କଥା, ତାହା ମୁଁ କରୁଛି। ଖାଲି ଫମ୍ପା ଶବ୍ଦରେ କାମ ହୁଏନି।

ଭାରତ- ପାକିସ୍ତାନ ଯୁଦ୍ଧକୁ ସେ ରୋକିଥିଲେ ବୋଲି ପୁଣି ଥରେ ଦୋହରାଇ ଟ୍ରମ୍ପ କହିଲେ, ମୋଟ ଉପରେ ୭ଟି ଯୁଦ୍ଧକୁ ରୋକିବାରେ ସଫଳ ହୋଇଛନ୍ତି। ଅନ୍ୟ ଯୁଦ୍ଧଗୁଡ଼ିକ ହେଲା କାମ୍ବୋଡିଆ- ଥାଇଲାଣ୍ଡ, କୋସୋଭା- ସର୍ବିଆ, କଙ୍ଗୋ- ରୁୱାଣ୍ଡା, ଇସ୍ରାଏଲ- ଇରାନ, ମିଶର- ଇଥିଓପିଆ, ଆର୍ମେନିଆ- ଆଜରବୈଜାନ। ରୁଷ-ୟୁକ୍ରେନ ଯୁଦ୍ଧ ପାଇଁ ପୁଣିଥରେ ଭାରତ ଓ ଚୀନକୁ ଦୋଷ ଦେଇ ଟ୍ରମ୍ପ କହିଲେ ଯେ ଏମାନେ ରୁଷ ଠାରୁ ତେଲ କିଣି ଯୁଦ୍ଧ ପାଇଁ ପାଣ୍ଠି ଯୋଗାଉଛନ୍ତି। ଏହାସହିତ ସେ ଅନେକ ୟୁରୋପୀୟ ଦେଶ ଓ ନୋଟା ରାଷ୍ଟ୍ରଙ୍କୁ ମଧ୍ୟ ସମାଲୋଚନା କରି କହିଲେ ଯେ ଏମାନେ ମଧ୍ୟ ରୁଷ ଠାରୁ ତେଲ କିଣୁଛନ୍ତି। ତାଙ୍କର ଇମିଗ୍ରେସନ ନୀତି ସଂପର୍କରେ ଟ୍ରମ୍ପ କହିଲେ ଯେ ଅବୈଧ ଭାବେ ଆମେରିକାରେ ପ୍ରବେଶ କଲେ ପରିଣତି ଭୟଙ୍କର ହେବ। ଏବେ ଆମେରିକାରେ ସ୍ୱର୍ଣ୍ଣିମ ଯୁଗ ଚାଲିଛି ବୋଲି ସେ କହିଥିଲେ। ଭାଷଣ ଆରମ୍ଭରେ ତାଙ୍କ ଟେଲିପ୍ରିଣ୍ଟର କାର୍ଯ୍ୟ କରିବା ବନ୍ଦ କରିଥିଲା। ତେଣୁ ମୁଁ ହୃଦୟରୁ କହୁଛି ବୋଲି ସେ କହିଥିଲେ।

## ୯ ଟି ଦେଶକୁ ଭିସା ଦେବନାହିଁ ୟୁଏଇ

ଆବୁଧାବି, ୨୩।୯ (ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଭିସା ପ୍ରଦାନ ନେଇ ଏକ ବଡ଼ ନିଷ୍ପତ୍ତି ନେଇଛି। ଭାରତର ଦୁଇ ପଡୋଶୀ ଦେଶ ବାଂଲାଦେଶ, ଆଫଗାନିସ୍ତାନ ସମେତ ୯ଟି ଦେଶକୁ ପର୍ଯ୍ୟଟନ ଓ ୱାର୍କ ଭିସା ପ୍ରଦାନକୁ ୟୁଏଇ ଅସ୍ଥାୟୀ ଭାବେ ପ୍ରତିବନ୍ଧ ଲଗାଇଛି। ଏହି ଦେଶଗୁଡିକ ହେଲା ଆଫଗାନିସ୍ତାନ, ବାଂଲାଦେଶ, ଲିବ୍ୟା, ୟେମେନ, ସୋମାଲିଆ, ଲେବାନନ, କାମେରୁନ, ସୁଦାନ ଓ ୟୁଗାଣ୍ଡା। ଏବେ ଏହି ୯ଟି ଦେଶର ନାଗରିକ ୟୁଏଇ ଭିସା ପାଇଁ ଆବେଦନ କରିପାରିବେ ନାହିଁ। କିନ୍ତୁ ଏହି ଦେଶଗୁଡିକର ନାଗରିକଙ୍କ ପାଖରେ ଯଦି ବୈଧ ଭିସା ଥିବ ତେବେ ସେମାନେ ୟୁଏଇ ଯାତ୍ରା କରିବାରେ କୌଣସି ଅସୁବିଧା ନାହିଁ ବୋଲି କୁହାଯାଇଛି। ଯେଉଁମାନେ ଆଇନ୍ ଅନୁସାରେ ପୂର୍ବରୁ ଦେଶରେ ରହିଛନ୍ତି ସେମୋନ ପୂର୍ବପରି କାର୍ଯ୍ୟ ଜାରି ରଖିପାରିବେ। ତେବେ କେଉଁ କାରଣରୁ ଏହି ଭିସା ପ୍ରତିବନ୍ଧକ ଲାଗୁ କରାଯାଇଛି ସେ ନେଇ ୟୁଏଇ ତରଫରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। କିନ୍ତୁ ରାଷ୍ଟ୍ରୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଅନୁମାନ କରାଯାଉଛି।

## ବିମାନର ଲ୍ୟାଣ୍ଡିଂ ଗିୟରରେ ଲୁଚି ଦିଲ୍ଲୀ ଆସିଲେ ଆଫଗାନ ବାଳକ



କାବୁଲ/ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ଆଫଗାନିସ୍ତାନର ଜଣେ ୧୩ ବର୍ଷୀୟ ବାଳକ ଅଜବ କାଣ୍ଡ ଘଟାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ସେ ଏକ ବିମାନର ଲ୍ୟାଣ୍ଡିଂ ଗିୟରରେ ଲୁଚି ଭାରତ ଆସିବାରେ ସଫଳ ହୋଇଛନ୍ତି। ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ସେପ୍ଟେମ୍ବର ୨୧ ଅର୍ଥାତ ରବିବାର ଏହି ଘଟଣା ଘଟିଛି। କାବୁଲର ହାମିଦ କରଜାୟୀ ବିମାନ ବନ୍ଦରରେ ଭାରତୀୟ ସମୟ ସକାଳ ୮.୪୬ରେ କେଏଏମ୍ ଏୟାରଲାଇନ୍ସର ଫ୍ଲାଇଟ୍ ଆରକ୍ୟୁ-୪୪୦୧ ଟେକ୍‌ଅଫ୍ କରିଥିଲା ଓ ୧୦.୨୦ରେ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୩ ନଂ ଟର୍ମିନାଲରେ ଅବତରଣ କରିଥିଲା।

କିନ୍ତୁ ବିମାନ ପାଖରେ ଜଣେ ବାଳକକୁ ବୁଲୁଥିବାର ଏୟାରଲାଇନ୍ କର୍ମଚାରୀ ଦେଖିବାକୁ ପାଇଥିଲେ। ତୁରନ୍ତ ଏ ନେଇ ଅଧିକାରୀମାନଙ୍କୁ ସୂଚନା ଦିଆଯାଇଥିଲା। ଏହାପରେ ସିଆଇଏସ୍‌ଏଫ୍ ଏହି ବାଳକକୁ ନେଇ ପୁଲିସକୁ ହସ୍ତାନ୍ତର କରିଥିଲେ। ବିମାନର ଲାଣ୍ଡିଂ ଗିୟରରେ ରହି ଆସିଲେ କିପରି ଲାଗୁଛି ତାହା ସେ ଦେଖିବାକୁ ଚାହୁଁଥିଲେ ବୋଲି ବାଳକ ଜଣକ ପୁଲିସକୁ କହିଥିଲା। ତେଣୁ ଜିଜ୍ଞାସା ପାଇଁ ସେ ଏପରି କରିଛନ୍ତି ବୋଲି ପୁଲିସ ହୃଦୟଙ୍ଗମ କରିଥିଲା। ଏହି ବାଳକ ଆଫଗାନିସ୍ତାନର କୁନ୍ଦୁଜ ସହରରେ ନିଜ ପରିବାର ସହ ରୁହନ୍ତି। ସୋମବାର କାବୁଲ ବିମାନ ବନ୍ଦରରେ ଏହି ବାଳକ କୌଣସି ପ୍ରକାର ପଶିଆସି ବିମାନ ପଛ ଭାଗରେ ଥିବା ଲ୍ୟାଣ୍ଡିଂ ଗିୟର କମ୍ପାର୍ଟମେଣ୍ଟରେ ପଶିବାକୁ ସକ୍ଷମ ହୋଇଥିଲେ। ବିମାନର ପୂରା ଯାଞ୍ଚ କରିବା ପରେ ସେହି ଦିନ ଏହି ବାଳକକୁ ସେହି ବିମାନରେ ଆଫଗାନିସ୍ତାନ ପଠାଇ ଦିଆଯାଇଥିଲା। କିନ୍ତୁ ସେ କିପରି ବଞ୍ଚି ରହିଲେ ସେ ନେଇ ବିଭିନ୍ନ ଏଜେନ୍ସି ଚକିତ ହୋଇଛନ୍ତି। ବିମାନର ଚକ ପାଖରେ ଲୁଚି କରି ଆସିବା ନିହାତି ବିପଜ୍ଜନକ ବୋଲି ପ୍ରତିରକ୍ଷା ବିଶେଷଜ୍ଞ କୁହନ୍ତି। ପୁଣି ୩୦ ହଜାର ଫୁଟ ଉଚ୍ଚରେ -୪୦ରୁ ୬୦ ଡିଗ୍ରୀ ତାପମାତ୍ରାରେ ଓ ଅମ୍ଳଯାନ ଅଭାବରେ ଏହି ବାଳକ କିଭଳି ବଞ୍ଚି ରହିଲା ତାହା ସମସ୍ତଙ୍କୁ ଚକିତ କରିଛି। ଉଲ୍ଲେଖଥାଉ କି, ୪ ବର୍ଷ ତଳେ ତାଲିବାନ ଯେତେବେଳେ ଆଫଗାନିସ୍ତାନ ଶାସନ ହାତକୁ ନେଇଥିଲା, ସେତେବେଳେ କେତେ ଲୋକ ଦେଶ ଛାଡ଼ିବା ପାଇଁ ବିମାନ ବନ୍ଦରରେ ପଶି ବିମାନର ଚକରେ ଓହଳି ଦେଶ ବାହରକୁ ଯିବା ପାଇଁ ପ୍ରୟାସ କରିଥିଲେ।

## ଅବୈଧ ସମ୍ପର୍କ ଅପରାଧ ନୁହଁ, କିନ୍ତୁ ପରିଣତି ଭୟଙ୍କର: ହାଇକୋର୍ଟ

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ବିବାହତ୍ତୋର ତଥା ଅବୈଧ ସମ୍ପର୍କ ବା ବ୍ୟଭିଚାର ନେଇ ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ବ୍ୟଭିଚାର କୌଣସି ଅପରାଧ ନୁ।।ହେଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ତେବେ ଏହି ସମ୍ପର୍କ ବୈବାହିକ ଜୀବନକୁ ନଷ୍ଟ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। ଏହାର ପରିଣତି ମଧ୍ୟ ଭୟଙ୍କର। ଏହା ଦ୍ୱାରା ବିବାହ ବିଚ୍ଛେଦ ଓ ଅନ୍ୟ ଅପରାଧ ଭଳି ଚରମ ନିଷ୍ପତ୍ତି ନିଆଯିବାର ଅବକାଶ ସୃଷ୍ଟି କରିଥାଏ ବୋଲି କୋର୍ଟ କହିଛନ୍ତି। ପତି ଓ ପତ୍ନୀଙ୍କ ବୈବାହିକ ସମ୍ପର୍କରେ ବିଶ୍ୱାସ ହିଁ ମୂଳଦୁଆ ଭଳି କାମ କରିଥାଏ। ଯଦି ବିଶ୍ୱାସ ଭାଙ୍ଗିଯାଏ ତେବେ ବିବାହ ଭାଙ୍ଗି ଯାଇଥାଏ। ଜଷ୍ଟିସ ପୁରୁଷେନ୍ଦ୍ର କୌରଙ୍କ ଖଣ୍ଡପୀଠ କହିଛନ୍ତି ଯେ ଯଦି କୌଣସି ତୃତୀୟ ପକ୍ଷ ବା ବ୍ୟକ୍ତିଙ୍କ ଲାଗି ପତି- ପତ୍ନୀଙ୍କ ସମ୍ପର୍କରେ ପ୍ରଭାବିତ ହୁଏ, ତେବେ ପ୍ରଭାବିତ ପକ୍ଷ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିପାରିବେ ଅବଶ୍ୟ ପୂର୍ବରୁ ସୁପ୍ରିମକୋର୍ଟ ଏ ନେଇ ତାଙ୍କ ରାୟ ୨୦୧୮ ରେ ଦେଇସାରିଛନ୍ତି। ଅବୈଧ ସମ୍ପର୍କୁ ଅପରାଧ କହିବା ଅଣସାମ୍ବିଧାନିକ ବୋଲି କୋର୍ଟ ସେତେବେଳେ କହିଥିଲେ।




## ସାର ଅଭାବ ଓ କଳାବଜାର
# କିଷାନ କଂଗ୍ରେସ ଘେରିଲା ବିଧାନସଭା

ଭୁବନେଶ୍ୱର,୨୩।୯ (ସମିସ): ସାରା ରାଜ୍ୟରେ ସାର ଅଭାବ ଓ କଳାବଜାରୀ ପାଇଁ ଚାଷୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ଚାଷୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ସୃଷ୍ଟି ହେବା ସହିତ ସାର ଅଭାବ ଯୋଗୁଁ ଚାଷୀ ହତାଶ ଓ ଆତଙ୍କିତ ହୋଇ ପଡ଼ିଛନ୍ତି। ସରକାରଙ୍କ ସାର ବିତରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଫେଲ। ଚାଷୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ସରକାର ଚାଷୀଙ୍କ ସମସ୍ୟା ପ୍ରତି ମୋଟେ କର୍ଣ୍ଣପାତ କରୁ ନାହାନ୍ତି। ରାଜ୍ୟରେ ସାର ଅଭାବ, କଳାବଜାରୀ ଓ ସରକାରଙ୍କ ଅପାରଗତା ଆଦିକୁ ପ୍ରସଙ୍ଗ କରି ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଏକ ବିରାଟ ରାଲି ଏବଂ ବିଧାନସଭା ଘେରାଉ କରାଯାଇଛି। ଶହ ଶହ କଂଗ୍ରେସ କର୍ମୀ ସମାବେଶରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।




କିଷାନ କଂଗ୍ରେସ ଅଭିଯୋଗ ଅନୁସାରେ ରାଜ୍ୟରେ ବିଶେଷତଃ ୟୁରିଆ ସାରର ଘୋର ଅଭାବ ଏବଂ କଳାବଜାରୀ ଦେଖାଯାଇଛି। ସମବାୟ ସଂସ୍ଥା ଓ ମାର୍କଫେଡ୍‌ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏଇ ସଂସ୍ଥା ଦ୍ୱୟ ଓ ସରକାରଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଚାଲିଛି। ସରକାର କହୁଛନ୍ତି ଲକ୍ଷ ଲକ୍ଷ ଟଙ୍କାର ସାର ଗଚ୍ଛିତ ଅଛି; କିନ୍ତୁ ଏପଟେ ଚାଷୀଙ୍କୁ ସାର ନ ମିଳିବା ଆଶ୍ଚର୍ଯ୍ୟ କରୁଛି। ସାର ପାଇଁ ଚାଷୀ ଦିନ ଦିନ ରାତିରାତି ଅଧିଆ ପଡୁଛି। ରୁଆ ବେଉଷଣ ସମୟରେ ଏବଂ ଯେତେବେଳେ ଯେଉଁ ସାର ଆବଶ୍ୟକ ସେଇ ସମୟରେ ଚାଷୀଙ୍କୁ ସାର ନ ମିଳବା ଅତ୍ୟନ୍ତ ଦୁଃଖଦାୟକ ବୋଲି କିଷାନ କଂଗ୍ରେସ କହିଛି। ତେଣୁ କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି, ସରକାର ତୁରନ୍ତ ଆଧାର ଏବଂ ଜମି ପରିମାଣ ଅନୁଯାୟୀ ଚାଷୀ ଓ ଭାଗଚାଷୀଙ୍କୁ ସାର ବଣ୍ଟନ କରନ୍ତୁ। ଥୋଡ଼ ଧରିବା ସମୟରେ ଯେଉଁ ସାରର ଆବଶ୍ୟକତା ଅଛି ତାହା ସରକାର ତୁରନ୍ତ ପ୍ରଦାନ କରନ୍ତୁ ବୋଲି ଦଳ ଦାବି କରିଛି। ଯଦି ସରକାର ଚାଷୀଙ୍କ ନାଯ୍ୟ ଦାବି ପୂରଣ କରିବେନି ତେବେ ଆନ୍ଦୋଳନ ଗ୍ରାମାଭିମୁଖୀ ହେବ ଓ କ୍ଷତିଗ୍ରସ୍ତ ଚାଷୀଙ୍କ ନେତୃତ୍ୱ କିଷାନ କଂଗ୍ରେସ ନେଇ ଗାଁ ଗଣ୍ଡାରେ ବ୍ୟାପକ ଆନ୍ଦୋଳନ କରିବ ବୋଲି କିଷାନ କଂଗ୍ରେସ ଚେତାବନୀ ଦେଇଛି।

ବିଧାନସଭା ଘେରାଉ ପାଇଁ କିଷାନ କଂଗ୍ରେସ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିବା ସମୟରେ କିଷାନ କଂଗ୍ରେସ ସଭାପତି ଅଭୟ ସାହୁ, ଉପସଭାପତି ଅରୁଣ ଜେନା, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟଙ୍କ ସମେତ ପ୍ରମୁଖ ନେତାମାନଙ୍କୁ ଗିରଫ ପୁଲିସ ଗିରଫ କରିଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶରତ ରାଉତ, ପୂର୍ବତନ ବିଧାୟକ ସୁରେଶ ରାଉତରାୟ ଏବଂ କିଷାନ କଂଗ୍ରେସ କେନ୍ଦ୍ରୀୟ ସଂଯୋଜକ ଅମୀୟ ପଟ୍ଟନାୟକଙ୍କ ସହିତ ରାଜ୍ୟର ସମସ୍ତ ସ୍ଥାନରୁ ଆସିଥିବା କିଷାନ କଂଗ୍ରେସର ବରିଷ୍ଠ ନେତାମାନେ ଅଂଶଗ୍ରହଣ କରିଥିଲେ।

## ସରକାରୀ ସ୍କୁଲରେ ଅବସରପ୍ରାପ୍ତ ଅତିଥି ଶିକ୍ଷକ ନିଯୁକ୍ତିକୁ ଚାଲେଞ୍ଜ
# ରାଜ୍ୟ ସରକାରଙ୍କୁ ଜବାବ ତଲବ

କଟକ, ୨୩।୯ (ସମିସ): ସରକାରୀ ସ୍କୁଲଗୁଡ଼ିକରେ ବେକାର ଯୁବକ ଯୁବତୀଙ୍କୁ ଶିକ୍ଷକ ନିଯୁକ୍ତି କରିବା ବଦଳରେ ରାଜ୍ୟ ସରକାର ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରିବା ପାଇଁ ଗ୍ରହଣ କରିଥିବା ନିଷ୍ପତ୍ତିକୁ ଚାଲେଞ୍ଜ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ହାଇକୋର୍ଟ ଏହି ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିବା ସହ ଜବାବ ତଲବ କରିଛନ୍ତି। ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ କେତେ ଶିକ୍ଷକ ପଦବି ଖାଲିପଡ଼ିଛି, ସେ ସଂପର୍କରେ ସତ୍ୟପାଠ ଜରିଆରେ ତଥ୍ୟ ଦାଖଲ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅର୍ପିତା ପ୍ରିୟଦର୍ଶିନୀ ଓ ଅନ୍ୟ ତିନି ଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଶିକ୍ଷାନୁଷ୍ଠାନଗୁଡ଼ିକରେ ଖାଲି ପଡ଼ିଥିବା ପଦବିଗୁଡ଼ିକ ପୂରଣ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି, ସେନେଇ ଅବଗତ କରିବାକୁ ହାଇକୋର୍ଟ କହିଛନ୍ତି। ଅକ୍ଟୋବର ୮କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ରାଜ୍ୟର ବିଭିନ୍ନ ସରକାରୀ, ଅନୁଦାନପ୍ରାପ୍ତ, ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ଓ ସଂସ୍କୃତ ଟୋଲଗୁଡ଼ିକରେ ୬୩୮୭ ଅତିଥି ଶିକ୍ଷକଙ୍କ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେବା ପାଇଁ ୨୦୨୫ ଅଗଷ୍ଟ ୧ର ଗଣଶିକ୍ଷା ବିଭାଗ ଚିଠିରେ କୁହାଯାଇଥିଲା। ନିୟମିତ ଶିକ୍ଷକ ନିଯୁକ୍ତ ନ କରି ଏପରି ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯିବା ଦ୍ୱାରା ବେକାର ଯୁବକ/ଯୁବତୀ ନିରାଶ ହେବେ ବୋଲି ଦର୍ଶାଇ ଏହି ମାମଲା ହାଇକୋର୍ଟରେ ଦାୟର ହୋଇଛି। ଏପରି ସରକାରୀ ନିଷ୍ପତ୍ତି ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

## ସାର ଯୋଗାଣରେ ଅବ୍ୟବସ୍ଥାକୁ ନେଇ ଚାଷୀ ଅସନ୍ତୋଷ
# ସମିତିରେ ଧସେଇ ପଶି ବସ୍ତାବସ୍ତା ସାର ବୋହିଲେ



ସାନଖେମୁଣ୍ଡି, ୨୩।୯ (ସମିସ): ସମବାୟ କେନ୍ଦ୍ରରେ ଧସେଇ ପଶିବା ସହ ପୁଲିସ ଉପସ୍ଥିତିରେ ବସ୍ତା ବସ୍ତା ସାର ବୋହିନେଲେ ଚାଷୀ। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ମୌଳାଭଞ୍ଜା ସେବା ସମବାୟ ସମିତିରେ ଆଜି ଏପରି ଦୃଶ୍ୟ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ସାରା ରାଜ୍ୟରେ ୟୁରିଆର ଘୋର୍ ଅଭାବ ଦେଖା ଦେଇଥିବା ବେଳେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ଚାଷୀ ଅସନ୍ତୋଷର ଚିତ୍ର ସାମ୍ନାକୁ ଆସୁଛି। ଏଥିରୁ ଗଞ୍ଜାମ ଜିଲ୍ଲା ମଧ୍ୟ ବାଦ୍ ପଡ଼ିନାହିଁ। ସାନଖେମୁଣ୍ଡି ବ୍ଲକ୍ ମୌଳାଭଞ୍ଜା ସେବା ସମବାୟ ସମିତିରେ ଚାଷୀଙ୍କୁ ସାର ମିଳୁନଥିବାରୁ କିଛି ଦିନ ତଳେ ଚାଷୀଙ୍କ ମଧ୍ୟରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଇଥିଲା। ଉତ୍ୟକ୍ତ ଚାଷୀ ଗଞ୍ଜାମ-ଗଜପତି ଜାତୀୟ ରାଜପଥକୁ ଅବରୋଧ

### ପୁଲିସ, ସଂପାଦକ ଜଲକା

କରିଥିଲେ। ସେତେବେଳେ ପୁଲିସ ସେମାନଙ୍କୁ ବୁଝାସୁଝା କରି ହଟାଇ ଦେଇଥିଲା। ପରେ ପୁଣି ଚାଷୀମାନେ ସେବା ସମବାୟ ସମିତି ଅଫିସ୍ ଆଗରେ ପ୍ରତିବାଦ କରିଥିଲେ। ତଥାପି ସେମାନଙ୍କୁ ସାର ମିଳିନଥିଲା। ତେବେ ଆଜି ପୁଣି ଚାଷୀମାନେ ଏକାଠି ହୋଇ ସମିତି ଅଫିସ୍ ଆଗରେ ହୋହଲ୍ଲା କରିଥିଲେ। ସମିତିରେ ସାର ଥାଇ ମଧ୍ୟ ଚାଷୀଙ୍କୁ ଦିଆଯାଉନାହିଁ ବୋଲି ଅଭିଯୋଗ କରିଥିଲେ। ଏପରିକି, ସମବାୟ ସମ୍ପାଦକ ଓ ସଭାପତି ସାରଗୁଡ଼ିକୁ କଳାବାଜରରେ ବିକ୍ରି କରୁଛନ୍ତି ଏବଂ ବିଳମ୍ବିତ ରାତିରେ ନିଜର ଲୋକଙ୍କୁ ଡକାଇ ସାର ଦେଉଛନ୍ତି ବୋଲି ସାଂଘାତିକ ଅଭିଯୋଗ କରିଥିଲେ। ପରେ ସେମାନେ ସମବାୟ କେନ୍ଦ୍ରରେ ଧସେଇ ପଶି ପୁଲିସ ଉପସ୍ଥିତିରେ ବସ୍ତା ବସ୍ତା ସାର ବୋହି ନେଇଥିଲେ। ସମିତି ସମ୍ପାଦକ ଓ ପୁଲିସ ସବୁ ଦେଖିଥିଲେ ହେଁ ଚାଷୀଙ୍କୁ ଅଟକାଇପାରି ନଥିଲେ।

## ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ
# 'ପୁଷ୍କରା' ଶ୍ରେଷ୍ଠ ଫିଚର୍ ଫିଲ୍ମ
### 'ସି ଆଣ୍ଡ ସେଭେନ୍ ଭିଲେଜେସ୍' ଓ 'ମୋ ବୋଉ ମୋ ଗାଁ' ପୁରସ୍କୃତ

ଭୁବନେଶ୍ୱର, ୨୩।୯ (ସମିସ): ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କରା'କୁ ଶ୍ରେଷ୍ଠ ଫିଚର୍ ଚଳଚ୍ଚିତ୍ର ପୁରସ୍କାର ମିଳିଥିବା ବେଳେ ହିମାଂଶୁ ଶେଖର ଖଟୁଆଙ୍କ ନିର୍ଦ୍ଦେଶିତ ପ୍ରାମାଣିକ ଚଳଚ୍ଚିତ୍ର 'ସି ଆଣ୍ଡ ସେଭେନ୍ ଭିଲେଜେସ୍'କୁ ଅଣଫିଚର୍ ଚଳଚ୍ଚିତ୍ର ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ସୁବାସ ସାହୁଙ୍କ ନିର୍ଦ୍ଦେଶିତ ଇତିହାସ ଆଧାରିତ ଚଳଚ୍ଚିତ୍ର 'ମୋ ବୋଉ ମୋ ଗାଁ'କୁ ମଧ୍ୟ ରାଷ୍ଟ୍ରପତି ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି।





ତରଙ୍ଗ ସିନେ ପ୍ରଡକସନ୍ସ ନିବେଦିତ ତଥା ଶୁଭ୍ରାଂଶୁ ଦାଶଙ୍କ ନିର୍ଦ୍ଦେଶିତ 'ପୁଷ୍କରା'ରେ ମୁଖ୍ୟ ଚରିତ୍ରରେ ସବ୍ୟସାଚୀ ମିଶ୍ରଙ୍କ ନିଚ୍ଛକ ଅଭିନୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ସେହିପରି ଚଳଚ୍ଚିତ୍ରରେ ଓଲିଉଡ୍ ନାୟିକା ସୁପ୍ରିୟାଙ୍କ ଦମଦାର ଅଭିନୟ ମଧ୍ୟ ବେଶ୍ ପ୍ରଶଂସା ସାଉଁଟିଛି। ଅନ୍ୟମାନଙ୍କ ମଧ୍ୟରେ ଚୌଧୁରୀ ବିକାଶ ଦାସ, ଅଶ୍ରୁମୋଚନ ମହାନ୍ତି ମଧ୍ୟ ଅଭିନୟ କରିଛନ୍ତି। ପ୍ରଖ୍ୟାତ ନାଟ୍ୟକାର ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ 'ନାଦବିନ୍ଦୁ' ଉପରେ ଆଧାରିତ। ସିନେମାରେ ପୁରୀର ଜାଗାଘର, ସାହିଯାତ ଓ ଡଙ୍ଗାଭସା ଭଳି ମୌଳିକ ପରମ୍ପରାକୁ ନିଖୁଣ ଶୈଳୀରେ ଉପସ୍ଥାପନ କରାଯାଇଛି।

ସେହିପରି କାଦମ୍ବିନୀ ମିଡିଆ ପ୍ରଯୋଜିତ 'ସି ଆଣ୍ଡ ସେଭେନ୍ ଭିଲେଜେସ୍' ପ୍ରାମାଣିକ ଚଳଚ୍ଚିତ୍ର ଜଳବାୟୁ ପରିବର୍ତ୍ତନ ଓ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ତହସିଲ ଅନ୍ତର୍ଗତ ସାତଭାୟା ଉପରେ ପର୍ଯ୍ୟବସିତ। ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ଲାଭ କରିଥିବା ଏହି ଚଳଚ୍ଚିତ୍ରଟି ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ହିମାଂଶୁ ଖଟୁଆଙ୍କ ଗବେଷଣା ଉପରେ ଆଧାରିତ। ଏଥିରେ ସାତଭାୟା ଗାଁର ବାସିନ୍ଦାଙ୍କ ଜୀବନ ଓ ସଂଘର୍ଷ ଚିତ୍ରିତ ହୋଇଥିଲା। ଏହାର ପ୍ରଯୋଜନା କରିଥିଲେ ଇତି ସାମନ୍ତ।

■ ଦଳ ବିରୋଧୀ କାର୍ଯ୍ୟ ପାଇଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ
# ଶ୍ରୀମୟୀ ମିଶ୍ରଙ୍କ ସହ ୨ ନେତା ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର, ୨୩।୯ (ସମିସ): ଦଳବିରୋଧୀ କାର୍ଯ୍ୟରେ ସଂପୃକ୍ତି ପାଇଁ ମଙ୍ଗଳବାର ବିଜେଡି ୨ଜଣ ନେତା ଏବଂ ଜଣେ ନେତ୍ରୀଙ୍କୁ ଦଳରୁ ନିଲମ୍ବନ କରିଛି। ସେମାନେ ହେଲେ, ବିଜେଡି ସାଧାରଣ ସମ୍ପାଦକ (ମହିଳା ବ୍ୟାପାର) ଶ୍ରୀମୟୀ ମିଶ୍ର, ମୟୂରଭଞ୍ଜ କପ୍ତିପଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାଏ ଓ ମୟୂରଭଞ୍ଜର ପୂର୍ବତନ ଜିଲ୍ଲା ସମ୍ପାଦକ ପ୍ରବୀର ଚନ୍ଦ୍ର ସାଏ। ଉପରୋକ୍ତ ୩ ନେତାଙ୍କୁ ଦଳ ପକ୍ଷରୁ ନିଲମ୍ବନ ନେଇ ଦଳ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ହସ୍ପିଟାଲରୁ ଡିସ୍‌ଚାର୍ଜ ହେଲେ ବୁଦ୍ଧାଦିତ୍ୟ

ଭୁବନେଶ୍ୱର,୨୩।୯ (ସମିସ): ଗୁରୁତର ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଓଲିଉଡ୍ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ଆଜି ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। ତାଙ୍କ ଫୁସଫୁସ୍‌ରେ ସଂକ୍ରମଣ ଥିବାରୁ ଘରେ ରହି ନିୟମିତ ଔଷଧ ନେବା ସହ ଆରାମ କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି। ସୂଚନାନୁସାରେ, ପାଖାପାଖି ୮ଦିନ ତଳେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ବୁଦ୍ଧାଦିତ୍ୟ। ଫୁସଫୁସ୍ ସଂକ୍ରମଣ ଜନିତ ରୋଗରେ ସେ ପୀଡ଼ିତ ଥିଲେ।

# ରତ୍ନଭଣ୍ଡାରକୁ ଫେରିଲା ମହାପ୍ରଭୁଙ୍କ ଅଳଙ୍କାର

ପୁରୀ,୨୩।୯ (ସମିସ): ରତ୍ନଭଣ୍ଡାରକୁ ଫେରିଛି ମହାପ୍ରଭୁଙ୍କ ରତ୍ନାଳଙ୍କାର। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଆଜି ସକାଳ ୧୦ଟା ୫୫ରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ମହାପ୍ରଭୁଙ୍କ ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ସ୍ଥାନାନ୍ତର କରାଯାଇଛି। ଏହି ସ୍ଥାନାନ୍ତର ପ୍ରକ୍ରିୟା ଅପରାହ୍ନ ୨ଟା ୫୫ ପର୍ଯ୍ୟନ୍ତ, ୪ ଘଣ୍ଟା ଧରି ଚାଲିଥିଲା।



■ ୪ ଘଣ୍ଟାରେ ଶେଷ ହେଲା ସ୍ଥାନାନ୍ତର ପ୍ରକ୍ରିୟା
■ ଟ୍ରେଜେରୀରେ ରହିଲା ଭିତର ଭଣ୍ଡାରର ଚାବି
■ ରାଜ୍ୟ ସରକାରଙ୍କ ଅନୁମୋଦନରେ ଗଣତିମଣତି ହେବ

ରତ୍ନଭଣ୍ଡାର କମିଟି ଓ ଉଚ୍ଚସ୍ତରୀୟ କମିଟିର ୧୧ଜଣିଆ ସଦସ୍ୟ ପାରମ୍ପରିକ ପୋଷାକ ପରିଧାନ କରି ଶ୍ରୀମନ୍ଦିର ଜଗମୋହନକୁ ପ୍ରବେଶ କରିଥିଲେ। ଏହି କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି, ଏଏସ୍‌ଆଇ ଅଧିକାରୀ, ରତ୍ନଭଣ୍ଡାର ସବ୍ କମିଟି ସଦସ୍ୟ, ଦେଉଳ କରଣ, ତଢ଼ଉ କରଣ, ଭଣ୍ଡାର ମେକାପ, ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ ଜଷ୍ଟିସ୍ ବିଶ୍ୱନାଥ ରଥ ଓ ମଧୁସୂଦନ ସିଂହାରୀ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ପ୍ରମୁଖ ରହିଥିଲେ। ଏତଦ୍‌ବ୍ୟତୀତ ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ସମେତ ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସାମିଲ ଥିଲେ। ସମସ୍ତେ ମହାପ୍ରଭୁ ଏବଂ ପାର୍ଶ୍ୱଦେବୀଙ୍କ ଦର୍ଶନ ସହ ଆଶୀର୍ବାଦ ନେଇଥିଲେ। ପୂର୍ବାହ୍ନ ୧୦ଟା ୫୫ରେ ଆରମ୍ଭ ହୋଇଥିଲା ସ୍ଥାନାନ୍ତର ପ୍ରକ୍ରିୟା। ଟ୍ରେଜେରୀରୁ ଆସିଥିବା ଚାବିରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଅସ୍ଥାୟୀ ଭିତର ଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍ ଖଟଶେଯ ଘର ଖୋଲାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀ ସ୍ଥାୟୀ ଭିତର ଭଣ୍ଡାରକୁ ନିଆଯାଇଥିଲା। ସମସ୍ତ ଅଳଙ୍କାର ଓ ସାମଗ୍ରୀ ଯିବା ପରେ ବ୍ୟବସ୍ଥା ଅନୁସାରେ ମୂଳ ଭିତର ରତ୍ନଭଣ୍ଡାରରେ ୨ଟି ତାଲା ପକାଇ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା। ଏହାର ଚାବି ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଟ୍ରେଜେରୀରେ ଜମା ଦିଆଯାଇଛି।

ପରେ ଚାଙ୍ଗଡ଼ା ଘର ଅସ୍ଥାୟୀ ବାହାର ଭଣ୍ଡାର ବା ଷ୍ଟ୍ରଙ୍ଗ୍‌ରୁମ୍ ଖୋଲା ଯାଇଥିଲା। ଗଜପତି ମହାରାଜାଙ୍କ ଚାବି, ଶ୍ରୀମନ୍ଦିର ପ୍ରଶାସନ ଏବଂ ଭଣ୍ଡାର ମେକାପଙ୍କ ତିନି ଗୋଟି ଚାବି ଆସି ଏହା ଖୋଲାଯାଇଥିଲା। ସେଠାରୁ ସମସ୍ତ ସାମଗ୍ରୀ ନୂଆ ରୂପ ପାଇଥିବା ମୂଳ ବାହାର ଭଣ୍ଡାରକୁ ନିଆଯାଇଥିଲା। ସବୁ ସାମଗ୍ରୀ ସ୍ଥାନାନ୍ତର ହେବା ପରେ ମୂଳ ବାହାର ଭଣ୍ଡାରକୁ ତିନିଟିଯାକ ତାଲା ପକାଇ ବନ୍ଦ କରାଯାଇଥିଲା। ଉଭୟ ଭଣ୍ଡାର ସାମଗ୍ରୀ ସ୍ଥାନାନ୍ତର ପ୍ରକ୍ରିୟା ଭିଡିଓଗ୍ରାଫି କରାଯାଇଥିଲା। କାର୍ଯ୍ୟ ସମାପନ ପରେ ସମସ୍ତ ସଦସ୍ୟ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସୁରକ୍ଷା ଯାଞ୍ଚ ପରେ ସମସ୍ତ ସଦସ୍ୟ ଜଗମୋହନରୁ ପ୍ରସ୍ଥାନ କରିଥିଲେ। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ସକାଳ ୮ଟାଠାରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯାଇଥିଲା।

ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ରଥ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦରୁ ପ୍ରାୟ ୧୫ ମାସର ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସୁରୁଖୁରୁରେ ଶେଷ ହୋଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ୬ଟି ଟ୍ରଙ୍କ୍ ଓ ୬ଟି ଆଲମିରା ସ୍ଥାନାନ୍ତର କରାଯାଇଛି। ରତ୍ନ ଅଳଙ୍କାର ଗଣତିମଣତି ପ୍ରକ୍ରିୟା ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ଅନୁମୋଦନ ଏବଂ ନିର୍ଦ୍ଦେଶ ଅନୁସାରେ ହିଁ ହେବ।

## ହାଇକୋର୍ଟରେ ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣା
# ସମସ୍ତ ଅଭିଯୁକ୍ତଙ୍କ ଏକତ୍ର ଜାମିନ ଶୁଣାଣି ୨୫ରେ

କଟକ, ୨୩।୯ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତମାନଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୫ତାରିଖରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ଶୁଣାଣି ସମୟରେ କେସ୍ ଡାଏରି ଦାଖଲ କରିବା ସହ ତଦନ୍ତର ସାନି ସ୍ଥିତି ନେଇ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇ ଜେଲରେ ଥିବା ଜୟନ୍ତ କୁମାର ରାଉତଙ୍କ ଜାମିନ ଆବେଦନର ଶୁଣାଣି ସେପ୍ଟେମ୍ବର ୨୫କୁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ନେଇ ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ବୋର୍ଡର ପୂର୍ବତନ ଉପ-ସଭାପତି ଡକ୍ଟର ନୀହାର ରଞ୍ଜନ ମହାନ୍ତିଙ୍କ ସହ ଅନ୍ୟ ଅଭିଯୁକ୍ତ ଜିତନ ମହାରଣା, ବିଜୟ କୁମାର ମିଶ୍ର, ରାମଜୀ ପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ, ପ୍ରଶାନ୍ତ କୁମାର ଖମାରୀ, ସନାତନ ବିଶୋୟୀଙ୍କ ସହ ଜୟନ୍ତ ରାଉତଙ୍କ ନିୟମିତ ଜାମିନ ଆବେଦନଗୁଡ଼ିକର ଏକତ୍ର ଶୁଣାଣି ହେବ।

ଉଲ୍ଲେଖଯୋଗ୍ୟ, ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ କ୍ରାଇମବ୍ରାଞ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପୂର୍ବତନ ଉପ-ସଭାପତି ଶ୍ରୀ ମହାନ୍ତିଙ୍କ ସହିତ ବୋର୍ଡର ଡାଟାଏଣ୍ଟ୍ରି ଅପରେଟର୍ ଜିତନ ମହାରଣା ଓ ଅନ୍ୟମାନଙ୍କୁ ଗିରଫ କରିଥିଲା। କଟକ ଅତିରିକ୍ତ ଦୌରାଜଜ୍ ଅଦାଲତରେ ଜାମିନ ଖାରଜ ହେବା ପରେ ଶ୍ରୀ ମହାନ୍ତି ଓ ଅନ୍ୟ ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## କୁର୍ଦ୍ଧାଙ୍ଗ ଛାତ୍ରୀ ନିର୍ଯାତନା ମାମଲା
# ଆତ୍ମସମର୍ପଣ ପରେ ଜେଲ୍ ଗଲେ ଅଧ୍ୟକ୍ଷ

ଜଗତସିଂହପୁର/ରଘୁନାଥପୁର, ୨୩।୯ (ସମିସ): କୁର୍ଦ୍ଧାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଆଜି ଜଗତସିଂହପୁର ସ୍ୱତନ୍ତ୍ର ପକ୍‌ସୋ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। କଲେଜର ଜଣେ ନାବାଳିକା ଛାତ୍ରୀଙ୍କୁ ଅଧ୍ୟାପକ ଶାଶ୍ୱତ ମହାନ୍ତି ଯୌନ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ତଦନ୍ତ ପରେ ଉକ୍ତ ଅଧ୍ୟାପକ ଓ କଲେଜ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯାଇଥିଲା। ପରେ ଥାନାରେ ମଧ୍ୟ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତେବେ ଆଗୁଆ ଜାମିନ ପାଇଁ ସେମାନେ ହାଇକୋର୍ଟରେ ଆବେଦନ କରିଥିଲେ। ଗତ ଅଗଷ୍ଟ ୧୯ ତାରିଖରେ ହାଇକୋର୍ଟ ଦୁହିଁଙ୍କୁ ତଳକୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏକ ମାସରୁ ଅଧିକ ସମୟଧରି ଫେରାର୍ ରହିବା ପରେ ଆଜି ଅଧ୍ୟକ୍ଷ ଶ୍ରୀ ସାହୁ ପକ୍‌ସୋ କୋର୍ଟରେ ହାଜର ହୋଇଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସରକାରୀ ଓକିଲ ଶିବପ୍ରସାଦ ମାଝୀ ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଅଧ୍ୟାପକ ଶାଶ୍ୱତ ମହାନ୍ତି ଏବେ ମଧ୍ୟ ଫେରାର୍ ଅଛନ୍ତି।



ସମ୍ବଲପୁର : ମା' ପାଟଣେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ

# ସୁନାପାଲିରେ ପୁଲିସର ବ୍ୟାପକ ଚଢ଼ଉ

ସମ୍ବଲପୁର, ୨୩।୯ (ସମିସ) :

ଆଜି ପୂର୍ବାହ୍ନରେ ସମ୍ବଲପୁର ପୁଲିସ ପକ୍ଷରୁ ସୁନାପାଲି ଅଞ୍ଚଳରେ ଚଢ଼ଉ କରି ଘର ମାନଙ୍କରେ ନିଶାଦ୍ରବ୍ୟ ସକାଶେ ଯାଞ୍ଚ କରାଯାଇଛି। ପରିବାର ଲୋକଙ୍କୁ ପଚରାଉଚୁରା କରିବାସହ ସନ୍ଦେହ ହେଲେ ତଲାସୀ ମଧ୍ୟ କରାଯାଇଥିଲା। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀମନ୍ତ ବାରିକ, ଧନୁପାଲି ଥାନାଧିକାରୀ ଆଦିତ୍ୟ ମହାକୁଡ଼, କ୍ଷେତରାଜପୁର ଥାନାଧିକାରୀ ଅନିଲ ପ୍ରଧାନ, ମହିଳା ଥାନାଧିକାରୀ ଆନ୍ନା ମିଞ୍ଜ ପ୍ରମୁଖଙ୍କ ସମେତ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ନିୟୋଜିତ ହୋଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଗତ ୨୧ ତାରିଖରେ ସମ୍ବଲପୁର ସହର ସୁନାପାଲି ଅଞ୍ଚଳକୁ ନିଶାମୁକ୍ତ କରିବା ପାଇଁ ମୁସଲିମ ମହିଳାମାନେ ସୁନାପାଲି-ଧନକଉଡ଼ା ମୁଖ୍ୟରାସ୍ତା ଅବରୋଧ କରିଥିଲେ। ମହିଳା ମାନଙ୍କୁ ବୁଝାଶୁଝା କରିବାସହ ନିଶା ବନ୍ଦ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା।



ଏହାପରେ ପୁଣି ୨୨ ତାରିଖ ସୁନାପାଲି ଅଞ୍ଚଳରେ ନିଶା କାରବାର ବନ୍ଦ କରିବାପାଇଁ ମହିଳାମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମହିଳା ମାନଙ୍କ ଅଭିଯୋଗ ଅନୁଯାୟୀ ସୁନାପାଲି ଅଞ୍ଚଳରେ ବେଆଇନ ଭାବରେ ସମସ୍ତ ପ୍ରକାରର ମାଦକଦ୍ରବ୍ୟ ବିକ୍ରି କରାଯାଉଛି। ସ୍ଥାନୀୟ ଅଞ୍ଚଳର ଯୁବକମାନେ ନିଶା ସେବନ କରି ବିଭିନ୍ନ ଅପରାଧିକ ଘଟଣାରେ ଛନ୍ଦି ହେଉଛନ୍ତି। ଏହି ନିଶା ଯୋଗୁଁ ଗତ କିଛିଦିନ ଭିତରେ ସୁନାପାଲି ଅଞ୍ଚଳରେ ହତ୍ୟା ଘଟଣା ଘଟିଯାଇଛି।

ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀମନ୍ତ ବାରିକ କହିଛନ୍ତି, ନିଶା କାରବାର ଉପରେ ରୋକ୍ ଲଗେଇବା ପାଇଁ ଚାଲିଥିବା 'ଅପରେସନ୍ ପ୍ରହାର'ରେ ପୂର୍ବରୁ ସୁନାପାଲି ଅଞ୍ଚଳରେ ଚଢ଼ଉ କରାଯାଇ ବ୍ରାଉନସୁଗର, ଗଞ୍ଜେଇ, କଫସିରପ ଆଦି ଜବତ କରାଯିବା ସହ ନିଶା କାରବାରରେ ସମ୍ପୃକ୍ତ ଅନେକ ଅପରାଧିଙ୍କୁ ଧନୁପାଲି ପୁଲିସ ଗିରଫ କରିଛି। ସେହି ଅଭିଯାନରେ ମିଳିଥିବା ଖବର ଅନୁଯାୟୀ ଆଜି ଉକ୍ତ ଅଞ୍ଚଳରେ ବ୍ୟାପକ ଚଢ଼ଉ କରାଯାଇ ଯାଞ୍ଚ କରାଯାଇଥିଲା। ମୋଟ ୧୨ଟି ଘର ଉପରେ ଚଢ଼ଉ କରାଯାଇଥିବା ଏଏସ୍‌ପି ଶ୍ରୀ ବାରିକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ୧୬ ତାରିଖ ଧନୁପାଲି ପୁଲିସ ଓ ସଦର ଅବକାରୀ ବିଭାଗ ସୁନାପାଲି ଅଞ୍ଚଳରେ ପୃଥକ୍ ପୃଥକ୍ ଭାବେ ଚଢ଼ଉ କରି ୨୦ ଗ୍ରାମ ବ୍ରାଉନସୁଗର ଜବତ କରିବାସହ ୫ ଜଣଙ୍କୁ ଗିରଫ କରିଛି।

## ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଲେ ମା' କାମାକ୍ଷା



ସମ୍ବଲପୁର, ୨୩।୯ (ସମିସ): ଅଇଁଠାପାଲିସ୍ଥିତ ମା' କାମାକ୍ଷା ଦେବୀଙ୍କ ମନ୍ଦିରର ଶାରଦୀୟ ନବରାତ୍ର ପୂଜାର ଆଜି ଦ୍ୱିତୀୟ ଦିବସରେ ମା' ବ୍ରହ୍ମଚାରିଣୀ ବେଶରେ ପୂଜା ପାଇଛନ୍ତି। କମଳ ଅଗ୍ରୱାଲ ଏବଂ ତାଙ୍କ ପତ୍ନୀ କୋମଳ ଅଗ୍ରୱାଲ କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ସଚ୍ଚିଦାନନ୍ଦ ମିଶ୍ର ଏବଂ ସହଯୋଗୀ ପଣ୍ଡିତ ଦୁଷ୍ମନ୍ତ ଶତପଥୀ, ସିଦ୍ଧାର୍ଥ ଦାଶ, ଶତାକ୍ଷୀ ପ୍ରସାଦ ମିଶ୍ର, ତିଳକ ରାମ, ପ୍ରଦୀପ ମହାପାତ୍ର, ଅନିଲ ରିଛାରିଆ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଆସି ମା'ଙ୍କ ଦର୍ଶନ କରିଥିଲେ। ପ୍ରାୟ ୨୦୦୦ ଭକ୍ତ ମାନଙ୍କ ପାଇଁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ମା' କାମାକ୍ଷା ମନ୍ଦିର ନବରାତ୍ର ପୂଜା କମିଟି ସଦସ୍ୟ ମାନଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ପରିଚାଳନା କରାଯାଇଥିଲା।

## ଗ୍ରାହକଙ୍କୁ ଉତ୍ତମ ସେବା ଦେଉଛି ମହିନ୍ଦ୍ରା ଜିଏନ୍ ଅଟୋନେସନ

ସମ୍ବଲପୁର, ୨୩।୯ (ସମିସ) : ସମ୍ବଲପୁର ରେମଡ ସ୍ଥିତ ମହିନ୍ଦ୍ରା ଜିଏନ ଅଟୋନେସନ ଏଲଏଲପି ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଉଛି। ଗାଡ଼ି ବିକ୍ରୟ ଠାରୁ ଆରମ୍ଭ କରି ସର୍ଭିସିଂ ପର୍ଯ୍ୟନ୍ତ ଗ୍ରାହକଙ୍କୁ ଭଲ ସେବା ଦେବା ପାଇଁ ଚେଷ୍ଟା କରୁଛନ୍ତି। ବିଭିନ୍ନ ସମୟରେ ଗଣ ମାଧ୍ୟମରେ ପ୍ରକାଶିତ ପାଉଥିବା ଖବର ଭିତ୍ତିହୀନ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଗ୍ରାହକଙ୍କୁ ଠିକ ଭାବେ ଜିଏନ୍ ଅଟୋନେସନ ସେବା ଦେଇ ପାରୁନଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା କିନ୍ତୁ କର୍ତ୍ତୃପକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ସେ ସବୁବେଳେ ଗ୍ରାହକଙ୍କ ସେବାକୁ ପ୍ରାଥମିକତା ଦେଉଥିବା କହିଛନ୍ତି। ସୋରୁମରୁ ସୁଲଭ ମୂଲ୍ୟରେ ଗାଡ଼ି କିଣିବା ସହ ଉତ୍ତମ ଓ ସର୍ବୋକୃଷ୍ଟ ସେବା ସର୍ଭିସିଂ ସମୟରେ ପାଇଥିବା ଗ୍ରାହକମାନେ କହିଛନ୍ତି। ସମ୍ବଲପୁରରେ ଚାରିଚକିଆ ଯାନ ପାଇଁ ମହିନ୍ଦ୍ରା ଜିଏନ୍ ଅଟୋନେସନ ଶ୍ରେଷ୍ଠ ସ୍ଥାନ, ମହିନ୍ଦ୍ରା ଜିଏନ୍ ଅଟୋନେସନ ତତ୍କ୍ଷଣାତ ଗ୍ରାହକଙ୍କୁ ଜିଏସ୍‌ଟି ଛାଡ କରୁଥିବା ଉପଭୋକ୍ତାମହଲରେ ମତ ପ୍ରକାଶ ପାଇଛି।

## ପୁନେରେ ନୂଆଁଖାଇ ଭେଟ୍‌ଘାଟ୍



ସମ୍ବଲପୁର, ୨୩।୯ (ସମିସ): ମହାରାଷ୍ଟ୍ରର ପୁନେସ୍ଥିତ ପାଷାଣର ଏରୋମିଠାରେ ନୂଆଁଖାଇ ଭେଟଘାଟ ପାଳିତ ହୋଇଯାଇଛି। ରଙ୍ଗବେରଙ୍ଗର ପାରମ୍ପରିକ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ସହରରେ ଥିବା ପ୍ରବାସୀ ଓଡ଼ିଆମାନେ ଏକାଠି ହୋଇ ଉଲ୍ଲାସ ଉଦ୍ଦୀପନାର ସହ ଏହି ଉତ୍ସବ ପାଳନ କରିଥିଲେ। ସର୍ବପ୍ରଥମେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରି ତଥା ଓଡ଼ିଶାରୁ ଆଣିଥିବା ନୂଆ ଧାନର ଭୋଗ ଲଗାଇ ସମସ୍ତେ ଏକତ୍ର ତଳେବସି ଭୋଗ ଖାଇଥିଲେ। ଏହାପରେ ସଦସ୍ୟ ସଦସ୍ୟାମାନେ ସମବେତ ଭଜନ ସଂଗୀତ ପରିବେଷଣ କରିଥିଲେ। କୁନି କୁନି ପିଲା ତଥା ବଡ଼ ମାନଙ୍କ ଦ୍ୱାରା ନାଚ, ଗୀତ ଓ ସଙ୍ଗୀତ ପର୍ବକୁ ଉତ୍ସବ ମୁଖର କରିଥିଲା। ପାରମ୍ପରିକ ଲୋକଗୀତ ଓ ବାଦ୍ୟର ତାଳେ ତାଳେ ଉପସ୍ଥିତ ଜନସାଧାରଣଙ୍କ ସମ୍ବଲପୁରୀ ନାଚ ଏକ ଖୁସିର ମାହୋଲ ସୃଷ୍ଟି କରିଥିଲା। କୁନି କୁନି ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନାଚ, ସଂଗୀତ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ମଧ୍ୟାହ୍ନରେ ଓଡ଼ିଆ ଖାଦ୍ୟ ଯଥା ଖିରି, ପୁରି, ଲେଥା (କରଡି ଆମ୍ବିଳ), ଆରିସା, ରସଗୋଲା, କାଙ୍କଡ ଭଜା ଓ ବିରି ବରା, ଆଳୁଚପ, ଚଣାଝୋଳ ଆଦି ପରସା ଯାଇଥିଲା। ୨୦୦୭ ମସିହାରୁ ଦୀର୍ଘ ୧୯ ବର୍ଷ ହେବ ପୁନେରେ ଏହି ପର୍ବ ପାଳନ କରାଯାଉଛି। ନିବେଦିତା, ବନ୍ଦିତା, ଅମୃତା, ଉମାକାନ୍ତ, ବେଣୁଧର, ସ୍ୱାଧୀନ, ନରେନ, ଶିବାଶିଷ, ରବି, ଦିଲୀପ, ସରୋଜ ପ୍ରମୁଖ ସଦସ୍ୟ ସଦସ୍ୟାମାନେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ହାତୀ ଆକ୍ରମଣରେ ବନ କର୍ମଚାରୀ ମୃତ

ନାକଟିଦେଉଳ, ୨୩।୯ (ସମିସ) : ହାତୀମାନଙ୍କର ଗତିବିଧି ସମ୍ପର୍କରେ ନିରୀକ୍ଷଣ କରୁଥିବା ସମୟରେ ଜଣେ ବନ କର୍ମଚାରୀର ମୃତ୍ୟୁ ହୋଇଛି। ବନବିଭାଗ ସୂତ୍ରରୁ ପ୍ରକାଶ ଏଭଳି ଅଭାବନୀୟ ଘଟଣା ଘଟିଛି ନାକଟିଦେଉଳ ରେଞ୍ଜର ଖୋଲଗଡ ସଂରକ୍ଷିତ ଜଙ୍ଗଲରେ ଦିନ ୧୨ଟା ସମୟରେ ବନବିଭାଗ ସୂତ୍ରରୁ ପ୍ରକାଶ ଯେ, ନାକଟିଦେଉଳ ରେଞ୍ଜର ଖୋଲଗଡ଼ ରିଜର୍ଭ ଜଙ୍ଗଲ ଉପରମୁଣ୍ଡା ନିକଟସ୍ଥ ଟିକିଲିପଡ଼ାରେ ହାତୀ ଗତିବିଧି ସମ୍ପର୍କରେ ଜାଣିବା ପାଇଁ ବନ ବିଭାଗର ପ୍ରାୟ ୧୦ଜଣ କର୍ମଚାରୀ ଯାଇଥିଲେ। ହାତୀମାନଙ୍କ ଗତିବିଧି ନିରୀକ୍ଷଣ କରୁଥିବା ସମୟରେ ସମସ୍ତ ବନବିଭାଗ କର୍ମଚାରୀ ହାତୀ ହାବୁଡ଼ରେ ପଡିଯାଇଥିଲେ। ଟିକିଲିପଡ଼ା ଗ୍ରାମର ଦିବାକର ପ୍ରଧାନ (୫୦) ହାତୀ ଦଳି ଦେଇ ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲା। ଗୁରୁତର ଦିବାକରକୁ ବନ କର୍ମଚାରୀମାନେ ଉଦ୍ଧାର କରି ପ୍ରଥମେ ନାକଟିଦେଉଳ ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରିବା ପରେ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ଦିବାକର ଚିକିତ୍ସାଧୀନ ସମୟରେ ବୁର୍ଲା ଡାକ୍ତରଖାନାରେ ମୃତ୍ୟୁବରଣ କରିଥିଲେ। ସେ ବନବିଭାଗରେ ବହୁ ଦିନ ହେଲା ଜଣେ ୱାଚର ଭାବରେ କାମ କରୁଥିଲେ।

## ବେଲପାହାଡ଼ର ପୂର୍ବତନ ନିର୍ବାହୀ ଅଧିକାରୀଙ୍କ ଜାମିନ ଆବେଦନ ଖାରଜ

ସମ୍ବଲପୁର, ୨୩।୯ (ସମିସ): ସରକାରୀ ଅର୍ଥ ହେରଫେର ମାମଲାରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ ହୋଇଥିବା ବେଲପାହାଡ଼ ପୌରପରିଷଦର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବର୍ତ୍ତମାନ ମୟୁରଭଞ୍ଜ ଜିଲ୍ଲା ଜାମଦା ତହସିଲଦାର ମଧୁସ୍ମିତା ସିଂହଙ୍କ ଜାମିନ ଆବେଦନ ଶୁଣାଣି କରି ଅତିରିକ୍ତ ଜିଲ୍ଲା ଜଜ୍ ତଥା ଓପିଆଇଡି ବିଚାରପତି ସୁବାସ ଚନ୍ଦ୍ର ଦଳାଇ ତାକୁ ଖାରଜ କରିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଇଓଡବ୍ଲ୍ୟୁ ଦ୍ୱାରା ମଧୁସ୍ମିତା ସିଂହଙ୍କୁ ଗିରଫ ପରେ ଗତ ୩ ତାରିଖ ସମ୍ବଲପୁର ଓପିଆଇଡି (ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇଣ୍ଟ୍ରେଷ୍ଟ ଅଫ୍ ଡିପୋଜିଟର୍ସ) କୋର୍ଟରେ ହାଜର କରିଥିଲା। ସେତେବେଳେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ଓପିଆଇଡି ବିଚାରପତି ୬ ତାରିଖରେ ଜାମିନ ଆବେଦନର ଶୁଣାଣି ରଖିଥିଲେ। ଗତ ୬ ତାରିଖରେ ଓପିଆଇଡି ବିଚାରପତି ଏହି ମାମଲାର ସଦ୍ୟ ସିଡି ଜମା କରିବାକୁ ଇଓଡବ୍ଲ୍ୟୁକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୁଣି ୧୫ ତାରିଖରେ ଜାମିନ ଆବେଦନର ଶୁଣାଣିକୁ ୭-୮ ଦିନ ଅନୁଧ୍ୟାନ ସକାଶେ ଘୁଞ୍ଚାଇ ଦିଆଯାଇଥିଲା। ଗତକାଲି ଓପିଆଇଡି କୋର୍ଟ ଏହି ଜାମିନ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିବାବେଳେ ଆଜି ତାହାକୁ ଖାରଜ କରିଥିବା ଜଣାପଡ଼ିଛି। ସରକାରଙ୍କ ପକ୍ଷରୁ ଓକିଲ ଜ୍ଞାନରଞ୍ଜନ ପଣ୍ଡା ଓ ଗିରଫ ତହସିଲଦାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଦୀପ ବହିଦାର ପରିଚାଳନା କରିଥିଲେ। ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବାବେଳେ ମଧୁସ୍ମିତା ସିଂହ ପ୍ରାୟ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁକରି ତତ୍କାଳୀନ ମ୍ୟୁନିସିପାଲିଟି ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗିରଫ କରିଥିଲା। ଏହି ମାମଲା ଅଗଷ୍ଟ ୨୭ ତାରିଖ ଇଓଡବ୍ଲ୍ୟୁକୁ ହସ୍ତାନ୍ତର ହୋଇଥିବାବେଳେ ସିଂହଙ୍କ ସମୟରେ ଆର୍ଥିକ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ପରେ ରାଜସ୍ୱ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିଲା।

## ଅସହାୟଙ୍କ ଶବ ସତ୍କାର କଲା ସ୍ୱାଭିମାନ



ସମ୍ବଲପୁର, ୨୩।୯ (ସମିସ): ଅସହାୟଙ୍କ ଶବ ସତ୍କାର କରିଛି ସମ୍ବଲପୁର ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାଭିମାନ। ଯୁବ ସମାଜସେବୀ ଶିଶିର ବହିଦାରଙ୍କ ନେତୃତ୍ୱରେ ଆଜି ବୁର୍ଲା ଭିମସାର୍ରୁ ଶବକୁ ଆଣି ସମ୍ବଲପୁର ଦୁର୍ଗାପାଲି ସ୍ଥିତ ରାଜଘାଟରେ ଅନ୍ତିମ ସଂସ୍କାର କରାଯାଇଛି। ଏଥିରେ ସମାଜସେବୀ ସତ୍ୟବାନ ବାଗ୍, ରାଜେନ୍ଦ୍ର ଦାସ, ସଞ୍ଜୀବ କଂସାରୀ, ବିକି ଗଣ୍ଡ, ଉପେନ୍ଦ୍ର ରାଉତ, ଗୁଣନିଧି ରାଉତ, କୁନ୍ଦନ ପ୍ରଧାନ, ଦେବନ୍ତ ବେହେରା, ସମୀର ହୋତା, ମୁକେଶ ଜେରିୱାଲ ପ୍ରମୁଖ ସହଯୋଗ କରିଥିଲେ। ସୂଚନା ଅନୁସାରେ, ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଟିଙ୍କବୀର ଗାଁର ଭୁବନେଶ୍ୱର ସ୍ୱାଇଁ(୫୫) ଗତ କିଛି ଦିନ ଧରି ଅସୁସ୍ଥ ଥିଲେ। ଅଜଣା ଗାଡ଼ି ଧକ୍କାରେ ସେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିଲେ। ହେଲେ ତାଙ୍କର ସମ୍ପର୍କୀୟ କେହି ଦେଖିବାକୁ ଆସିନଥିଲେ। ଗତ ଶନିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ପୁଲିସ ପକ୍ଷରୁ ତାଙ୍କ ପରିବାରକୁ ସୂଚନା ଦିଆଯାଇଥିଲା। କିନ୍ତୁ ତାଙ୍କ ମରଶରୀର ନେବା ପାଇଁ କେହି ଆସିନଥିଲେ। ତେଣୁ ୩ ଦିନ ଧରି ବୁର୍ଲା ଭିମସାର୍ ଶବାଗାରରେ ତାଙ୍କ ମୃତଦେହ ରହିଥିଲା। ଆଜି ବୁର୍ଲା ପୁଲିସ ଉପସ୍ଥିତିରେ ସମସ୍ତ ପ୍ରକ୍ରିୟା ସରିବା ପରେ ସ୍ୱାଭିମାନ, ସମ୍ବଲପୁର ପକ୍ଷରୁ ଶବ ସତ୍କାର କରାଯାଇଛି।

## ଗାଡ଼ିରେ ମାନବାଧିକାର ଲେଖି ଗଞ୍ଜେଇ ଚାଲାଣ

ସମ୍ବଲପୁର, ୨୩।୯ (ସମିସ) : ଗାଡ଼ିରେ ମାନବାଧୀକାରୀ ଲେଖା ଯାଇଛି। କେହି ବଡ଼ ଅଧିକାରୀ ଭାବେ ବାଟରେ ଅଟକାଇବେ ନାହିଁ। ତେଣୁ ନିର୍ଭୟରେ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିଲା। ଗୋଟାଏ ସ୍ଥାନାରୁ ଗଞ୍ଜେଇ ନେଇ ଅନ୍ୟତ୍ର ନିଆଯାଉଥିଲା, ସେଠାରୁ ଗାଡ଼ିରେ ବ୍ରାଉନସୁଗର ଅଣାଯାଉଥିଲା। ଏପରି ସାଙ୍ଘାତିକ ଅଭିଯୋଗ ଆସିଛି ରେଙ୍ଗାଲି ଥାନା ଅଞ୍ଚଳରେ। ପଶ୍ଚିମବଙ୍ଗ ନିବାସୀ ରେଙ୍ଗାଲିରେ ରହୁଥିବା ଦିଲିପ କୁମାର ଜେନା ଗାଡ଼ି ନଂ- ଓଡି୦୧ଏଏମ୦୮୩୮ରୁ ରେଙ୍ଗାଲି ପୁଲିସ ଗଞ୍ଜେଇ ଜବତ କରିଛି। ପ୍ରାୟ ୨୦ କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି। ଏହା ସହ ବିଭିନ୍ନ ସଙ୍ଗଠନର କାର୍ଡ, ଫେକ୍ ଆଧାର କାର୍ଡ ଓ ଅନ୍ୟାନ ଏଟିମ ଉଦ୍ଧାର କରିଛି। ସେ ଗାଡ଼ିରେ ମାନବାଧିକାର ମିଶନର ଲୋଗ ଲଗାଇଛନ୍ତି। ଗାଡ଼ିର ନମ୍ବର ମଧ୍ୟ ସଠିକ ଭାବେ ମ୍ୟାଚ କରୁନାହି। ପୁଲିସ ଗିରଫ କରିଥିବା ସୂଚନା ରହିଛି। ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଏନ୍‌ସିସି କ୍ୟାଡେଟ୍ କୁସୁମ ଦଳାଇ ସମ୍ବର୍ଦ୍ଧିତ




ସମ୍ବଲପୁର, ୨୩।୯ (ସମିସ): ନୂଆଦିଲ୍ଲୀଠାରେ ଗତ ୧ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତରଫରୁ ଅନୁଷ୍ଠିତ ହୋଇଥିବା ସ୍ଥଳ ସୈନିକ କ୍ୟାମ୍ପ- ୨୦୨୫-୨୬ ରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ତଥା ଏନ୍‌ସିସି କ୍ୟାଡେଟ୍ କୁସୁମ ଦଳାଇ ଭାଗ ନେଇଥିଲେ। ୫-ଓଡ଼ିଶା ବ୍ୟାଟାଲିଅନ୍ ତରଫରୁ କୁସୁମ ଦଳାଇ ଏକମାତ୍ର କ୍ୟାଡେଟ୍ ଭାବରେ ଏହି ସମ୍ମାନଜନକ ଜାତୀୟସ୍ତରର କ୍ୟାମ୍ପରେ ଭାଗ ନେଇଥିବାରୁ ତାଙ୍କୁ ଆଜି ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସମ୍ବର୍ଦ୍ଧିତ କରିଛନ୍ତି। ଏହିଭଳି ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ସଂସ୍ଥା ଏବଂ ଯୁବ ରେଡକ୍ରସର ଛାତ୍ରୀମାନେ ସମାଜରେ ନିଜର ଦକ୍ଷତା ପ୍ରଦର୍ଶନ କରି ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବାରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବାସହ ଏଇମାନେ ଅନ୍ୟ ଛାତ୍ରୀମାନଙ୍କ ପ୍ରେରଣାର ଉତ୍ସ ବୋଲି ପ୍ରଫେସର ମେହେର ମତବ୍ୟକ୍ତ କରିଥିଲେ।

**OFFICE OF THE UTKAL BALASHRAM, KHARIAR, DIST-NUAPADA**
**(GOVT. RUN CHILD CARE INSTITUTION)**

Advertisement No: 30/UB/KRAR/NPD
Date: 22.09.25

**ADVERTISEMENT**

Applications are invited from the prospective candidates for the different posts through the proforma application form which will be made available on the district website (https://nuapada.odisha.gov.in). The online submission of application shall be available on (E-Mail: utkalbalashramkhariar@gmail.com) from **24.09.2025 (10.00 AM) to 30.09.2025 (5.00 PM).**

The recruitment of different posts of Child Care Institution & Specialized Adoption Agency (SAA) Utkal Balashram, Dist.-Nuapada is being done as per the Mission Vatsalya implementation guideline and resolution vide No. 10102-WCD-CW-MISC-0023-2020, Dated 15.09.2020 of Women & Child Development Department, Govt. of Odisha.

After submission of online application, the candidates are to submit hard copy of the same along with all required documents and testimonials through Speed post/Registered post only addressed to **Office of the Secretary, Utkal Balashram, At/Po-Khariar, Ps-Khariar, Dist.-Nuapada-766107, latest by 5.00 PM on Dt. 05.10.2025.** Any application received after the due date/time shall be rejected.

The posts are purely temporary, time bound and co-terminus with the scheme depending on the satisfactory performance. For detail advertisement please visit the district website **(https://nuapada.odisha.gov.in).**

**CDPO Khariar-Cum-Secretary**
**Utkal Balashram Khariar**

## ସବୁଜ ମହାନଦୀ ମିଶନକୁ ନେଇ ବିଧାନସଭାରେ ପ୍ରଶ୍ନ କଲେ ପ୍ରସନ୍ନ

ସମ୍ବଲପୁର, ୨୩।୯ (ସମିସ):

ବିଜେଡି ସରକାର ଆରମ୍ଭ କରିଥିବା ସବୁଜ ମହାନଦୀ ମିଶନକୁ ନେଇ ଆଜି ବିଧାନସଭାରେ ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ରାମ ସିଂଖୁଣ୍ଟିଆ ଏହି ପ୍ରଶ୍ନର ଉତ୍ତର ରଖିଥିଲେ।

ତାରକା ପ୍ରଶ୍ନ ସଂଖ୍ୟା ୧୪୪ ତା. ୨୩-୯-୨୦୨୫ରେ ଶ୍ରୀ ଆଚାର୍ଯ୍ୟ ପଚାରିଥିଲେ ଯେ, ରାଜ୍ୟ ସରକାର ଆରମ୍ଭ କରିଥିବା ଗ୍ରୀନ୍ ମହାନଦୀ ମିଶନରେ ସର୍ବମୋଟ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେତୋଟି ଗଛ ରୋପଣ କରାଯାଇଛି ଏବଂ ସେଥିରୁ କେତେ ଗଛ ଅଛି ତାର ଏକ ବିସ୍ତୃତ ବିବରଣୀ ମାଗିବା ସହ ଏହି ମିଶନ ଦ୍ୱାରା କଣ କଣ ଆନୁସଙ୍ଗିକ ଲାଭ ଅଥବା କ୍ଷତି ହୋଇଛି?

ଏହାର ଉତ୍ତର ରଖି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଛନ୍ତି ଯେ, ଗ୍ରୀନ ମହାନଦୀ ମିଶନ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ 'ଗ୍ରୀନ ମହାନଦୀ ମିଶନ' ସଂକଳ୍ପନାମା ସଂଖ୍ୟା ୬୫୧୮ ତା. ୨୦.୦୩.୨୦୧୮ ଅନୁସାରେ ୨୦୧୮-୧୯ ଆର୍ଥିକ ବର୍ଷଠାରୁ କାର୍ଯ୍ୟକାରୀ ହୋଇଛି। ଏହି ମିଶନରେ ୨୦୧୮-୧୯ ଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ମୋଟ ୩୪୮.୯୬ କୋଟି ଅର୍ଥରାଶି ବ୍ୟୟରେ ୩୫୨.୭୯ ଲକ୍ଷ ବୃକ୍ଷଚାରା ରୋପଣ ସହିତ ୨୮୯.୦୮ ଲକ୍ଷ ବୃକ୍ଷଚାରା ହିତାଧିକାରୀଙ୍କ ମଧ୍ୟରେ ବଣ୍ଟନ କରାଯାଇଛି। ବର୍ତ୍ତମାନ ରୋପଣ କରାଯାଇଥିବା ଚାରାର ସଫଳତା ହାର ହାରାହାରି ୭୫% ରହିଛି।

ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଆହୁରି ମଧ୍ୟ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ମିଶନ ଦ୍ୱାରା ହୋଇଥିବା ବନୀକରଣରେ ମୁଖ୍ୟତଃ ଚାରୋଟି ଆନୁସଙ୍ଗିକ ଲାଭ ପରିଲିଖିତ ହୋଇଛି। ପ୍ରଥମ, ନଦୀରେ ପାଣି ପ୍ରବାହର ସ୍ରୋତ କମ୍ ହେଉଛି ଓ ଜଳ ପ୍ରବାହକୁ ସହଜ ଭାବରେ ପ୍ରତିବନ୍ଧିତ କରିବାରେ ସହାୟକ ହେଉଛି। ଦ୍ୱିତୀୟ, ପ୍ରାକୃତିକ ଜୈବବିବିଧତାକୁ ସୁରକ୍ଷିତ ରଖିବାରେ ସହାୟକ ହେଉଛି। ତୃତୀୟ ନଦୀତଟରେ ମୃତ୍ତିକା ଅବକ୍ଷୟକୁ ହ୍ରାସ କରୁଛି ଏବଂ ଚତୁର୍ଥ ବାୟୁପ୍ରଦୂଷଣ ରୋକିବାରେ ସହାୟକ ହେଉଛି।

## ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା

ସମ୍ବଲପୁର, ୨୩।୯ (ସମିସ) : ଟ୍ରେନ ଆଗକୁ ଡେଇଁ ଜଣେ ଅଜଣା ମହିଳା ଆତ୍ମହତ୍ୟା କରିଛନ୍ତି। ମହିଳାଙ୍କ ବୟସ ପ୍ରାୟ ୪୫ ବର୍ଷ ହୋଇଛି। ସମ୍ବଲପୁର ଫାଟକ ଷ୍ଟେସନରେ ହୀରାକୁଦ ଏକ୍ସପ୍ରେସ ଟ୍ରେନ ସମ୍ମୁଖକୁ ଡେଇଁ ମହିଳା ଜଣଙ୍କ ଆତ୍ମହତ୍ୟା କରିଥିବା ଜିଆରପି ପକ୍ଷରୁ କୁହାଯାଇଛି। କେସନମ୍ବର ୪୬ରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି।



# ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଦାବିପତ୍ର




କୁଚିଣ୍ଡା,୨୩।୯ (ସମିସ): ଆଦିବାସୀ ଏକତା ମଞ୍ଚ କୁଚିଣ୍ଡା ପକ୍ଷରୁ ସୋମବାର ପୂର୍ତ୍ତି ବିଭାଗ ଡାକ ବଙ୍ଗଳାରୁ ସଭାପତି ଗଜେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଶୋଭାଯତ୍ରାରେ ବାହାରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପହଞ୍ଚି ପ୍ରତିବାଦ ସଭା କରିଥିଲା। ସଭାରେ ଆଦିବାସୀମାନେ ନିଜର ଜୀବନ-ଜୀବିକା ସହିତ ସମ୍ପୃକ୍ତ ଜଙ୍ଗଲ, ଜମି ଓ ଜଳ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉପଜିଲ୍ଲାପାଳଙ୍କ ଜରିଆରେ ୫ଦଫା ଦାବି ପତ୍ର ପ୍ରଦାନ କରାଯାଇଥିଲା। ଆଦିବାସୀ ଏକତା ମଞ୍ଚ,କୁଚିଣ୍ଡା ପକ୍ଷରୁ ଦାବିରେ ଜଣାଯାଇଛି ଯେ ପୁରୁଷାନୁକ୍ରମେ ସେମାନେ ଜଙ୍ଗଲ ଜମିରେ ଚାଷ କରି ଆସୁଥିଲେ କିନ୍ତୁ, କିଛି ପରିବାର ପଟ୍ଟା ପାଇଥିବା ବେଳେ ବହୁ ପରିବାର ଆଜି ପର୍ଯ୍ୟନ୍ତ ପଟ୍ଟା ବଞ୍ଚିତ ହୋଇ ଦୁର୍ଦ୍ଦଶାରେ ଜୀବନ ବିତାଉଛନ୍ତି। ଯେଉଁମାନେ ପଟ୍ଟା ପାଇଛନ୍ତି, ସେମାନେ ମଧ୍ୟ ନିଜର କଷ୍ଟରେ ଉତ୍ପାଦିତ ଧାନ ବିକ୍ରି କରିପାରୁନାହାନ୍ତି। ସେମାନଙ୍କ ମୁଖ୍ୟ ଦାବିଗୁଡିକ ହେଲା ଦଖଲରେ ଥିବା ଜଙ୍ଗଲ ଜମିରେ ପରିବାରଙ୍କୁ ପଟ୍ଟା ପ୍ରଦାନ,ଲ୍ୟାମ୍ପ ମାଧ୍ୟମରେ ଧାନ ବିକ୍ରି ସହ ସମସ୍ତ ସରକାରୀ ସୁବିଧା ପ୍ରଦାନ, ରିଜର୍ଭ ଜଙ୍ଗଲରେ ବଣ୍ଟା ହୋଇଥିବା ପଟ୍ଟାକୁ କାର୍ଯ୍ୟକାରୀ କରାଯାଉ, ଶିକ୍ଷା ଓ ଛାତ୍ରାବାସରେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଶୋଷଣ ମୁକ୍ତ କରାଯାଉ, କୁଚିଣ୍ଡାକୁ ଏକ ଆଦିବାସୀ ଜିଲ୍ଲା ଘୋଷଣା କରାଯାଉ। ଏସବୁ ସରକାର ଯଦି ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ, ତେବେ ପରମ୍ପରାଗତ ଜୀବନ-ଜୀବିକା ସୁରକ୍ଷିତ ହେବ ବୋଲି ଆଦିବାସୀ ଏକତା ମଞ୍ଚ,କୁଚିଣ୍ଡା ପକ୍ଷରୁ ସଭାପତି ଗଜେନ୍ଦ୍ର ଭୋଇ କହିଛନ୍ତ। ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ରାଜ୍ୟ ସଂଗଠକ ବିଜୟ ପରିଡା ମୁଖ୍ୟଅତିଥି ଓ ଆଞ୍ଚଳିକ ପରିବେଶ ସୁରକ୍ଷା ସଂଗଠନ ,ଝାରସୁଗୁଡ଼ାର ସତ୍ୟନାରାୟଣ ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଦିବାସୀ ଏକତା ମଞ୍ଚ,କୁଚିଣ୍ଡା ର ପ୍ରଶ୍ଣନ ପ୍ରଧାନ,ହରେଶ ଭୋଇ, ରଘୁମଣି ମାଝୀ, ସଂସାର ମୁଣ୍ଡା,ବିମୋଜ ଭୋଇ, ତୁଲାରମ୍ ମାଝୀ,ଯୁଗଳ ପ୍ରଧାନ, ଆଦର୍ଶ ପ୍ରଧାନ,ରଥ ମୁଣ୍ଡା,ଭୂପତି ନାଏକ,ଗୌତମ ମାଝୀ,ପର୍ଶୁରାମ ମାଝୀ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିଥିଲେ

# ମଦ ଦୋକାନ ଉଚ୍ଛେଦକୁ ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ରେଢ଼ାଖୋଲ,୨୩।୯ (ସମିସ):ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ତ୍ରିବଣପୁର ପଞ୍ଚାୟତ ହରିପୁର ଗ୍ରାମରେ ଏକ ମଦ ଦୋକାନ ଉଚ୍ଛେଦ କରିବାକୁ ନେଇ ମଙ୍ଗଳବାର ଦିନ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଦାବିପତ୍ର ଗ୍ରାମବାସୀ ପ୍ରଦାନ କରିଛନ୍ତି। ଉଲ୍ଲେଖ କରିଛନ୍ତି ଯେ ହରିପୁର ଗ୍ରାମର ଭିଏସଏସ ଜଙ୍ଗଲ ଏରିଆରେ ଯଶଧର୍ମ ପୃଷ୍ଟି ଏକ ଦୋକାନ ଖୋଲିଛନ୍ତି। ସେଠାରେ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟକଳାପ ଯଥା ମଦ ବିକ୍ରି, ଭୋଜିଭାତ, ଅସଭ୍ୟ ଭାଷାରେ ଗାଳିଗୁଲଜ କରାଯାଉଛି। ଗ୍ରାମର ମହିଳାମାନେ ସେ ରାସ୍ତା ଦେଇ ଯାତାୟାତ କରିବାକୁ ଅସୁରକ୍ଷିତ ମନେ କରୁଛନ୍ତି। ଏ ସମ୍ପର୍କରେ ଗ୍ରାମରେବୈଠକ କରି ଦୋକାନ ମାଲିକ ଯଶଧର୍ମଙ୍କୁ ଏହି କାର୍ଯ୍ୟ ନ କରିବା ପାଇଁ ଗ୍ରାମବାସୀ ଏବଂ ଭିଏସଏସ କମିଟି ପକ୍ଷରୁ କୁହାଯାଇଥିଲା। କିନ୍ତୁ ଓଲଟା ଦୋକାନୀ ମାଲିକ ଅଶ୍ଳୀଳ ଭାଷାରେ ଗ୍ରାମବାସୀଙ୍କୁ ଗାଳିଗୁଲଜ କରିଥିଲା। ଏଥିରେ ଗ୍ରାମବାସୀ ଏକତ୍ରିତ ହୋଇ ମଦ ଦୋକାନ ଉଚ୍ଛେଦ କରିବାକୁ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ହରିପୁର ଗ୍ରାମବାସୀ ଏବଂ ପଞ୍ଚଖଣ୍ଡା ଭିଏସଏସ କମିଟି ପକ୍ଷରୁ ରବୀନ୍ଦ୍ର ଭୋଇ, ସୁକାନ୍ତ ନାଏକ, ସଜନୀ ନାୟକ, ପବିତ୍ର ମାଝୀ,ଭୀମ ଭୋଇ, ପ୍ରକାଶ ଭୋଇ,ନିରଞ୍ଜନ ନାଏକ,ସୁରେଶ ଭୋଇ ପ୍ରମୁଖ ସମେତ ଅନ୍ୟ ଗ୍ରାମବାସୀ ସାମିଲ ଥିଲେ।

# ମହିଳାଙ୍କ ବେକରୁ ସୁନା ଲୁଟ୍

ସୋହେଲା,୨୩।୯ (ସମିସ): ସୋହେଲା ମାଧବ ନଗରରେ ରହୁଥିବା ଜଣେ ଶିକ୍ଷୟିତ୍ରୀ ତାଙ୍କ ସ୍ୱାମୀଙ୍କ ସହିତ ସୋହେଲା ଦୁର୍ଗାପୂଜା ଦେଖିବାକୁ ଆସିଥିଲେ। ଫେରିବା ସମୟରେ ସୋହେଲା ମୁଖ୍ୟ ଛକ ନିକଟରେ ଏକ ବାଇକରେ ୨ଜଣ ଅଜଣା ଲୁଟେରା ଆସି ଶିକ୍ଷୟିତ୍ରୀ ବିଶାଖା ମହାନନ୍ଦ ପିନ୍ଧିଥିବା ୨୧ଗ୍ରାମ ଓଜନର ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଚେନକୁ ଲୁଟି ବାଇକରେ ଫେରାର ହୋଇ ଯାଇଛନ୍ତି। ଏ ସମ୍ପର୍କରେ ସୋହେଲା ଥାନାରେ ଅଭିଯୋଗ କରିବା ପରେ ସୋହେଲା ପୁଲିସ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଲୁଟେରା ମାନଙ୍କ ସୂଚନା ପାଇ ନଥିଲେ। ସୁନାଚେନ ଲୁଟ ହେବା ସମୟରେ ସାମାନ୍ୟ ବର୍ଷା ହେଉଥିବା ବେଳେ ଉଭୟ ଲୁଟେରା ରେନିକୋଟ ପିନ୍ଧିଥିବା ଏବଂ ସେମାନେ ରାୟପୁର ରୋଡରେ ବାଇକ ନେଇ ଫେରାର ହୋଇ ଯାଇଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସୋହେଲା ପୁଲିସ ଏନେଇ ମାମଲା ରୁଜୁକରି ସୋହେଲାର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ ମଧ୍ୟ ଲୁଟେରା ମାନଙ୍କ ସୁରାକ ମିଳିନାହିଁ। ବର୍ତ୍ତମାନ ପାର୍ବଣ ସମୟରେ ସୋହେଲା ଦୁର୍ଗାପୂଜା ଦେଖିବା ପାଇଁ ପ୍ରବଳ ଜନସାମଗମ ହେଉଥିବା ଏବଂ ଏହାର ସୁଯୋଗ ନେଇ ଲୁଟେରା ମାନେ ସକ୍ରିୟ ରହିଥିବାରୁ ପୂଜା ଦେଖିବା ପାଇଁ ଆସୁଥିବା ଭକ୍ତ ଶ୍ରଦ୍ଧାଳୁ ବିଶେଷ କରି ମହିଳା ମାନେ ଏପରି ଲୁଟେରା ମାନଙ୍କ ପ୍ରତି ସାବଧାନ ହୋଇରହିବା ପାଇଁ ସୋହେଲା ଥାନା ଆଇଆଇସି ହରିଶଙ୍କର ଭୋଇ ପରାମର୍ଶ ଦେଇଛନ୍ତି।

# ଜୟ ଜଗନ୍ନାଥ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଆରିୟା ସ୍ପୋର୍ଟିଂ ସମ୍ବଲପୁର ବିଜୟୀ



ଅତାବିରା,୨୩।୯ (ସମିସ): ଅତାବିରା ବ୍ଲକ୍ ସ୍ଥିତ ଲରମ୍ଭା କଲେଜ ଖେଳ ପଡିଆଠାରେ ୨୯ ତମ ଜୟ ଜଗନ୍ନାଥ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅମସ୍ତଲା ଦ୍ୱାରା ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଲରମ୍ଭା କଲେଜ ଅଧ୍ୟକ୍ଷ ପ୍ରଫେସର ଅଶୋକ ମହାନ୍ତି ଟୁର୍ଣ୍ଣାମେଣ୍ଟ ଆରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସଭାପତି ଭାବେ ସଚ୍ଚିନ ମହାକୁର, ମୁଖ୍ୟ ଅତିଥି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଚିତ୍ତରଞ୍ଜନ ପଣ୍ଡା, ତ୍ରିନାଥ ମହାକୁର ସମ୍ପାଦକ ସୁବଳ ହାତୀ ଯୋଗ ଦେଇଥିଲେ। ସର୍ବମୋଟ ୮ ଟି ଦଳ ଯୋଗଦେଇଥିବା ବେଳେ ବିଏଫସି କୁଚିଣ୍ଡା ସହ ଆରିୟା ସ୍ପୋର୍ଟିଂ ସମ୍ବଲପୁରର କଡା ମୁକାବିଲା ହୋଇଥିଲା। ଶେଷରେ ସମ୍ବଲପୁର ଦଳ ବିଜୟୀ ହୋଇଥିଲା। ଏଥିରେ ପ୍ରମୋଦ ଚନ୍ଦ୍ର ସେଠ, ଗୋ।ପାଳ ଚନ୍ଦ୍ର ନାୟକ, ସୁଶୀଲ ମହାକୁର, ସୁଜିତ ମିଶ୍ର, ଲିଙ୍ଗରାଜ ପୋଢ଼, ରାଜିବ କର୍ମି, ସମ୍ବିତ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ। ବିଦେଶୀ ଖେଳାଳିଙ୍କୁ ଦେଖିବା ପାଇଁ ଭରପୁର ଦର୍ଶକ ରହିଥିଲେ।

# ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା

## ଜିଲ୍ଲାପାଳଙ୍କୁ ଭେଟିଲେ ବିଜେପି ପ୍ରତିନିଧି

ସମ୍ବଲପୁର,୨୩।୯ (ସମିସ):୨୦୨୪ ମସିହା ସେପ୍ଟେମ୍ବର ୧୧ ତାରିଖରେ ପ୍ରଧାନମନ୍ତ୍ରୀ ଘୋଷଣା କଲେ ଆୟୁଷ୍ମାନ ବୟୋ ବନ୍ଦନ ଯୋଜନା। ଏହି ଯୋଜନାରେ ଦେଶରେ ସାଢ଼େ ଚାରି କୋଟି ପରିବାରର ୬ କୋଟି ବୟୋଜ୍ୟେଷ୍ଠ ନାଗରିକଙ୍କୁ ସମିଲ କରାଗଲା। ଜାତି, ଧର୍ମ, ବର୍ଣ୍ଣ ଆର୍ଥିକ ମାନଦଣ୍ଡ ନିର୍ବିଶେଷରେ ୭୦ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ନାଗରିକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା। ମଙ୍ଗଳବାର ସମ୍ବଲପୁର ବିଜେପି ପକ୍ଷରୁ ସମ୍ବଲପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଆୟୁଷ୍ମାନ ବୟୋ ବନ୍ଦନ ଯୋଜନାକୁ ଲୋକଙ୍କ ଦ୍ୱାରାଦେଶରେ ପହଞ୍ଚାଇବା ପାଇଁ ଯେଉଁମାନଙ୍କୁ ଦାୟିତ୍ୱ ଦିଆଯାଇଛି ସେମାନେ ତାଙ୍କର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନ କରୁ ନାହାଁନ୍ତି। ଫଳରେ ବହୁ ବୟୋଜ୍ୟେଷ୍ଠ ନାଗରିକ ଏହି ଯୋଜନାର ସୁଫଳ ପାଇ ପାରୁନାହାଁନ୍ତି। ତେଣୁ ଯେଉଁ ସଂସ୍ଥା ଘର ଘର ବୁଲି ସର୍ଭେ କରି ଏହି ଆୟୁଷ୍ମାନ ବୟୋ ବନ୍ଦନ କାର୍ଡ ପ୍ରଦାନର ବ୍ୟବସ୍ଥା କରିବା କଥା ତାଙ୍କୁ ତାଗିଦ କରାଯାଉ। ସର୍ଭେକୁ ଓ କାର୍ଡ ପ୍ରଦାନ କାର୍ଯ୍ୟକ୍ରମକୁ ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ନିର୍ଦ୍ଦେଶ ଦିଆଯାଉ। ନିୟମିତ ବ୍ୟବଧାନରେ ସେମାନଙ୍କ ଠାରୁ ରିପୋର୍ଟ ମାଗାଯାଉ।ପ୍ରତ୍ୟେକ ଅଞ୍ଚଳର ଆଙ୍ଗନବାଡ଼ି ଓ ଆଶା କର୍ମୀଙ୍କୁ ନିରୀକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଉ। ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରାଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳରେ ନା ସୁଶାନ୍ତ ପୁରୋହିତ,ସମୀର ରଞ୍ଜନ ବାବୁ,ମାନସ ରଞ୍ଜନ ବକ୍ସି, ଅଭିନାଶ ନନ୍ଦ ପ୍ରମୁଖ ସମିଲ ଥିଲେ।

# ମାନେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ

ସମ୍ବଲପୁର, ୨୩।୯ (ସମିସ): ମାନେଶ୍ୱର ବ୍ଲକ୍ ରାସନପୁର ମାର୍କେଟୟାଡର୍‌ଠାରେ ମାନେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୋଅପରେଟିଭ ବ୍ୟାଙ୍କ ମାନେଶ୍ୱର ଶାଖା ସହକାରୀ ପରିଚାଳକ ସୁରେନ୍ଦ୍ର ଛତର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମାନେଶ୍ୱର ବ୍ଲକ୍‌ର ଦିଲ୍ଲୀପ ପୂଜାରୀ ଯୋଗ ଦେଇଥିବା ବେଳେ ମାନେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି ସଭାପତି ସନ୍ତୋଷ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ବୈଠକରେ ବାର୍ଷିକ ବ୍ୟୟ ଅଟକଳ ୨୦୨୫-୨୬ ଉପସ୍ଥାପନା କରାଯାଇ ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା।ଏହାସହ ସୋସାଇଟିର ବିଭିନ୍ନ କାର୍ଯ୍ୟ ବିଷୟରେ ଆଲୋଚନା ମଧ୍ୟ କରାଯାଇଥିଲା।ଏହି ଅବସରରେ ତିନିଜଣ ଚାଷୀଙ୍କୁ ଉନ୍ନତ ଧରଣର ଚାଷ କାର୍ଯ୍ୟ ପାଇଁ ମାନେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ସମ୍ମାନିତ କରାଯାଇଥିଲା। ମାନେଶ୍ୱର ପ୍ରାଥମିକ କୃଷି ସମବାୟ ସମିତିର ଉପସଭାପତି ପ୍ରତିମା ଗଡ଼ତିଆ, ଚନ୍ଦ୍ର କୁମାର ପୁରୋହିତ, ମାନଭଞ୍ଜନ ପଶାୟତ, ବିଜୟ କୁମାର ବେହେରା, ଯାଜ୍ଞସିନୀ ଦୀକ୍ଷିତ, ଦୀନବନ୍ଧୁ ଭୁଏ, ସୁଦର୍ଶନ ମହାପାତ୍ର ପ୍ରମୁଖ ଶତାଧିକ ସଭ୍ୟସଭ୍ୟା ଓ ଚାଷୀ ଯୋଗ ଦେଇଥିଲେ।

# ଘରେ ପଶି ଲୁଟ୍ ଅଭିଯୋଗ

ସମ୍ବଲପୁର,୨୩।୯ (ସମିସ):ଅଇଁଠାପାଲି ଥାନା ଅଞ୍ଚଳରେ ଘରେ ପଶି ଲୁଟ ହୋଇଥିବା ଅଭିଯୋଗ ହୋଇଛି। କିଛି ଦୁର୍ବୃତ୍ତ ଘରେ ପଶି ବନ୍ଧୁକ ଦେଖାଇ ଲୁଟ କରିଥିବା ଜଣାପଡ଼ିଛି। ଜନଗହଳିପୂର୍ଣ୍ଣ ଫାଟକ ଅଞ୍ଚଳରେ ଏପରି କାଣ୍ଡ ଘଟିଛି। ଆଜି ୪ରୁ୫ ଜଣ ଯୁବକ ପ୍ରଥମେ ଘରେ ପଶିଥିଲେ। ପରେ କେହି କିଛି କହିବା ଆଗରୁ ବନ୍ଧୁକରୁ ଗୁଳି ଫୁଟାଇଥିବା ସ୍ଥାନୀୟ ଲୋକ କହିଛନ୍ତି। କିନ୍ତୁ ଏହାର ପୁଷ୍ଟି ହୋଇପାରିନାହି। ଅଇଁଠାପାଲି ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ଓ ହସ୍ତକଳା ପ୍ରଦର୍ଶନୀ

ପାଇକମାଲ,୨୩।୯ (ସମିସ): ପାଇକମାଲ ବ୍ଲକ୍ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ମଙ୍ଗଳବାର ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦ ଆନୁକୂଲ୍ୟରେ ବାଳ ବୈଜ୍ଞାନିକ ଓ ହସ୍ତକଳା ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ସଭାପତି ଗୋକୁଳାନନ୍ଦ ତନସନା ଓ ସମ୍ପାଦକ ମହେନ୍ଦ୍ର ଖୁଣ୍ଟିଆ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନର୍ସରୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ଛାତ୍ରଛାତ୍ରୀ ବିଜ୍ଞାନ ପ୍ରକଳ୍ପ ଓ ହସ୍ତକଳା ପ୍ରଦର୍ଶନୀ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଶିକ୍ଷାକେନ୍ଦ୍ର ସଭାପତି ଗୋକୁଳାନନ୍ଦ ତନସନା, ଅଧ୍ୟକ୍ଷ ଗଙ୍ଗାଧରରଣା, ଉପାଧ୍ୟକ୍ଷ ମଳୟ ହଂସ, ଶିକ୍ଷକ ତପନ ବହିଦାର ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଅନିରୁଦ୍ଧ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ହରିପ୍ରିୟା ସାହୁ, ଭିଏସନନ୍ଦ ବରିହା, ଟିକେଶ୍ୱରୀ ବିଶ୍ୱାଳ, ତପସ୍ୱିନୀ ଭୋଇ, ଜଗନ୍ନାଥରଣା, କରୁଣାକର ପ୍ରଧାନ, ବବିତା ପ୍ରଧାନ, ମଦନ ଧରୁଆ, ଗିରୀଶ ମାଝୀ, ଉତ୍ତମରଣା, ମିନାରାଣୀ ଖୁଣ୍ଟିଆ, ଦେବାସନ ମାଝୀ, ଅରୁଣା ପ୍ରଧାନ, ନିଳେନ୍ଦ୍ରୀ ମାଝୀ, ଲିଲିମା ଛତର, ଶିବାନୀ ନାଏକ, ମଣ୍ଟୁ ସାହୁ, ସୁରେନ୍ଦ୍ର ମାଝୀ, ରାଏମତୀ କାରେ, ସୋନି ସେଠ, ଅନନ୍ତ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ଉପାଧ୍ୟକ୍ଷ ମଳୟ ହଂସ ଧନ୍ୟବାଦ ଦେଇଥିଲେ।

# ପଞ୍ଚାୟତ ସମିତି ଜୁନିୟର କଲେଜରେ ହାଇ ଭୋଲଟେଜ୍ ଆର୍ଥିକ ଅନିୟମିତତା

ବରଗଡ଼,୨୩।୯ (ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ୍‌ର ଜନସାଧାରଣଙ୍କ ସମ୍ମିଳିତ କଠିନ ପ୍ରଚେଷ୍ଟାରେ ୧୯୮୪ରେ ସ୍ଥାପିତ ଝାରବନ୍ଧ ପଞ୍ଚାୟତ ସମିତି ଜୁନିୟର କଲେଜରେ ୨୦୨୧/୨୨ ଶିକ୍ଷା ବର୍ଷରୁ ବର୍ତ୍ତମାନ ସୁଦ୍ଧା ଅନେକ ଆର୍ଥିକ ଅନିୟମିତତା ଅଭିଯୋଗ ହୋଇଛି। କଲେଜ ପାଣ୍ଠି ଅସାଧୁ ଉପାୟରେ ହେରଫେର, ବିଶୃଙ୍ଖଳା, ପରିଚାଳନା ଗତ ସମସ୍ୟା, ପାଠପଢ଼ାରେ ଅବହେଳା ବିଷୟରେ ଅନେକ ଦିନରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ହେଉଛି। ଏଣୁ ଉପଯୁକ୍ତ ତଦନ୍ତ ପାଇଁ ଝାରବନ୍ଧ ଅଞ୍ଚଳବାସୀଙ୍କ ତରଫରୁ ଝାରବନ୍ଧ ଗ୍ରାମ୍ୟ ସଭାପତି ତଥା ଜମି ଦାତା ମୋହନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ତଥା ଜମି ଦାତା ଜଗଦୀଶ ସାହୁ, ବିଜେପି ଝାରବନ୍ଧ ମଣ୍ଡଳ ସଭାପତି ସତ୍ୟମ ପ୍ରଧାନ ସତ୍ୟାନନ୍ଦ ପ୍ରଧାନ, ବିନୋବା ପ୍ରଧାନ ଗତ ୧୫ ତାରିଖ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲାଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ।

ସୂଚନା ଅନୁଯାୟୀ, ୨୦୨୧-୨୨ ଶିକ୍ଷା ବର୍ଷ ଠାରୁ ଏଯାବତ କଲେଜ ଡେଭଲପମେଣ୍ଟ ଫଣ୍ଡ ଏବଂ ଅନ୍ୟାନ୍ୟ ଅନୁଦାନରୁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାକୁ ହେରଫେର କରାଯିବା ଅଭିଯୋଗ ହୋଇଛି। ଫଣ୍ଡର ଅର୍ଥରେ ସମସ୍ତଙ୍କ ଅଜାଣତରେ ବେନିୟମ ଭାବେ ନିର୍ମାଣ କାର୍ଯ୍ୟ କରାଯାଉଛି। କଲେଜରେ କନଷ୍ଟ୍ରକସନ କମିଟି କି ପରଚେଜ କମିଟି ଗଠନ କରାଯାଇ ନାହିଁ। ସେପଟେ କଲେଜର ସମସ୍ତ କାର୍ଯ୍ୟର ତଥ୍ୟ କର୍ମଚାରୀଙ୍କ ଠାରୁ ଗୁପ୍ତ ରଖାଯାଉଛି। କେବଳ ଅଧ୍ୟକ୍ଷ ଏବଂ ଲାଇବ୍ରେରିଆନ ଦୁଇଜଣଙ୍କ ମଧ୍ୟରେ ରୁଦ୍ଧଦ୍ୱାର ବୈଠକ ହୋଇ ନିଷ୍ପତ୍ତି ନିଆଯାଉଛି। ଲକ୍ଷାଧିକ ଟଙ୍କାର ନିର୍ମାଣ କାର୍ଯ୍ୟ ଲାଇବ୍ରେରିଆନଙ୍କ ତତ୍ତ୍ୱାବଧାନରେ ନିର୍ବାହ ହେଉଛି। ନୂତନ ଭାବେ ଖୋଲା ଯାଇଥିବା ବିଜ୍ଞାନ ବିଭାଗ ପାଇଁ ଅଧ୍ୟାପକ, ଡେମନଷ୍ଟ୍ରେଟର, କ୍ଲର୍କ, ପିଅନ ନିଯୁକ୍ତି ସକାଶେ ବିଜ୍ଞାପନ ମାଧ୍ୟମରେ ଆବେଦନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ କେବଳ ଅଧ୍ୟାପକ ମାନଙ୍କର ଆବେଦନ ବାବଦକୁ ୫୦୦ ଟଙ୍କା ଲେଖାଏଁ ଜମା ରଖି ଅଣ ଶିକ୍ଷକ କର୍ମଚାରୀ ମାନଙ୍କର ଆବେଦନକୁ ଫୋନ ମାଧ୍ୟମରେ ସାକ୍ଷାତକାର ତାରିଖ ଜଣାଇବୁ କହି ଫେରାଇ ଦିଆଯାଇଥିଲା। ସାକ୍ଷାତକାର ଦିନ ଇଂରାଜୀ ଏବଂ ଆଇଟି ବିଷୟ ପାଇଁ ନିଯୁକ୍ତିକୁ ଟାଳି ଦିଆଯାଇଥିଲା। ମାତ୍ର ସେହି ସାକ୍ଷାତକାର ବହୁଦିନ ପରେ ଗୁପ୍ତ ଭାବେ କରାଯାଇ ନିଜର ପିଲାଙ୍କୁ ନିଯୁକ୍ତି ପାଇଁ ସ୍ଥିର

## ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

କରାଯାଇଥିଲା। ୨୦୨୨ ମସିହାରୁ ଗୋଟିଏ ମହିଳା ଓ ଗୋଟିଏ ପୁରୁଷ ପିଅନ ବିନା ବିଜ୍ଞାପନ, ବିନା ସାକ୍ଷାତକାରରେ ନିଯୁକ୍ତି ପାଇଛନ୍ତି। ତେବେ ଏହିସବୁ ପ୍ରକ୍ରିୟାରେ ଟଙ୍କା କାରବାର ହୋଇଥିବା ଅଭିଯୋଗ ମଧ୍ୟ ରହିଛି। ମାତ୍ର ଦୁଇ ଜଣ ପ୍ରାର୍ଥୀ ଥିବା ସତ୍ତ୍ୱେ ସାକ୍ଷାତକାର ଫଳାଫଳ ତାଲିକାରେ ଅଧିକ ପିଲାଙ୍କ ନାମ ଉଲ୍ଲେଖ ରହିଥିଲା।

ଅଧ୍ୟକ୍ଷ ଏବଂ ଲାଇବ୍ରେରିଆନ ବ୍ୟକ୍ତିଗତ କାମ ତଥା ଚର୍ଚ୍ଚା ପାଇଁ ପ୍ରତିମାସ କଲେଜ ଫଣ୍ଡରୁ ଦରମା ନେବା, ପ୍ରତିଦିନ କଲେଜରେ ମହିଳା ପିଅନ ତିନି ଜଣଙ୍କ ପାଇଁ ରୋଷେଇ କରିବା ଏବେ ମଧ୍ୟ ସନ୍ଦେହ ଘେରରେ ରହିଛି। ଅଧ୍ୟକ୍ଷ ସପ୍ତାହକୁ ମାତ୍ର ୪ ଦିନ କଲେଜକୁ ଆସନ୍ତି। ଅଫିସ କାର୍ଯ୍ୟରେ ଯାଉଛି କହି ୫୦ କିମି ଦୂର ପଦ୍ମପୁରରୁ ଯିବା ଆସିବା କରନ୍ତି। ତେବେ ତାଙ୍କ ଅନୁପସ୍ଥିତିରେ କୌଣସି ଅଧ୍ୟାପକଙ୍କୁ ଦାୟିତ୍ୱ ନଦେଇ ଏକ ଅଣଶିକ୍ଷକ କର୍ମଚାରୀ ଲାଇବ୍ରେରିଆନଙ୍କୁ ଅଧ୍ୟକ୍ଷ ଦାୟିତ୍ୱ ଦେଇଥାନ୍ତି। ଲକ୍ଷାଧିକ ଟଙ୍କା ଦରମା ପାଇବା ସତ୍ତ୍ୱେ ପ୍ରତିମାସ କଲେଜରୁ ୬ ହଜାର ଟଙ୍କା ଅଧିକ ନେଇଥାନ୍ତି। କଲେଜର ସମସ୍ତ ସିଟ ପୂରଣ ହେବା ପରେ ଅନ୍ୟାନ୍ୟ ଅଣଛାତ୍ର ମାନଙ୍କ ଠାରୁ ଜଣଙ୍କ ପିଛା ପ୍ରାୟ ୪ ହଜାର ଟଙ୍କା ବିନା ରସିଦରେ ଅସୁଲି କରି ସେହି ଅଣଛାତ୍ର ମାନଙ୍କୁ କ୍ଲାସର ଆଗଧାଡିରେ ବସିବାର ସୁଯୋଗ ଦିଆଯିବା ଅଭିଯୋଗ ରହିଛି। ଏନେଇ ଅନେକ ସମୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶୃଙ୍ଖଳା ଦେଖାଦେଉଛି। ୨୨୪ ଜଣ ଛାତ୍ରଛାତ୍ରୀ ତଥା ଅଣ ଛାତ୍ରଛାତ୍ରୀ ସମସ୍ତଙ୍କୁ ଗୋଟିଏ ସେକ୍ସନରେ ବସାଇ କ୍ଲାସ କରାଯାଉଛି। କଲେଜ ଲାଇବ୍ରେରୀ ପାଇଁ ପ୍ରତି ଛାତ୍ରଛାତ୍ରୀ ମାନଙ୍କଠାରୁ ୨୦୦ ଟଙ୍କା ବିନା ରସିଦରେ ଅସୁଲ କରାଯାଉଛି। କଲେଜ ଲାଇବ୍ରେରୀ ବହି, ବେଞ୍ଚ ଟେବୁଲ, ଲାପଟପ, କମ୍ପ୍ୟୁଟର ଆଦିର ଷ୍ଟକ ଯାଞ୍ଚ ସହିତ କଲେଜର ବାୟୋମେଟ୍ରିକ ଏବଂ ସିସିଟିଭି ଯାଞ୍ଚ କଲେ ଅନେକ ଗୁପ୍ତ ରହସ୍ୟ ସାମ୍ନାକୁ ଆସିବ ବୋଲି ଲିଖିତ ଅଭିଯୋଗ ହୋଇଛି।

ସୋମବାର ଝାରବନ୍ଧରେ ଚାଲିଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ କଲେଜର ଅନିୟମିତତା ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ରର ଅବିକଳ ନକଲ ପୁଣିଥରେ ଅଞ୍ଚଳବାସୀ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲଙ୍କୁ ପ୍ରଦାନ କରିଛନ୍ତି। ପ୍ରମୋଦ ସାହୁ (ଅର୍ଥନୀତି ବିଭାଗ) ଜୁନିୟର କଲେଜ ଅଧ୍ୟକ୍ଷ ଦାୟିତ୍ୱ ନେବା ଦିନଠାରୁ ଚାଲିଥିବା ଆର୍ଥିକ ଅନିୟମିତତା, ବେଆଇନ ନିଯୁକ୍ତି, ପାଠପଢ଼ାରେ ବିଶୃଙ୍ଖଳା ଏବଂ ବେଆଇନ ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ଦୁର୍ନୀତି ପ୍ରମାଣିତ ହେଲେ ଦୋଷୀଙ୍କ ଉପରେ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

# ସର୍ବନିମ୍ନ ମୌଳିକ ସୁବିଧାରୁ ସମ୍ବଲପୁର ମହାନଗର ନିଗମବାସୀ ବଞ୍ଚିତ : କଂଗ୍ରେସ

ସମ୍ବଲପୁର, ୨୩।୯ (ସମିସ): ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ପାଳନ କରି ଏସଏମ୍‌ସି ନିର୍ବାଚନ ଶୀଘ୍ର କରି ନିର୍ବାଚିତ ପ୍ରତିନିଧିଙ୍କ ଜରିଆରେ ଅଞ୍ଚଳର ବିକାଶ କରାଯାଉ ବୋଲି କଂଗ୍ରେସ ଜିଲ୍ଲା ସଂଯୋଜକ ଦୁର୍ଗା ପାଢ଼ୀ ଦାବି କରିଛନ୍ତି। ସୋମବାର ଅପରାହ୍ଣରେ ଶ୍ରୀ ପାଢ଼ୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମକର୍ତ୍ତାଙ୍କ ଏକ ପ୍ରତିନିଧି ଦଳ ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଆଲୋଚନା କରିବାସହ ଦାବିପତ୍ର ପ୍ରଦାନ କରିଥିଲେ। ସମ୍ବଲପୁର ସହରକୁ ଅତ୍ୟାଧୁନିକ ସହର ଭାବେ ଗଢ଼ି ତୋଳିବାକୁ ରାଜ୍ୟ ତଥା କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ଓ ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ଅପରିଷ୍କାର, ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି। ସର୍ବନିମ୍ନ ମୌଳିକ ସୁବିଧାରୁ ସମ୍ବଲପୁର ମହାନଗର ନିଗମବାସୀ ବଞ୍ଚିତ ହେଉଛନ୍ତି ଏବଂ ଏସଏମ୍‌ସି ପକ୍ଷରୁ କରାଯାଉଥିବା ସମସ୍ତ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି କଂଗ୍ରେସ ଅଭିଯୋଗ କରିଛି। ସମ୍ବଲପୁର ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା, ସହର ମଧ୍ୟରେ ରହିଥିବା ଆବର୍ଜନା ଡମ୍ପିଙ୍ଗ ୱାର୍ଡ ଗୁଡିକୁ ତୁରନ୍ତ ସହର ବାହାରକୁ ସ୍ଥାନାନ୍ତରଣ କରିବା, ମହାନଗର ନିଗମରେ ମିଶିଥିବା ଧନକଉଡ଼ା ବ୍ଲକର ୭ଟି ପଞ୍ଚାୟତ ଯଥା-ସେହ୍ନାପାଲି, ଚାଉଁରପୁର, ଆ. କଟାପାଲି, ଗଡ଼ମୁଣ୍ଡା, ସକର୍ମା ଏବଂ କାଇଁଶିର ସହ ମାନେଶ୍ୱର ବ୍ଲକର ୫ଟି ପଞ୍ଚାୟତ ଯଥା-ମଠପାଲି, ଗୁଣ୍ଡେରପୁର, ମାନେଶ୍ୱର,ସିନ୍ଧୁରପଙ୍କ ଓ ଠେମରାର ସଂଶ୍ଳିଷ୍ଟ ୱାର୍ଡ ଗୁଡ଼ିକର ଉନ୍ନତିକରଣ ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବା, ପ୍ରତ୍ୟକ ୧୫ ଦିନ ମଧ୍ୟରେ ଥରେ ଗଣମାଧ୍ୟମରେ ପ୍ରକାଶିତ/ପ୍ରସାରିତ ରିପୋର୍ଟରେ ସମୀକ୍ଷା କରି ପଦକ୍ଷେପ ନେବା, ପରିମଳ, ଷ୍ଟ୍ରୀଟ ଲାଇଟ, ରାସ୍ତା ନିର୍ମାଣ କାର୍ଯ୍ୟର ସ୍ୱତନ୍ତ୍ର ସମୀକ୍ଷା କରାଯାଇ ଆଗାମୀ ପାର୍ବଣ ଦଶହରା ପୂର୍ବରୁ ଏହା ସୁନିଶ୍ଚିତ କରିବା, ଠିକା ସଂସ୍ଥା ସହିତ କେତେ ଲୋକ ନିୟୋଜିତ ହେବା ନେଇ ଚୁକ୍ତି ହୋଇଛି ତାହା ପ୍ରଦାନ କରି ଦୈନନ୍ଦିନ ରିପୋର୍ଟ ଆଧାରରେ ବିଲ ପଇଠ କରିବା, ମହାନଗର ନିଗମ ପକ୍ଷରୁ କରାଯାଉଥିବା କାର୍ଯ୍ୟରେ ସୂଚନା ଫଳକ ଲଗାଇବା ଆଦି ଦାବି କରାଯାଇଥିଲା। ଆବର୍ଜନା ପରିଚାଳନା ପାଇଁ ଏସ୍‌ଏମ୍‌ସିକୁ ୪ଟି ଜୋନ୍‌ରେ ଭାଗ କରାଯାଇଥିବା ବେଳେ ଏଥିରେ ଅନ୍ୟାନ୍ୟ ସମସ୍ତ ସଫେଇ କାର୍ଯ୍ୟ ପାଇଁ ମୋଟ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରତି ମାସରେ ଖର୍ଚ୍ଚ କରାଯାଉଛି। ଏହା ସତ୍ତ୍ୱେ ମହାନଗରରେ ଏଭଳି କୌଣସି ୱାର୍ଡ ନାହିଁ ଯେଉଁଠି ଆବର୍ଜନା ଏବଂ ସଫେଇ ପରିଚାଳନା ନେଇ ଲୋକେ ଅତିଷ୍ଠ ହେଉନାହାନ୍ତି। ଏଣୁ ସଫେଇରେ ଏକ ବଡ଼ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ଜଣାପଡୁଛି। ଦାବି ଗୁଡିକ ଯଦି ଆଗାମୀ ଦିନରେ ମହାନଗର ନିଗମ ପୂରଣ କରିବାରେ ବିଫଳ ହୁଏ ତେବେ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟହେବ ବୋଲି ଜିଲ୍ଲା କଂଗ୍ରେସ ସଂଯୋଜକ ଶ୍ରୀ ପାଢ଼ୀ କହିଛନ୍ତି। ଆଲୋଚନା ଓ ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ମହିଳା କଂଗ୍ରେସ ପୂର୍ବତନ ସଭାନେତ୍ରୀ ସୁତପା ମିତ୍ର, ଓବିସି ଜିଲ୍ଲା ସଭାପତି ଶିବବ୍ରତ ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ସଂଖ୍ୟାଲଘୁସେଲ୍‌ର ବାବୁ ଖାନ, ଏମ୍.ଡି. ସଲିମ, ନାରୀନେତ୍ରୀ କବିତା ପଟ୍ଟନାୟକ, ଡଲି ଅହମଦ, ବିରଞ୍ଚି ମହାପାତ୍ର, ଦିନେଶ ସାନବଡ଼,ପୂର୍ବତନକାଉନସିଲର ଲାଲମୋହନ ଷାଠିଆ, କୃଷ୍ଣ ସୁନାର ଓ ଅଶୋକ ସୋନି, କୃଷକ ସେଲ ରାଜ୍ୟ ସମ୍ପାଦକ ଗୋବିନ୍ଦ୍ ମିଶ୍ର, ପିସିସି ସଭ୍ୟା ଚନ୍ଦ୍ର ପୁରୋହିତ, ଅରୁଣ କୁମାର ପ୍ରମୁଖ ସାମିଲ ଥିଲେ।

GANDHI +2 SCIENCE COLLEGE
Walk-in-Interview Date : 26 & 27/09/2025, 08 & 13/10/2025 Time : 10 AM

| POST | QUALIFICATION | EXPERIENCE | AGE LIMIT |
|---|---|---|---|
| Data Entry Operator (2-M/F) | Min. Graduation/ MCA | Min. 2 yrs | 25-40 yr. |
| Accountant (2-M/F) | Min. Graduation | Min. 3 yrs | 30-50 yr. |
| Admission Counsellor (2-M/F) | Min. Graduation/MBA | Min. 3 yrs | 25-40 yr. |
| Front Office Executive (2-M/F) | Min. Graduation/MBA | Min. 2 yrs | 25-40 yr. |
| Admission In charge (2-M/F) | Min. Graduation | Min. 3 yrs | 30-45 yr. |
| Marketing Executive (5-M/F) | Min. Graduation | Min. 2 yrs | 25-50 yr. |
| Academic Co-ordinator (2-M/F) | Min. Graduation | Min. 2 yrs | 25-40 yr. |
| Senior Management Staff (3-M/F) | Min. Graduation | Min. 5 yrs | 35-50 yr. |
| Junior Lect. (All Department) | Min. P.G | Min. 2 yrs | 25-30 yr. |
| Telecaller (2-F) | Min. Graduation | Min. 1 yr | 25-40 yr. |
| Hostel Warden (4-M/F) | Min. +2 | Min. 2 yrs | 30-50 yr. |
| Cook & Helper (4-M) | | | |
| Driver (2-M) | Should have Licence | | |

Send your Bio-Data By Whatsapp/ By Hand & Come for Interview
Call & Whatsapp : 9439363437, 8144040281
Shantikanan Lane, Mallikashpur, Balasore
New Campus : Tarini Chhak, Mathasahi Near Nayanakumari School, Balasore

ସକାଳ
THE SAKALA

## ନବୀନ-ଅର୍ଥନୀତି

ଗତ ପ୍ରାୟ ଦଶ ବର୍ଷ(୨୦୧୩-୧୪ ରୁ ୨୦୨୨-୨୩ ଆର୍ଥିକ ବର୍ଷ) ଭିତରେ ୨୮ଟି ରାଜ୍ୟର ସାମଗ୍ରିକ ସରକାରୀ ଋଣ ପରିମାଣ ପ୍ରାୟ ୫୯.୬୦ ଲକ୍ଷ କୋଟି ଟଙ୍କାରେପହଞ୍ଚିଛି । ଅର୍ଥାତ୍ ତିନି ଗୁଣରୁ ଅଧିକ ହାରରେ ବଢ଼ିଛି । ରାଜ୍ୟ ଅର୍ଥସଚିବମାନଙ୍କର ଜାତୀୟସ୍ତରୀୟ ସମ୍ମିଳନୀରେ ଏହି ଉଦ୍‌ବେଗଜନକ ସୂଚନା ଦେଇଛନ୍ତି ସିଏଜି । ଦେଶରେ ପ୍ରଥମ ଥର ପାଇଁ ହୋଇଥିବା ଏଭଳି ସମୀକ୍ଷା ଆଧାରିତ ସୂଚନା ଅନୁଯାୟୀ ଏହି ସାମଗ୍ରିକ ଋଣ ପରିମାଣ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ର ପାଖାପାଖି ୨୩% । ଅଣ ଋଣ ଓ ରାଜସ୍ୱର ୧୫୦ ପ୍ରତିଶତ । ଏତେ ବିଶାଳ ଋଣ ଭାରରେ ଅର୍ଥନୈତିକ ଅଭିବୃଦ୍ଧିର ଯେଉଁ ଚିତ୍ର ପ୍ରଦର୍ଶିତ ହେଉଛି ତାହାର ସମାବେଶୀ ପ୍ରଭାବକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ । କିନ୍ତୁ ଏହି ରିପୋର୍ଟ ମଧ୍ୟରେ ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଋଣ-ଜିଏସ୍‌ଡିପି ଅନୁପାତରେ ଓଡ଼ିଶା ସମଗ୍ର ଦେଶରେ ସବୁଠାରୁ କମ୍(୮.୪୫ ପ୍ରତିଶତ) ରହି ବିତ୍ତୀୟ ପରିଚାଳନାରେ ଶୀର୍ଷସ୍ଥାନ ହାସଲ କରିଛି । ଋଣ ପରିଚାଳନା କ୍ଷେତ୍ରରେ ପଞ୍ଜାବ(୪୦.୩୫%), ପଶ୍ଚିମବଙ୍ଗ(୩୩.୭୦) ଓଡ଼ିଶାଠାରୁ ବହୁ ପଛରେ ରହିଛନ୍ତି ।

ଋଣ ପରିଚାଳନା ନିୟମ ଅନୁଯାୟୀ କେବଳ ନିବେଶ କିମ୍ବା ପୁଞ୍ଜି ବ୍ୟୟ ପାଇଁ ଋଣ କରାଯିବା ଉଚିତ । ଓଡ଼ିଶା ଏ କ୍ଷେତ୍ରରେ ଯଥେଷ୍ଟ ସଂଯମ ଅବଲମ୍ବନ କରି ନୀତି ନିୟମର ଅନୁପାଳନ ଦ୍ୱାରା ରାଜସ୍ୱ ବଳକା ରାଜ୍ୟ ଭାବେ ଦେଶରେ ତୃତୀୟ ସ୍ଥାନ ହାସଲ କରିପାରିଛି । ବିଗତ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଗରିବ ରାଜ୍ୟର କଳଙ୍କିତ ଟିକା ପିନ୍ଧିଥିବା ଓଡ଼ିଶାର ଏହି ଈର୍ଷଣୀୟ ସଫଳତା କେବଳ ସମ୍ଭବ ହୋଇପାରିଛି ନବୀନ ପଟ୍ଟନାୟଙ୍କ ନେତୃତ୍ୱରେ ପରିଚାଳିତ ବିଜେଡି ସରକାରଙ୍କ ବିତ୍ତୀୟ ପରିଚାଳନାରେ ବିଚକ୍ଷଣତା ଯୋଗୁଁ । ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ଏକ ଦ୍ରୁତପ୍ରଗତିଶୀଳ ରାଜ୍ୟ ଭାବରେ ପରିଗଣିତ କରିବା ଏତେ ସହଜ ନଥିଲା । ନବୀନ ବାବୁଙ୍କ ଦୂରଦର୍ଶୀ ବିତ୍ତୀୟ ପରିଚାଳନା ଓ ସଂଯମ ଯୋଗୁଁ ଋଣ ପରିମାଣ ଧାର୍ଯ୍ୟ ଅନୁପାତର ଲକ୍ଷଣରେଖା ମଧ୍ୟରେ ରହିପାରିଛି ଏବଂ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଛି । ଏପରିକି ରାଜ୍ୟର ଜିଡିପି ଏକଦା ଜାତୀୟ ହାରକୁ ଟପିପାରିଛି । ପ୍ରଗତିଶୀଳ ଓଡ଼ିଶାର ବିବର୍ତ୍ତନର ଇତିହାସରେ ବିକାଶର ବିନ୍ଧାଣୀ ନବୀନ ପଟ୍ଟନାୟକଙ୍କ ଅର୍ଥନୀତି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ- ଏହା ବିରୋଧୀ ମଧ୍ୟ ସ୍ୱୀକାର କରିବେ ।

## ଶିକ୍ଷାକୁ 'ନା', ମଦକୁ 'ହଁ'

ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାରେ ଜାତୀୟଶିକ୍ଷା ଶିକ୍ଷକ ପରିଷଦ ଦ୍ୱାରା ଧାର୍ଯ୍ୟ ମାନଦଣ୍ଡ ପୂରଣ କରି ନ ଥିବା କାରଣରୁ ଓଡ଼ିଶାର ଗୋଟିଏ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ (ବିଇଡି କଲେଜ୍)ର ସ୍ୱୀକୃତି ପ୍ରତ୍ୟାହାର ପାଇଁ ସୁପାରିସ କରାଯାଇଥିବା ବେଳେ ସମାନ କାରଣରୁ ରାଜ୍ୟର ସମସ୍ତ ୧୬ଟି ବିଇଡି କଲେଜ ଏବଂ ସେଥିରେ ପଢ଼ୁଥିବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ସେଥିମଧ୍ୟରୁ ଆଠଟି କଲେଜ୍‌କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇସାରିଥିବାରୁ ଆସନ୍ତା ଶିକ୍ଷାବର୍ଷରୁ ସେଠାରେ ନାମଲେଖା ଅନିଶ୍ଚିତ ହୋଇପଡ଼ିଛି । ବିଦ୍ୟାଳୟଗୁଡ଼ିକ ଶିକ୍ଷାମନ୍ଦିର ଓ ମଣିଷ ତିଆରି କାରଖାନା ଭାବେ ବିଦିତ । ତେଣୁ ମଣିଷଙ୍କୁ ତିଆରି କରୁଥିବା ଯନ୍ତ୍ର(ଶିକ୍ଷକ/ଶିକ୍ଷୟିତ୍ରୀ) ଯଦି ସୃଷ୍ଟି ନ ହେବେ ମଣିଷ ତିଆରି କରିବ କିଏ?

ଆମ ରାଜ୍ୟରେ ଛାତ୍ର-ଶିକ୍ଷକ ଅନୁପାତ ନୈରାଶ୍ୟଜନକ । ଏଭଳି ସ୍ଥିତିରେ ଯଦି ଗୋଟିଏ ପରେ ଗୋଟିଏ ବିଇଡି କଲେଜ୍ ବନ୍ଦ ହୋଇଯାଏ, ତେବେ ମଣିଷ ତିଆରି କାରଖାନାରୁ ସୃଷ୍ଟ ଉତ୍ପାଦମାନେ କେତେ ସାମାଜିକ ତତ୍ତ୍ୱ ପଦବାଚ୍ୟ ହେବେ ତାହା ଅନୁମାନସାପେକ୍ଷ । ଅପରପକ୍ଷରେ ବନ୍ଦ ପଡ଼ିଥିବା ୭୦ଟି ଅତିରିକ୍ତ ମଦଦୋକାନ ଖୋଲିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଥିବା ବେଳେ ଚାରିଟି ମଦ ତିଆରି କାରଖାନା ପ୍ରତିଷ୍ଠା ପ୍ରସ୍ତାବ ବିଚାରାଧୀନ ଥିବା ବିଧାନସଭାରେ ସୂଚନା ଦେଇଛନ୍ତି ।

ଉପରୋକ୍ତ ଦୁଇ ସ୍ୱର୍ଶକାତର ପ୍ରସଙ୍ଗକୁ ଏକାଠି ତର୍ଜମା କଲେ ଆଗାମୀ ଦିନରେ ରାଜ୍ୟରେ ସାମାଜିକ ସ୍ଥିତି କେତେ ସମ୍ବେଦନଶୀଳ ଓ ଉଦ୍‌ବେଗଜନକ ହେବାକୁ ଯାଉଛି ତାହା କେତେକାଂଶରେ ସ୍ପଷ୍ଟ ହେବ । ହୁଏତ ପ୍ରସ୍ତାବିତ ମଦ କାରଖାନା ଓ ମଦ ଦୋକାନ ପାଇଁ ବିଶେଷ ଗ୍ରାହକ ସମସ୍ୟା ସୃଷ୍ଟି ହେବନାହିଁ । କାରଣ ବିନା ଶିକ୍ଷକରେ ମଣିଷ ତିଆରି କାରଖାନାରୁ ଯେଉଁ ଉତ୍ପାଦମାନେ ବାହାରିବେ ସେମାନେ ଅଚିରେ କ୍ରମବର୍ଦ୍ଧିଷ୍ଣୁ ମଦ କାରଖାନା ଓ ଦୋକାନଗୁଡ଼ିକର ଗ୍ରାହକ ହୋଇଯିବେ । ସାମାଜିକ ଶାନ୍ତି ଓ ସ୍ଥିରତାରେ ସେହି ଗ୍ରାହକମାନଙ୍କର ଅବଦାନ କ'ଣ ହେବ ତାହା ବୁଝାଇ କହିବା ଅନାବଶ୍ୟକ । ଶିକ୍ଷା ଏକ ଜଞ୍ଜାଳମୟ ଓ ସମସ୍ୟାବହୁଳ କ୍ଷେତ୍ର(ରଗ୍ଣ ଶିଳ୍ପ) । ଶିକ୍ଷକ ବିନା ଛାତ୍ରଛାତ୍ରୀ ସ୍କୁଲ୍ ନ ଆସିଲେ ସେଗୁଡ଼ିକ ଆପେ ବନ୍ଦ ହୋଇଯିବ ଏବଂ ସେ ବାବଦ ଅର୍ଥ ଚିନ୍ତାରୁ ସରକାର ଅନ୍ତତଃ ମୁକ୍ତ ହୋଇପାରିବେ । ଅପରପକ୍ଷେ ମଦ ଦୋକାନ ଓ କାରଖାନାର ରାଜସ୍ୱରେ ରାଜକୋଷ ପୁଷ୍କଳ ହେବା ନିଶ୍ଚିତ । ତେଣୁ ଉପରୋକ୍ତ ଚତୁର ଓ ଅଭିନବ ସାମାଜିକ-ଅର୍ଥନୈତିକ ସମୀକରଣରେ ସରକାରଙ୍କୁ ଦୁଇ ପଟୁ ଫାଇଦା ହେବ ଏବଂ ଓଡ଼ିଶା ଏକ ରାଜସ୍ୱ ବଳକା ରାଜ୍ୟ ହୋଇପାରିବ । ତେବେ ଏହା କ'ଣ ୨୦୩୬ର ବିକଶିତ ଓଡ଼ିଶାର ମୂଳଦୁଆ?

ଏହି ବ୍ୟଙ୍ଗଧର୍ମୀ ଉପସ୍ଥାପନା ଭିତରେ ଲୁଚି ରହିଥିବା ଗୂଢ଼ ସ୍ୱର୍ଶକାତର ସଙ୍କେତକୁ ନୀତି ନିର୍ଦ୍ଧାରକମାନେ ହୃଦୟଙ୍ଗମ କରନ୍ତୁ । ମାନଦଣ୍ଡ ସମ୍ପର୍କିତ ବିଷମ ପରିସ୍ଥିତିରୁ ବିଇଡି କଲେଜଗୁଡ଼ିକ ଏତେ ଶୀଘ୍ର ମୁକୁଳିବା ସହଜ ନୁହେଁ । ଏହି ଜଟିଳ ସମସ୍ୟାର ସମାଧାନ ପାଇଁ ସରକାରୀ ହସ୍ତକ୍ଷେପ ନିହାତି ଜରୁରୀ । ଡବଲ୍ ଇଞ୍ଜିନ୍ ସରକାରରେ ନୀତି ଓ ନିୟମ କୋହଳ କିମ୍ବା ପରିବର୍ତ୍ତନରେ ବିଶେଷ ଅସୁବିଧା ହେବନାହିଁ । ସରକାର ମଦ କାରଖାନା ଓ ମଦ ଦୋକାନ ଖୋଲିବା ନିଶାରୁ ମୁକୁଳି ସାମଗ୍ରିକ ଶିକ୍ଷା ବ୍ୟବସ୍ଥାର ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ । ସରକାରଙ୍କ ଏପରି ଅପରିଣାମଦର୍ଶୀ ନୀତି ରାଜ୍ୟର ଚପଳମତି କିଶୋରମାନଙ୍କୁ ପଥଭ୍ରଷ୍ଟ କରିବା ସହ 'ସର୍ବଶିକ୍ଷା ଅଭିଯାନ'ର 'ଚଲୋ ସ୍କୁଲ୍ ଚଲେ ହମ୍' ସ୍ଲୋଗାନ୍‌କୁ ଅର୍ଥହୀନ କରିବ । ଏଭଳି ଆଶଙ୍କିତ ପଦଧ୍ୱନି ଶୁଭିବା ପୂର୍ବରୁ ସରକାର ଆତ୍ମସମୀକ୍ଷା କରନ୍ତୁ । ସାମାଜିକ-ଅର୍ଥନୀତିରେ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରନ୍ତୁ । ମଦ କାରଖାନାର ତତ୍ପରତା ବନ୍ଦ ପଡ଼ିଥିବା ଚିନି ଓ ସୂତାକଳରେ ପ୍ରତିଫଳିତ ହେଲେ ଓଡ଼ିଶାର ଶିଳ୍ପାୟନ, ରୋଜଗାର ଓ ଅର୍ଥନୀତି ଗତିଶୀଳ ହେବ ।



# ସମ୍ପାଦକୀୟ



ପଡ଼ୋଶୀର ଉନ୍ନତି ପ୍ରତି ଅଧିକ ଯତ୍ନବାନ ହେବା ଆବଶ୍ୟକ ।
-ମଦର ଟେରେସା

# ସାକ୍ଷର ଭାରତର ନବନିରକ୍ଷର

ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ

ଦେଶକୁ ଶକ୍ତିଶାଳୀ କରିବା ପାଇଁ କେବଳ ଜନସଂଖ୍ୟା ନୁହେଁ, ଜନସଂଖ୍ୟାର ମସ୍ତିଷ୍କଶକ୍ତିର ଆବଶ୍ୟକତା ଅଧିକ । ମସ୍ତିଷ୍କଶକ୍ତି ନିର୍ଭର କରେ ଶିକ୍ଷା ଉପରେ । ଶିକ୍ଷାର ମୂଳଭିତ୍ତି ହେଉଛି ସାକ୍ଷରତା । ସାକ୍ଷରତା ଅର୍ଥ କେବଳ ପଢ଼ିବା ଓ ଲେଖିବାର ମୌଳିକ କ୍ଷମତା ନୁହେଁ, ସାକ୍ଷରତା ହେଉଛି ଜ୍ଞାନର ଦ୍ୱାର । ବିଭିନ୍ନ କ୍ଷେତ୍ରରେ ସୂଚନା ପ୍ରାପ୍ତି, ନିଷ୍ପତ୍ତି ନେବାର ସାମର୍ଥ୍ୟ, ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ ଓ ଆର୍ଥ-ସାମାଜିକ ସ୍ଥିତିରେ ଉନ୍ନତି ଆଣିବା କ୍ଷେତ୍ରରେ ସାକ୍ଷରତା ହେଉଛି ମାଧ୍ୟମ । ଶିକ୍ଷା, ରୋଜଗାର ଓ ଆତ୍ମବିଶ୍ୱାସ ବୃଦ୍ଧି ନିମନ୍ତେ ଏହା ଖୋଲିଦିଏ ପରିବର୍ତ୍ତନର ଦ୍ୱାର । ଅନ୍ୟପକ୍ଷରେ ନିରକ୍ଷର ଜାତି ପାଇଁ ପ୍ରଗତିର ସ୍ୱପ୍ନ ସର୍ବଦା ଅଧୁରା । ନିରକ୍ଷରତା ନିର୍ଦ୍ଦିଷ୍ଟ କୌଣସି ରାଷ୍ଟ୍ରର ସୀମା ମଧ୍ୟରେ ଆବଦ୍ଧ ନୁହେଁ, ଏହା ଏକ ବିଶ୍ୱବ୍ୟାପୀ ସମସ୍ୟା । ଏଥିରୁ ମୁକୁଳିବା ପାଇଁ ସର୍ବପ୍ରଥମେ ଗ୍ରେଟବ୍ରିଟେନରେ ପ୍ରୟାସ ଆରମ୍ଭ ହୋଇଥିଲା ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ । ଏହାକୁ ଅନୁକରଣ କରି ବିଶ୍ୱର ବିଭିନ୍ନ ଦେଶରେ ଆୟୋଜିତ ହେଲା ସାକ୍ଷରତା କାର୍ଯ୍ୟକ୍ରମ । ତେବେ ସାରାବିଶ୍ୱରେ ଏହା ଏକ ଆନ୍ଦୋଳନରେ ପରିଣତ ହୋଇ ପାରିଥିଲା ୟୁନେସ୍କୋ ପ୍ରତିଷ୍ଠା ହେବା ପରେ । ବିଶେଷ କରି ୧୯୪୯ ମସିହାରେ ଡେନମାର୍କର ଏଲସିନୋଠାରେ ଆୟୋଜିତ ୟୁନେସ୍କୋର ସ୍ୱତନ୍ତ୍ର ଅଧିବେଶନ ପରେ ବ୍ୟାପକ ହେଲା ସାକ୍ଷରତା ଅଭିଯାନ । ୧୯୬୫ ମସିହା ସେପ୍ଟେମ୍ବର ୮ ତାରିଖରେ ଇରାନର ରାଜଧାନୀ ତେହେରାନଠାରେ ଅନୁଷ୍ଠିତ ୟୁନେସ୍କୋ ସମ୍ମିଳନୀରେ ସେହି ଦିବସଟିକୁ 'ଆନ୍ତର୍ଜାତିକ ସାକ୍ଷରତା ଦିବସ' ଭାବେ ପାଳନ କରିବାକୁ ପ୍ରସ୍ତାବ ଗୃହୀତ ହେଲା ଏବଂ ଜାତିସଂଘର ଅନୁମୋଦନକ୍ରମେ ୧୯୬୬ ମସିହାରୁ ଏହା ପାଳିତ ହୋଇଆସୁଛି । ଇତିମଧ୍ୟରେ ପ୍ରାୟ ୫୦ ବର୍ଷ ଅତିକ୍ରାନ୍ତ ହୋଇସାରିଛି ଏବଂ ସାକ୍ଷରତା ଅଭିଯାନକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରି ପ୍ରାୟତଃ ଶତ ପ୍ରତିଶତ ସଫଳତା ହାସଲ କରିପାରିଛନ୍ତି ଆମେରିକା, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ ଓ ରୁଷିଆ ଆଦି ବିକଶିତ ରାଷ୍ଟ୍ର ।

ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ହେବାର ଗୋଟିଏ ଦଶନ୍ଧି ପରେ ଭାରତ ନିରକ୍ଷରତାକୁ ଏକ ଜାତୀୟ ସମସ୍ୟାଭାବେ ଗ୍ରହଣ କଲା ଏବଂ ୧୯୭୭ ମସିହା ଗାନ୍ଧୀ ଜୟନ୍ତୀ ଠାରୁ ଦେଶରେ ଆରମ୍ଭ ହେଲା ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ । ୧୯୮୬ ମସିହାରେ ଦେଶରେ ଜାତୀୟ ଶିକ୍ଷାନୀତି ଘୋଷଣା ହେବା ସହିତ ୨୦୦୦ ମସିହା ସୁଦ୍ଧା ଦେଶରୁ ନିରକ୍ଷରତା ବ୍ୟାଧିର ମୂଳୋତ୍ପାଟନ ପାଇଁ ଧାର୍ଯ୍ୟ ହେଲା ଲକ୍ଷ୍ୟ । ଏହାକୁ ଦୃଷ୍ଟିରେ ରଖି ୧୯୮୮ ମସିହାରୁ କାର୍ଯ୍ୟକାରୀ ହେଲା ଜାତୀୟ ସାକ୍ଷରତା ମିଶନ । ସାର୍ବଜନୀନ ଶିକ୍ଷାକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରଣୟନ ହେଲା ସ୍ୱତନ୍ତ୍ର ଜାତୀୟ ଶିକ୍ଷାନୀତି । ୧୯୯୩ ମସିହାରେ ଏକ ଐତିହାସିକ ରାୟ ପ୍ରଦାନ କରି ମାଗଣାରେ ପାଠ ପଢ଼ି ଶିକ୍ଷିତ ହେବା ଏ ଦେଶର ସବୁ ପିଲାଙ୍କର ମୌଳିକ ଅଧିକାର ବୋଲି ଘୋଷଣା କଲେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ । ଏହାଦ୍ୱାରା ଆଇନର କାର୍ଯ୍ୟକାରିତା ତଥା ଲକ୍ଷ୍ୟ ହାସଲ ଦିଗରେ ପ୍ରକାଶ ପାଇଲା ତତ୍ପରତା । ମାତ୍ର ସବୁ ସତ୍ତ୍ୱେ ବି ଦେଶରୁ ହଟିଲାନି ନିରକ୍ଷରତା ।

୧୯୪୭ ମସିହାରେ ଭାରତ ସ୍ୱାଧୀନତା ସମୟରେ ଆମର ସାକ୍ଷରତା ହାର ଥିଲା ୧୨ ଶତାଂଶ । ସାକ୍ଷରତା କ୍ଷେତ୍ରରେ ଗ୍ରାମୀଣ ଜନସଂଖ୍ୟା, ମହିଳା ଓ ଦଳିତ ଜାତିର ଲୋକଥିଲେ ବହୁ ପଛରେ । ତେଣୁ ଦେଶ ସ୍ୱାଧୀନ ହେବାର ବହୁ ପୂର୍ବରୁ ନିରକ୍ଷରତାକୁ ଏକ ମହାବ୍ୟାଧି ରୂପେ ଚିହ୍ନଟ କରିଥିଲେ ଜାତିର ଜନକ ମହାତ୍ମା ଗାନ୍ଧୀ । ଏହାର ନିରାକରଣ ପାଇଁ ନାରୀ ଶିକ୍ଷା ଓ ପ୍ରୌଢ଼ଶିକ୍ଷାକୁ ସେ ସ୍ଥାନ ଦେଇଥିଲେ ତାଙ୍କ ୧୮ ଦଫା ରଚନାତ୍ମକ କାର୍ଯ୍ୟକ୍ରମରେ । ସ୍ୱାଧୀନତା ପରେ ଆମ ସମ୍ବିଧାନର ୪୫ ଧାରା ଅନୁଯାୟୀ ୧୦ ବର୍ଷରୁ ୧୪ ବର୍ଷ ବୟସର ପିଲାଙ୍କୁ ମାଗଣାରେ ଶିକ୍ଷା ଯୋଗାଇ ଦେବା ପାଇଁ ପ୍ରସ୍ତୁତ ହେଲା ଯୋଜନା । ୧୯୫୦ ଜାନୁୟାରୀ ୨୬ ତାରିଖରେ ସମ୍ବିଧାନ ପ୍ରଣୟନ ବେଳକୁ ଦେଶର ସାକ୍ଷରତା ହାର ଥିଲା (୧୯୫୧ ଜନଗଣନା ତଥ୍ୟ ଅନୁଯାୟୀ) ୧୬.୭ ପ୍ରତିଶତ । ୨୦୧୧ ଜନଗଣନା ବେଳକୁ ସେହି ହାର ପହଞ୍ଚିଲା ୭୪.୪ ପ୍ରତିଶତ ପାଖରେ । ଅର୍ଥାତ୍ ୬୦ ବର୍ଷ ମଧ୍ୟରେ ବୃଦ୍ଧି ପାଇଥିବା ସାକ୍ଷରତା ପରିମାଣ ହେଲା ୫୭.୭ ପ୍ରତିଶତ । ଏହି ଦୃଷ୍ଟିରୁ ସଫଳତା ହାର ବାର୍ଷିକ ଏକ ପ୍ରତିଶତରୁ ବି କମ୍ । ଦେଶରେ ପ୍ରୌଢ଼ଶିକ୍ଷା, ସାକ୍ଷର ଭାରତ, ଶିକ୍ଷିତ ଭାରତ, ସାକ୍ଷରତା ଅଭିଯାନ ଓ ସର୍ବଶିକ୍ଷା ଅଭିଯାନ ଆଦି ଅନେକ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଏହା ହେଉଛି ସଫଳତାର ବାସ୍ତବ ଚିତ୍ର । ଏହି ଦୃଶ୍ୟପଟରେ ଆହୁରି ନୈରାଶ୍ୟଜନକ ମନେହୁଏ ଆମ ରାଜ୍ୟ ଓଡ଼ିଶାର ସ୍ଥିତି ।

୨୦୧୧ଜନଗଣନା ତଥ୍ୟ ଅନୁସାରେ ଓଡ଼ିଶାର ମୋଟ ୪ କୋଟି ୧୯ ଲକ୍ଷ ୪୭ ହଜାର ୩୫୮ ଜନସଂଖ୍ୟା ମଧ୍ୟରୁ ନିରକ୍ଷରଙ୍କ ସଂଖ୍ୟା ୯୭ ଲକ୍ଷ ୯୯ ହଜାର ୩୩୨ । ଯୋଜନାବଦ୍ଧ ପ୍ରୟାସ ଫଳରେ ନିରକ୍ଷରତା କଳଙ୍କକୁ ଦୂର କରିପାରିଥିବା କେରଳ ଭଳି ରାଜ୍ୟ ସହ ଓଡ଼ିଶାକୁ ତୁଳନା କଲେ ନିରାଶା ସୃଷ୍ଟି ହୁଏ । ଏହି ନିରକ୍ଷରତା ବୋଝ ଯୋଗୁଁ ଓଡ଼ିଶା ଦାରିଦ୍ର୍ୟ କବଳରୁ ମୁକୁଳିବାକୁ ଦୀର୍ଘବର୍ଷର ସଂଘର୍ଷ କରିବାକୁ ପଡ଼ିଛି । ୧୯୨୦ ମସିହାରେ ଗାନ୍ଧିଜୀ କହିଥିଲେ - ଓଡ଼ିଶା ହେଉଛି ଦେଶରେ ଦାରିଦ୍ର୍ୟର ପ୍ରତିଚ୍ଛବି । ୨୦୧୩ ମସିହାରେ ଓଡ଼ିଶାକୁ ଅନ୍ୟତମ ପଛୁଆ ରାଜ୍ୟ ଭାବେ ଚିହ୍ନଟ କଲେ କେନ୍ଦ୍ର ସରକାରଙ୍କ ରଘୁରାମ ଜି ରାଜନ୍ କମିଟି ।

ଭାରତବର୍ଷରେ ସାକ୍ଷରତା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଥିବା ରାଜ୍ୟମାନଙ୍କ ମଧ୍ୟରେ ସବା ଆଗରେ ଥିଲା କେରଳ । ୧୯୯୧ ମସିହା ସୁଦ୍ଧା ଦକ୍ଷିଣ ଭାରତର ଏହି ରାଜ୍ୟର ସାକ୍ଷରତା ହାର ଥିଲା ୯୦ ଶତାଂଶରୁ ଅଧିକ । ଶିକ୍ଷା ଦ୍ୱାରା ସଶକ୍ତ ହୋଇ କେରଳର ମହିଳାମାନେ ରାଜନୀତି, ସ୍ଥାନୀୟ ଶାସନ ଓ ସାମାଜିକ ସଂଗଠନ ଆଦିରେ ସକ୍ରିୟ ଭାଗନେବା କାରଣରୁ ସେଠାକାର ଲୋକଙ୍କର ସ୍ୱାସ୍ଥ୍ୟାବସ୍ଥା ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଉନ୍ନତ । କାରଣ ଶିକ୍ଷିତ ମହିଳାମାନେ ସ୍ୱାସ୍ଥ୍ୟସେବାରେ ପ୍ରବେଶ କରିବା ସହିତ ପିଲାମାନଙ୍କୁ ସ୍ୱଚ୍ଛତା, ପୁଷ୍ଟିକର ଖାଦ୍ୟ ଏବଂ ପରିବାର ଯୋଜନା ବିଷୟରେ ଶିକ୍ଷା ଦେବାର ସମ୍ଭାବନା ଅଧିକ ।

୩ ଜୁନ୍ ୨୦୨୫ରେ ପ୍ରକାଶିତ ପିରିୟଡିକ୍ ଲେବର ଫୋର୍ସ ସର୍ଭେ ୨୦୨୩-୨୪ରୁ ଉପଲବ୍ଧ ତଥ୍ୟ ଅନୁସାରେ ଭାରତର ସାକ୍ଷରତା ହାର ଏବେ ପ୍ରାୟତଃ ୮୧ ପ୍ରତିଶତ । ମାତ୍ର ଏଥିରେ ଯେଉଁ ଅସ୍ୱସ୍ତିକର ସତ୍ୟ ଲୁଚି ରହିଛି ତାହା ହେଲା, ବିଭିନ୍ନ ପ୍ରକାର ବିଭାଜନ ରେଖା ବା ଭାରସାମ୍ୟହୀନ ଅସମାନତା । ସହରାଞ୍ଚଳରେ ସାକ୍ଷରତା ହାର ୮୯ ପ୍ରତିଶତ ହୋଇଥିବା ବେଳେ ଗ୍ରାମାଞ୍ଚଳରେ ତାହା ୭୭ ପ୍ରତିଶତ । ପୁରୁଷମାନଙ୍କର ସାକ୍ଷରତା ହାର ୮୭ ପ୍ରତିଶତ ଟପିଥିବା ସ୍ଥଳେ ମହିଳାମାନଙ୍କ ସାକ୍ଷରତା ହାର ୭୫ ଶତାଂଶରୁ କମ୍ । ଏହି ରିପୋର୍ଟ ଅନୁସାରେ ଭାରତର ଉତ୍ତର-ପୂର୍ବରେ ଅବସ୍ଥିତ ଛୋଟିଆ ରାଜ୍ୟ ମିଜୋରାମ କେରଳ ସମେତ ସମସ୍ତ ରାଜ୍ୟକୁ ପଛରେ ପକାଇ ପୂର୍ଣ୍ଣ ସାକ୍ଷର ରାଜ୍ୟର ମାନ୍ୟତା ଲାଭ କରିଛି, ଯାହାର ସାକ୍ଷରତା ହାର ୯୫ ଶତାଂଶରୁ ଅଧିକ । ୨୦୧୧ ଜନଗଣନାରେ ମିଜୋରାମ ତୃତୀୟ ସ୍ଥାନରେ ଥିଲା ଏବଂ ତା'ର ସାକ୍ଷରତା ହାର ଥିଲା ୯୯.୩ ଶତାଂଶ । ନୂତନ ସାକ୍ଷରତା ମିଶନ ଅଧୀନରେ ଯେ କୌଣସି ରାଜ୍ୟକୁ ୯୭ ପ୍ରତିଶତ ସାକ୍ଷରତା ହାସଲ କରିବା ପରେ ପୂର୍ଣ୍ଣ ସାକ୍ଷର ଘୋଷଣା କରାଯାଏ, ଯେଉଁ ମାଇଲ ଖୁଣ୍ଟକୁ ଅତିକ୍ରମ କରିଛି ମିଜୋରାମ । ଏଠାରେ ସାତବର୍ଷରୁ ଅଧିକ ବୟସର ୯୯.୨ ପୁରୁଷ ସାକ୍ଷର ହୋଇଥିବା ସ୍ଥଳେ ୯୭ ଶତାଂଶ ମହିଳା ସାକ୍ଷର ଏବଂ ମୋଟ ସାକ୍ଷରତା ହାର ୯୮.୨୦ ଶତାଂଶ । ମିଜୋରାମ ତଳକୁ କେରଳ ୯୫.୩, ତ୍ରିପୁରା ୯୩.୭ ଓ ଗୋଆ ୯୩.୬ ହୋଇଥିବା ସ୍ଥଳେ ଓଡ଼ିଶାର ସ୍ଥାନ (୭୯.୬) ବହୁ ପଛରେ ।

ସାକ୍ଷରତା କେବଳ ବ୍ୟକ୍ତିଗତ ବିକାଶର ବିଷୟ ନୁହେଁ, ଏହା ରାଷ୍ଟ୍ର ନିର୍ମାଣର ମାଧ୍ୟମ । ଏହା କେବଳ ବିକାଶ କରାଏ ନାହିଁ, ସମ୍ମାନିତ କରାଏ ଏବଂ ସାମାଜିକ ଅନ୍ତର୍ଭୁକ୍ତୀ ବା ନାଗରିକ କାର୍ଯ୍ୟକଳାପରେ ନିୟୋଜନ ପାଇଁ ସୃଷ୍ଟି କରେ ସୁଯୋଗ । ଅର୍ଥାତ୍ ସାକ୍ଷର ବ୍ୟକ୍ତିର ଥାଏ ଏକ ନିଜସ୍ୱ ପରିଚାଳନା ପଦ୍ଧତି । ଦିନଥିଲା ଭାରତରେ ସାକ୍ଷରତା ଓ ନିରକ୍ଷରତା ଥିଲା ଏକ ଆପେକ୍ଷିକ ବିଷୟ । ଲୋକେ ଲେଖିପଢ଼ିଲେଖି ଜାଣି ନଥିବାରୁ ନିରକ୍ଷର ଥିଲେ ସତ, କିନ୍ତୁ ସାକ୍ଷର ଭଳି ପ୍ରତୀୟମାନ ହେଉଥିଲେ କଥା କହିଲା ବେଳେ । ସାମାଜିକ ବ୍ୟବସ୍ଥା, ବେପାର ବଣିଜ, ଗାର୍ହସ୍ଥ୍ୟ ଜୀବନ ଓ ଯାବତୀୟ ପୁରାଣ, ଲୋକକଥା ଓ ରୀତିନୀତି ସଂପର୍କରେ ଖୁବ୍ ଦକ୍ଷତାର ସହ ବଖାଣି ପାରୁଥିଲେ ସାକ୍ଷର ଓ ଶିକ୍ଷିତ ଲୋକଙ୍କ ପରି । ଏବେ କିନ୍ତୁ ଲୋକ ସାକ୍ଷର ବୋଲି ପ୍ରମାଣପତ୍ର ପାଉଛନ୍ତି, କିନ୍ତୁ ତାହାକୁ ପ୍ରମାଣ କରିପାରୁ ନାହାନ୍ତି ସାମାଜିକ କାର୍ଯ୍ୟକ୍ରମରେ । ଏହି ସାକ୍ଷରମାନଙ୍କୁ କୁହାଯାଉଛି ନବନିରକ୍ଷର ।

ଭଦ୍ରକ, ୬୩୭୧୬୪୨୪୬୪

# ବର୍ତ୍ତମାନ ସମୟରେ ଇଚ୍ଛାପତ୍ରର ଆବଶ୍ୟକତା

ମହେନ୍ଦ୍ର ନାୟକ

ଯେଉଁମାନେ ଚାକିରି କିମ୍ବା ବ୍ୟବସାୟ ଜୀବନ କାଳରେ ନିଜ ନାମରେ ଜମି ଖଣ୍ଡିଏ କିଣିପାରିଛନ୍ତି ସେମାନେ ଚାହିଁଲେ ତାହାକୁ ଅନ୍ୟ କାହାରିକୁ ନ ପଚାରି ହସ୍ତାନ୍ତର କରିପାରିବାର ନିୟମ ରହିଛି । ଏ ସବୁ ଦୃଷ୍ଟିରୁ ବିଜ୍ଞ ବ୍ୟକ୍ତିମାନେ ନିଜ ନାମରେ ଥିବା ସ୍ୱଉପାର୍ଜିତ ସମ୍ପତ୍ତିକୁ ପୁଅ କିମ୍ବା ଝିଅ ନାମରେ ଇଚ୍ଛାପତ୍ର କରିଦେଉଛନ୍ତି । ଇଚ୍ଛାପତ୍ର ନିୟମ ମତେ ଜମି ମାଲିକ ଜୀବିତ ଥିବା ପର୍ଯ୍ୟନ୍ତ ତାଙ୍କ ସମ୍ପତ୍ତି ଅଜାଣତରେ କେହି ନେଇଯାଇପାରିବେ ନାହିଁ । ଜମିମାଲିକ ମୃତ୍ୟୁ ପରେ ଇଚ୍ଛାପତ୍ରର ତତ୍ତ୍ୱାବଧାରକ ସରକାରୀ ନିୟମ ଦେଇ ଦୌରା ଜଜ୍‌ଙ୍କ ଆଦେଶ ବଳରେ ନିଜ ନାମରେ ସମ୍ପତ୍ତିର ମାଲିକାନା ସ୍ୱତ୍ତ୍ୱ ପାଇବାର ବ୍ୟବସ୍ଥା ଅଛି ।

ମନରେ ପ୍ରଶ୍ନ ଉଠେ ବ୍ୟକ୍ତିଗତ ଜମି ନିଜ ନାମରେ ଥିଲେ ଇଚ୍ଛାପତ୍ର ହୋଇପାରିବ କି? ସମ୍ପତ୍ତି ଦୁଇ ପ୍ରକାର । (୧) ପୈତୃକ (୨) ସ୍ୱଉପାର୍ଜିତ । ପିତାଙ୍କଠାରୁ ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ହୋଇଥିବା ସମ୍ପତ୍ତିକୁ ପୈତୃକ କୁହାଯାଏ । ସେ ସମ୍ପତ୍ତିରେ ସ୍ତ୍ରୀ ସହ ସନ୍ତାନମାନଙ୍କର ଅଧିକାର ଥାଏ । ପୈତୃକ ସମ୍ପତ୍ତିକୁ ଇଚ୍ଛାପତ୍ର କରାଯାଏ ନାହିଁ । କେବଳ ସ୍ୱଉପାର୍ଜିତ ସମ୍ପତ୍ତିରେ ଜଣେ ବ୍ୟକ୍ତି ଚାହିଁଲେ ଇଚ୍ଛାପତ୍ର ଦଲିଲ ସମ୍ପାଦନ କରିପାରିବେ । ନିଃସନ୍ତାନ ବ୍ୟକ୍ତି ତାଙ୍କ ସମ୍ପତ୍ତିକୁ ନିଜର ଭରଣପୋଷଣ, ଶୁଦ୍ଧିକ୍ରିୟା ଓ ପିଣ୍ଡଦାନ ନିମନ୍ତେ ଉଇଲ୍ ବା ଇଚ୍ଛାପତ୍ରର ସାହାରା ନେବାରେ କୌଣସି ଆଇନଗତ ବାଧା ନାହିଁ ।

ଇଚ୍ଛାପତ୍ର କରିବା ପୂର୍ବରୁ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି, ଅଭିଜ୍ଞ ଓକିଲ କିମ୍ବା ଅଭିଜ୍ଞତା ହାସଲ କରିଥିବା ମୋହରିରଙ୍କ ଦ୍ୱାରା ଲେଖାଇବା ଉଚିତ । ଦୁଇ ଜଣ ସାକ୍ଷୀ ମଧ୍ୟ ବୟସ୍କ ହୋଇ ନଥିଲେ ଭଲ । କାରଣ ବ୍ୟକ୍ତି ବା ଜମିମାଲିକଙ୍କ ଦେହାନ୍ତ ପରେ ସମସ୍ତ ବିଚାରାଳୟରେ ଇଚ୍ଛାପତ୍ର ସମ୍ବନ୍ଧେ ସାକ୍ଷୀ ଦେଇପାରିବେ । ଏଭଳି ବୟସର ସୀମା କୌଣସି ଆଇନ ବହିରେ ଉଲ୍ଲେଖ ନାହିଁ କିମ୍ବା ଧାର୍ଯ୍ୟ କରାଯାଇନାହିଁ । ନିଃସନ୍ତାନ କିମ୍ବା ନିଃସହାୟ ବ୍ୟକ୍ତି ନିଜର ସେବାଶୁଶ୍ରୂଷା, ଭରଣପୋଷଣ ଓ ଅନ୍ତିମ ସତ୍କାର କରିବା ନିମିତ୍ତ ଇଚ୍ଛାପତ୍ରର ଆଶ୍ରୟ ନେଇଥା'ନ୍ତି । ଉପଯୁକ୍ତ ବ୍ୟକ୍ତି ଦେଖି ତାଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରି ଇଚ୍ଛାପତ୍ର ବା ଶେଷପତ୍ର ସମ୍ପାଦନ କରିବାର ଅନେକ ନଜିର ରହିଛି । କୌଣସି ବ୍ୟକ୍ତିବିଶେଷଙ୍କର ସାହାଯ୍ୟ, ସହାନୁଭୂତି, ସେବା ଶୁଶ୍ରୂଷା ବଳରେ ଜମି ମାଲିକ ମୁଗଧ ହୋଇ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ଇଚ୍ଛାପତ୍ର ସମ୍ପାଦନ କରିଥିବାର ଉଦାହରଣ ଅଛି । ପରିବାରରେ ଉତ୍ତରାଧିକାରୀମାନଙ୍କ ସଂଖ୍ୟା ଅଧିକ ଥିଲେ ମଧ୍ୟ କେତେକ ବ୍ୟକ୍ତି ପରିବାର ସଦସ୍ୟଙ୍କ ବ୍ୟତୀତ ବାହାରର କୌଣସି ସ୍ତ୍ରୀଲୋକ କିମ୍ବା ବ୍ୟକ୍ତି ବିଶେଷଙ୍କ ଉପରେ ମୁଗ୍ଧ ହୋଇ ତାଙ୍କ ନାମରେ ସ୍ୱଉପାର୍ଜିତ ସମ୍ପତ୍ତି ପାଇଁ ଇଚ୍ଛାପତ୍ର କରିବା ପାଇଁ ଆଇନରେ କୌଣସି ବାରଣ କରାଯାଇନାହିଁ ।

ଉଇଲ ବା ଇଚ୍ଛାପତ୍ର ପରିବର୍ତ୍ତନଶୀଳ । ଅର୍ଥାତ ଜଣେ ବ୍ୟକ୍ତି ଚାହିଁଲେ ନିଜର ଜୀବନକାଳ ଭିତରେ ଅନ୍ୟଏକ ଗ୍ରହୀତାଙ୍କ ନାମେ ନୂତନ ଉଇଲ ସମ୍ପାଦନ କରିପାରିବେ । ଶେଷ ଉଇଲ୍‌ଟି ସବୁସ୍ଥଳରେ କାଏମ ରହିବ । ଇଚ୍ଛାପତ୍ର ସମ୍ପାଦନ କରୁଥିବା ବ୍ୟକ୍ତି ଓ ସାକ୍ଷୀମାନଙ୍କ ବୟସ ୧୮ ବର୍ଷରୁ ଅଧିକ ହେବା ଆବଶ୍ୟକ । ଯେକୌଣସି ଭାରତୀୟ ନାଗରିକ ସ୍ୱଉପାର୍ଜିତ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି ଅନ୍ୟ ଜଣେ ବ୍ୟକ୍ତିବିଶେଷ/ଏକାଧିକ ବ୍ୟକ୍ତି, ସେ ମହିଳା ବା ପୁରୁଷ ହୁଅନ୍ତୁ ତାଙ୍କ ନାମରେ ଇଚ୍ଛାପତ୍ର ସମ୍ପାଦନ କରିପାରିବେ । କିନ୍ତୁ ଇଚ୍ଛାପତ୍ର ସମ୍ପାଦନ କରୁଥିବା ବ୍ୟକ୍ତିଙ୍କର ମାନସିକ ବିକୃତି ନଥିବା ଜରୁରୀ । ଇଚ୍ଛାପତ୍ରରେ ଦାତାଙ୍କର ଉଦ୍ଦେଶ୍ୟର ବିବରଣୀ ତଥା ଗ୍ରହୀତାଙ୍କ ଉପରେ ଦିଆ ଯାଇଥିବା ଦାୟିତ୍ୱ ସମ୍ବନ୍ଧରେ ଦଲିଲରେ ସ୍ପଷ୍ଟ ଭାବେ ବର୍ଣ୍ଣନା କରାଯିବା ଦରକାର ।

କୌଣସି ଇଚ୍ଛାପତ୍ର ତତ୍ତ୍ୱାବଧାରକ ବା ଗ୍ରହୀତାଙ୍କ ସହ ଆଲୋଚନା କରାଯିବାର ଆବଶ୍ୟକତା ନାହିଁ ବା ଇଚ୍ଛାପତ୍ର ଦଲିଲରେ ଗ୍ରହୀତାଙ୍କ ସ୍ୱାକ୍ଷର କରାଯାଏ ନାହିଁ । ଇଚ୍ଛାପତ୍ର ଦଲିଲରେ ଦୁଇଜଣ ସାକ୍ଷୀଙ୍କ ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣା ଦିଆଯାଏ । ଦଲିଲ ସମ୍ପାଦନ ବେଳେ ଦାତା ବା ଜମି ମାଲିକଙ୍କ ସ୍ୱାକ୍ଷର ଦରକାର ପଡ଼େ । ଦଲିଲ ଲେଖକଙ୍କ ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣା ରହିବା ଆବଶ୍ୟକ । ଚରମପତ୍ର ବା ଇଚ୍ଛାପତ୍ର ଦଲିଲ ନିଜ ତହସିଲରେ ଥିବା କିମ୍ବା ସଂପୃକ୍ତ ମୌଜାର ଜମି ବାଡ଼ି ବିକ୍ରି ଖର୍ଦ୍ଦି କରାଯାଉଥିବା ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ରେଜେଷ୍ଟ୍ରି କରାଯିବାର ନିୟମ ରହିଛି । ରେଜେଷ୍ଟ୍ରି ବେଳେ ଗ୍ରହୀତା କିମ୍ବା ଦ୍ୱିତୀୟପକ୍ଷଙ୍କ ଉପସ୍ଥିତିର ଆବଶ୍ୟକତା ନାହିଁ ।

ବିନା ରେଜେଷ୍ଟ୍ରିକରଣରେ ମଧ୍ୟ ଇଚ୍ଛାପତ୍ର ସମ୍ପାଦନ ହୋଇପାରିବ । କିନ୍ତୁ ସେହି ଉଇଲରେ ଦୁଇ ଜଣ ସାକ୍ଷୀଙ୍କର ସ୍ୱାକ୍ଷର ସହ ସମ୍ପୂର୍ଣ୍ଣ ଡାକଠିକଣାର ଆବଶ୍ୟକତା ଅଛି । ଷ୍ଟାମ୍ପ ପେପର ବା ଷ୍ଟାମ୍ପ ଲାଗିଥିବା କାଗଜ ବ୍ୟତୀତ ସାଦାକାଗଜରେ ମଧ୍ୟ ଇଚ୍ଛାପତ୍ର ବା ଉଇଲ ସମ୍ପାଦନ କରାଯାଇପାରିବ । ଏ ସମ୍ବନ୍ଧରେ ଭାରତୀୟ ଉତ୍ତରାଧିକାରୀ ଆଇନ ୧୯୨୫, ହିନ୍ଦୁ ଉତ୍ତରାଧିକାରୀ ଆଇନ ୧୯୫୬, ହିନ୍ଦୁ ଉତ୍ତରାଧିକାରୀ ଆଇନ (ସଂଶୋଧିତ) ୨୦୦୫ ଓ ମୁସଲିମ ପରସନାଲ ଲ(ସରିଆତ) ଆପ୍ଲିକେସନ ଆକ୍ଟ ୧୯୩୭ରେ ପ୍ରାଞ୍ଜଳ ଭାବେ ଉଲ୍ଲେଖ ରହିଛି ।

ଓଡ଼ିଶାର କେତେକ ଜିଲ୍ଲାରେ ଦାତାଙ୍କର ଦେହାନ୍ତ ପରେ ଜିଲ୍ଲା ଦୌରା ଜଜ୍ ଇଜଲାସରେ ଗ୍ରହୀତାଙ୍କ ନାମେ ସ୍ୱତନ୍ତ୍ର ରେକର୍ଡ ପ୍ରସ୍ତୁତ କରିବା ନିମନ୍ତେ ଆଦେଶ ମଗାଯାଇଥାଏ । ଏହାକୁ 'ପ୍ରୋବେଟ' କୁହାଯାଏ । ଏଥିନିମନ୍ତେ ସଂପୃକ୍ତ ଦୌରାଜଜ୍‌ଙ୍କ କୋର୍ଟରେ ମୋକଦ୍ଦମା ଦାଏର କରାଯିବା ପରେ ଦାତାଙ୍କର ସମସ୍ତ ଉତ୍ତରାଧିକାରୀମାନଙ୍କୁ ନୋଟିସ ପଠାଯାଇ ସେମାନଙ୍କର ମତାମତ ରେକର୍ଡ କରାଯାଏ । ଦୌରାଜଜ୍ ପୁଙ୍ଖାନୁପୁଙ୍ଖ ତର୍ଜମା କରିବାପରେ ଗ୍ରହୀତାଙ୍କ ନାମରେ ସ୍ୱତନ୍ତ୍ର ରେକର୍ଡ କରାଯିବା ନିମନ୍ତେ ଆଦେଶ ବଳରେ ସଂପୃକ୍ତ ତହସିଲଦାର ଗ୍ରହୀତାଙ୍କ ନାମରେ ରେକର୍ଡ କରିବେ । ଯଦି କୌଣସି କାରଣରୁ ଦୌରାଜଜ୍ ଗ୍ରହୀତାଙ୍କ ସପକ୍ଷେ ଆଦେଶ ଦେଇ ନ ଥା'ନ୍ତି ସେ କ୍ଷେତ୍ରରେ ଗ୍ରହୀତାଙ୍କ ନାମେ ରେକର୍ଡ ବା ସ୍ୱତନ୍ତ୍ର ପଟ୍ଟା କରାଯାଇପାରିବ ନାହିଁ । ପ୍ରୋବେଟ ନିୟମଟି ଓଡ଼ିଶାର ଅବିଭକ୍ତ କଟକ, ପୁରୀ, ବାଲେଶ୍ୱର ଓ ଗଞ୍ଜାମ ଜିଲ୍ଲାରେ ପ୍ରଚଳନ ଅଛି । ଅବଶିଷ୍ଟ ଜିଲ୍ଲାଗୁଡିକରେ ଉଇଲ ବା ଇଚ୍ଛାପତ୍ରର ଦାତାଙ୍କ ଦେହାନ୍ତପରେ ଗ୍ରହୀତାଙ୍କ ନାମେ ତହସିଲଦାରଙ୍କ ଆଦେଶ ବଳରେ ସ୍ୱତନ୍ତ୍ର ପଟ୍ଟା ପ୍ରସ୍ତୁତ ହୋଇପାରିବ ।

କଟକ, ମୋ: ୯୩୩୮୦୦୮୧୯୩

# ଶାକ୍ତ ଗୁଣ୍ଡିଚା

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ଚତୁର୍ଦ୍ଧାମୂର୍ତ୍ତି ରଥାରୋହଣ କରି ଗୁଣ୍ଡିଚା ମନ୍ଦିରକୁ କରୁଥିବା ଯାତ୍ରା 'ଗୁଣ୍ଡିଚା ଯାତ୍ରା' ରୂପେ ବିଖ୍ୟାତ ହେବା ପରେ 'ଶାକ୍ତ ଗୁଣ୍ଡିଚା', 'ସୌର ଗୁଣ୍ଡିଚା', 'ଶୈବ ଗୁଣ୍ଡିଚା', 'ଗୁପ୍ତ ଗୁଣ୍ଡିଚା' ଓ 'ବସନ୍ତ ଗୁଣ୍ଡିଚା' ନାମରେ ଖ୍ୟାତ ଠାକୁରମାନଙ୍କର ଆଉ କେତେକ ସ୍ଥାନାନ୍ତରଣ ଯାତ୍ରା ଶ୍ରୀମନ୍ଦିରରେ ପାଳିତ ହୁଏ । ଆଶ୍ୱିନ କୃଷ୍ଣ ଅଷ୍ଟମୀଠାରୁ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ଦେବୀ ବିମଳାଙ୍କର ଷୋଳପୂଜା ଅନୁଷ୍ଠିତ ହୁଏ । ଏହି ଷୋଳଦିନ ବିମଳାଙ୍କ ଚଳନ୍ତି ପ୍ରତିମା ଦୁର୍ଗା ଓ ରତ୍ନସିଂହାସନରେ ଅଧିଷ୍ଠିତ ନୀଳମାଧବଙ୍କର (କୁନି ଜଗନ୍ନାଥ) ଷୋଳଦିନ ବ୍ୟାପୀ 'ଶାକ୍ତ ଗୁଣ୍ଡିଚା' ଯାତ୍ରା ପାଳନ କରାଯାଏ । ମାଧବଙ୍କ ସହ ଦେବୀ ଦୁର୍ଗା ଏହି ଯାତ୍ରାରେ ଅଂଶଗ୍ରହଣ କରୁଥିବାରୁ ଏହାକୁ 'ଦେବୀ ଗୁଣ୍ଡିଚା' ଏବଂ ଶରତ ଋତୁରେ ଅନୁଷ୍ଠିତ ହେଉଥିବାରୁ ଏହାକୁ 'ଶରତ ଗୁଣ୍ଡିଚା' ମଧ୍ୟ କୁହାଯାଏ ।

ଆଶ୍ୱିନ କୃଷ୍ଣ ଅଷ୍ଟମୀ ଦିନ ଜଗନ୍ନାଥଙ୍କ ଆଜ୍ଞାମାଳ ପାଇ ମାଧବ ଓ ଦେବୀ ସୁଭଦ୍ରାଙ୍କ ଆଜ୍ଞାମାଳ ପାଇ ଦୁର୍ଗା ଏକତ୍ର ରୁନ୍ଧା (ବନ୍ଧା) ହୋଇ ଝୁଲଣ ମଣ୍ଡପ ତଳେ ରଖା ଯାଇଥିବା ପାଲିଙ୍କିରେ ବିଜେ ହୁଅନ୍ତି । ବିମଳାଙ୍କର କେତେକ ନୀତି ସମାପନ ହେବା ପରେ ଆଲିଂଗିତ ଦୁର୍ଗାମାଧବ ପାଲିଙ୍କିରେ ଯାଇ ବିମଳାଙ୍କ ଜଗମୋହନରେ ଥିବା ପଲଙ୍କରେ ବିଜେ କରନ୍ତି । ସେଠାରେ ଯୁଗଳମୂର୍ତ୍ତିଙ୍କୁ ବନ୍ଦାପନା ଓ ଶୀତଳ ଭୋଗ ଅର୍ପଣ କରାଯାଏ । ବିମଳାଙ୍କର ତିନି ଧୂପ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କର ରାତ୍ରି ଚନ୍ଦନ ଲାଗି ହେବା ପରେ ବିମାନ ବଡୁ ସେବକମାନେ ଦୁର୍ଗାମାଧବଙ୍କୁ ଭଣ୍ଡାର ଘରେ ବିଜେ କରାନ୍ତି । 'ଶାକ୍ତ ଗୁଣ୍ଡିଚା'ର ପ୍ରଥମ ଆଠ ଦିନ ଆଲିଂଗିତ ଦୁର୍ଗାମାଧବ ଉପରୋକ୍ତ ନୀତିରେ ପ୍ରତିଦିନ ବିମଳାଙ୍କ ମନ୍ଦିରକୁ ବିଜେ ହୋଇ ପୂଜା ଆରାଧନା ପରେ ଭଣ୍ଡାର ଘରକୁ ବାହୁଡ଼ା ବିଜେ କରନ୍ତି ।

ଏହି ମହୋତ୍ସବର ନବମ ଦିନଠାରୁ ଶେଷ ପର୍ଯ୍ୟନ୍ତ ଆଠଦିନ ଦୁର୍ଗାମାଧବ ଆଲିଂଗିତ ଅବସ୍ଥାରେ ରଥାରୋହଣ କରି ଦୋଳମଣ୍ଡପ ସାହିରେ ଅଧିଷ୍ଠିତା ନାରାୟଣୀ ମନ୍ଦିରକୁ ବିଜେ କରନ୍ତି । ନାରାୟଣୀ ମନ୍ଦିର ଗୁଣ୍ଡିଚା ମନ୍ଦିରର ଭୂମିକା ନିର୍ବାହ କରନ୍ତି । ସେଠାରେ ଦୁର୍ଗାମାଧବଙ୍କର କର୍ପୁର ଚନ୍ଦନ ଲାଗି, ଭୋଗ ଅର୍ପଣ ଓ ବନ୍ଦାପନା ଆଦି କରାଯାଏ । ଚତୁର୍ଦ୍ଧାମୂର୍ତ୍ତିଙ୍କର ରାତ୍ରି ଚନ୍ଦନ ଲାଗି ପରେ ବିମାନ ବଡୁ ସେବକମାନେ ଦୁର୍ଗାମାଧବଙ୍କୁ ବାହୁଡ଼ାଇ ନେଇ ଭଣ୍ଡାର ଘରେ ବିଜେ କରାନ୍ତି । ଦୁର୍ଗାମାଧବ ନାରାୟଣୀ ମନ୍ଦିରକୁ ଯାତ୍ରା କଲା ବେଳେ ଦେବୀଙ୍କର ବିଜୟା ରଥରେ ଯାତ୍ରା କରନ୍ତି । ଏହି ରଥର ପ୍ରତ୍ୟାବର୍ତ୍ତନ ନ ଥିବାରୁ ବାହୁଡ଼ା ବିଜେ ସମୟରେ ଦିଅଁମାନେ ପାଲିଙ୍କିରେ ଫେରନ୍ତି । ଷୋଳପୂଜାର ଶେଷ ଆଠ ଦିନ ଦୁର୍ଗାମାଧବ ଏହିପରି ସବୁଦିନ ଯାତ୍ରା କରନ୍ତି ।

ଦୁର୍ଗା ଓ ମାଧବ ଏକତ୍ରିତ ଆରାଧିତ ହେବା ସାରା ଭାରତରେ ଅନ୍ୟ କୌଣସି ଯାଗାରେ ଦେଖାଯାଏ ନାହିଁ । ଦୁର୍ଗା ଶିବଙ୍କର ଶକ୍ତି ଓ ପତ୍ନୀ । ମହାପ୍ରଭୁ ଜଗନ୍ନାଥ ରତ୍ନବେଦୀରେ ପୂର୍ଣ୍ଣବ୍ରହ୍ମରୂପେ ବିରାଜମାନ କରିଥିଲେ ବି ବିଷ୍ଣୁତ୍ୱ ତାଙ୍କର ଏକ ବଳିଷ୍ଠ ପରିଚୟ । ବିଷ୍ଣୁ ଓ ଶିବ ପତ୍ନୀ ଦୁର୍ଗା ଏକତ୍ର ଆଲିଂଗିତ ଅବସ୍ଥାରେ ପୂଜିତ ହେଉଥିବା କଥା ଶୁଣିଲେ ଭ୍ରୂକୁଞ୍ଚନ ଅନେକଙ୍କର ହୁଏତ ପ୍ରଥମ ପ୍ରତିକ୍ରିୟା ହୋଇପାରେ । କିନ୍ତୁ ଉପରୋକ୍ତ ଆରାଧନାର ଜଗନ୍ନାଥଙ୍କ ବିଷ୍ଣୁ ସ୍ୱରୂପର କୌଣସି ସଂପର୍କ ନାହିଁ । ମହାପ୍ରଭୁଙ୍କଠାରେ ବିଷ୍ଣୁତ୍ୱ ଆରୋପଣ ହେବା ପୂର୍ବରୁ ବୌଦ୍ଧ ଓ ହିନ୍ଦୁ ତାନ୍ତ୍ରିକମାନେ ଭୈରବ ଓ ଦେବୀ ବିମଳାଙ୍କୁ ଭୈରବୀରୂପେ ଆରାଧନା କରୁଥିଲେ । ଉଡ୍ଡୀଶ ତନ୍ତ୍ର (ବିମଳା ଭୈରବୀ ସାକ୍ଷାତ ଜଗନ୍ନାଥସ୍ତୁ ଭୈରବ) ଓ ଦେବୀ ଭାଗବତ (ବିମଳା ଚ ମହାଦେବୀ ଜଗନ୍ନାଥସ୍ତୁ ଭୈରବ) ଏହା ଦୃଢ଼ ଭାବେ ପ୍ରମାଣ କରନ୍ତି ।

ବୌଦ୍ଧ ବିଶ୍ୱାସ ଅନ୍ତର୍ଗତ ବଜ୍ରଯାନ ଓ ସହଜଯାନର ପ୍ରବର୍ତ୍ତନ ଓଡ଼ିଶା ମାଟିରୁ ହୋଇଥିଲା । ସହଜଯାନୀମାନେ ବିଶ୍ୱାସ କରୁଥିଲେ ଯେ ମଣିଷର ଶରୀର ସମଗ୍ର ବ୍ରହ୍ମାଣ୍ଡର ପ୍ରତୀକ ଏବଂ ସବୁପ୍ରକାରର ସେବାପୂଜା କେବଳ ଶରୀର ପ୍ରତି ପ୍ରୟୋଗ ହେବା ଉଚିତ । ତେଣୁ ସେମାନେ ବିଶ୍ୱାସ କରନ୍ତି ଯେ ଭୈରବ ଓ ଭୈରବୀ ଆଲିଂଗିତ ଅବସ୍ଥାରେ ସହଜାନନ୍ଦରେ ଅବସ୍ଥାନ ସହଜରେ ବର ପ୍ରଦାନ କରନ୍ତି । ଆଦି ଶଙ୍କରଙ୍କ କର୍ଣାଟକ ଗସ୍ତ ସମୟରେ କ୍ରକଚ ନାମକ ଜଣେ ତନ୍ତ୍ରଗୁରୁ ତାଙ୍କୁ ପ୍ରଶ୍ନ କରିଥିଲେ - କମଳାକ୍ଷୀ ଉମାଦ୍ୱାରା ଭୈରବ ଆଲିଂଗିତ ନ ହେଲେ ସେ ସନ୍ତୁଷ୍ଟ ହେବେ କାହିଁକି? ବୌଦ୍ଧତନ୍ତ୍ର ପରେ ଜଗନ୍ନାଥ ହିନ୍ଦୁ ତନ୍ତ୍ରରେ ମଧ୍ୟ ଭୈରବରୂପେ ପୂଜିତ ହେଉଥିଲେ । ତାଙ୍କ ଉପରେ ବିଷ୍ଣୁତ୍ୱ ଆରୋପଣ ପରେ ମହାତ୍ମା ଆଦି ଶଙ୍କର ଓ ରାମାନୁଜାଚାର୍ଯ୍ୟ ଶ୍ରୀମନ୍ଦିର ପୂଜା ପଦ୍ଧତିରେ ଅନେକ ସଂସ୍କାର ଆଣିଥିଲେ ମଧ୍ୟ ସମ୍ଭାବ୍ୟ ବିରୋଧକୁ ଆଖି ଆଗରେ ରଖି କେତେକ ତାନ୍ତ୍ରିକ ପରମ୍ପରାକୁ ପୂର୍ବବତ ଚାଲୁ ରଖିଥିଲେ । ଶାକ୍ତ ଗୁଣ୍ଡିଚା ତା'ଭିତରୁ ଗୋଟିଏ । ଏହି ପରମ୍ପରା ପ୍ରଥମେ ବୌଦ୍ଧ ତାନ୍ତ୍ରିକମାନେ ଆରମ୍ଭ କରିଥିବାରୁ ଏହି ଯାତ୍ରାକୁ 'ବୌଦ୍ଧ ଗୁଣ୍ଡିଚା' କହିଲେ ଠିକ ହୁଅନ୍ତା ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ପୂର୍ବତନ କ୍ରିକେଟର୍ ଭେଙ୍କଟେଶ ପ୍ରସାଦ



ପୁରୀ,୨୩।୯ (ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଦ୍ରୁତ ବୋଲର ଭେଙ୍କଟେଶ ପ୍ରସାଦ। ମଙ୍ଗଳବାର ସକାଳେ ଶ୍ରୀ ପ୍ରସାଦ ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରି ଭିତରକୁ ପାଛୋଟି ନିଆଯାଇଥିଲା। ସେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ପରେ ବେଢ଼ା ପରିକ୍ରମା କରି ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ସେ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଆମର ସବୁକିଛି। ମହାପ୍ରଭୁଙ୍କ ଦର୍ଶନ କରି ବହୁତ ଖୁସି ଲାଗିଲା। ନିଜକୁ ଭାଗ୍ୟବାନ ମନେ କରୁଛି। ଭାରତୀୟ କ୍ରିକେଟ ଦଳ ସମ୍ପର୍କରେ ପ୍ରସାଦ କହିଥିଲେ, ଏବେ ଭାରତୀୟ ଟିମ୍ ବହୁତ ଭଲ ପ୍ରଦର୍ଶନ କରୁଛି। ବିଶେଷକରି ଯୁବ ଖେଳାଳିମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରୁଛନ୍ତି। ଅନ୍ୟପକ୍ଷରେ, ଏସିଆ କପ୍ ମ୍ୟାଚ୍‌ରେ ଭାରତୀୟ ଦଳର ଅଧିନାୟକ ପାକିସ୍ତାନ ଟିମ୍ ସହ କରମର୍ଦ୍ଦନ ନ କରିବା ପ୍ରସଙ୍ଗରେ ସେ କହିଛନ୍ତି ଯେ ଏହାକୁ ଆମେ ଗୁରୁତ୍ୱ ନ ଦେଇ ଖେଳ ଉପରେ ଅଧିକ ଧ୍ୟାନ ଦେବା ଉଚିତ।

■ ଜିଆଁକଟା ବାଣ ବିସ୍ଫୋରଣ ଘଟଣା

## ବିପୁଳ ବାଣ ଜବତ; ୫ ଗିରଫ



ହରଭଙ୍ଗା,୨୩।୯ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ଥାନା ଅନ୍ତର୍ଗତ ଜିଆଁକଟା ବାଣ ବିସ୍ଫୋରଣ ଘଟଣା ପରେ ପୁଲିସ, ପ୍ରଶାସନ ପକ୍ଷରୁ ମିଳିତ ଭାବେ ଲଗାତାର ୩ ଦିନ ହେଲା ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଥିଲା। ପୁରୁଣାକଟକ ବଜାର ଉପକଣ୍ଠରେ ଥିବା ନ୍ୟୁକୋଲନୀସ୍ଥିତ ଆଲୋକକାନ୍ତିଙ୍କ ଘର ସହ ବ୍ୟାଙ୍କ ସମ୍ମୁଖ ଫଳ ଦୋକାନ, କଲେଜ ଛକ, ରୁଗୁଡିପାଲ୍ଲୀ ଭଳି ୪ଟି ସ୍ଥାନରେ ପର୍ଯ୍ୟାୟକ୍ରମେ ଚଢ଼ଉ କରି ୧୫ଗାଡ଼ି ବାଣ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ମାଗିରାମ ବେହେରା (୬୦), କାହ୍ନୁ ପରିଡ଼ା (୨୫), ଆଲୋକ କାନ୍ତି (୫୦), ଲକ୍ଷ୍ମୀଧର ପରିଡ଼ା (୬୦) ଏବଂ ପ୍ରଶାନ୍ତ ସାହୁ (୩୮)। ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତିଶେଖର ଏହି ସୂଚନା ଦେଇଛନ୍ତି। ଜିଆଁକଟାସ୍ଥିତ ମାଗିରାମ ବେହେରାଙ୍କ ଘରକୁ କାହ୍ନୁ ପରିଡ଼ା ଏବଂ ଆଲୋକ କାନ୍ତି ଭଡ଼ାରେ ନେଇ ସେଠାରେ ବେଆଇନ ଭାବେ ବାଣ ଗୋଦାମ କରିଥିଲେ। ଘଟଣା ଦିନ ହଠାତ୍ ନିଆଁ ଲାଗିବାରୁ ବାଣ ବିସ୍ଫୋରଣରେ ଘର ସମ୍ପୂର୍ଣ୍ଣ ଧୂଳିସାତ ହୋଇଥିଲା। ଏଠାରୁ ମୁଖ୍ୟ ଅଭିଯୁକ୍ତ ଆଲୋକ କାନ୍ତି ବାହର ଜିଲ୍ଲାକୁ ବାଣ ଚାଲାଣ କରୁଥିବା ନେଇ ମଧ୍ୟ ଖୋଳତାଡ଼ ଚାଲିଥିବା ଆଇଜି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଜିଙ୍କ ସମେତ ବୌଦ୍ଧ ଏସ୍‌ପି ରାହୁଲ ଗୋଏଲ, ଆଇପିଏସ ଶିବା ରେଡ୍ଡି, ବୌଦ୍ଧ ଏସଡିପିଓ ଲରେନ୍ସ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପଟେ ଦକ୍ଷିଣାଞ୍ଚଳ ଆଇଜି ଜିଆଁକଟା ଗ୍ରାମର ବିସ୍ଫୋରଣ ସ୍ଥଳ ପରିଦର୍ଶନ ମଧ୍ୟ କରିଥିବା ଜଣାପଡ଼ିଛି।

## ନିଖୋଜ ମାର୍ବଲ ଶ୍ରମିକର ଗଳିତ ଶବ ବନ୍ଧରୁ ଉଦ୍ଧାର

କେସିଙ୍ଗା,୨୩।୯ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ଉତ୍‌କେଲା ପଞ୍ଚାୟତର ଠେମରାଠାରେଥିବା ଅମ୍ବାଜି ରକ୍ ଆଣ୍ଡ ମିନେରାଲସ୍ ଗ୍ରାନାଇଟ୍ ଫ୍ୟାକ୍ଟ୍ରିରେ ନୟାଗଡ଼ ଜିଲ୍ଲାର ଦୁଃଖାପାଲି ଗ୍ରାମର ସୁଦର୍ଶନ ସାହୁ (୪୭)କାମ କରୁଥିଲେ। ଗତ ରବିବାର ଦିନ ସୁଦର୍ଶନ ଗ୍ରାନାଇଟ୍ ଫ୍ୟାକ୍ଟ୍ରିକୁ ଲାଗି ରହିଥିବା ବାଳିକଟା ପୋଖରୀକୁ ଗାଧୋଇବାକୁ ଯାଇ ଆଉ ଫେରିନଥିଲେ। ବନ୍ଧ ପଠାରେ ତାଙ୍କ ପ୍ୟାଣ୍ଟସାର୍ଟ ପଡ଼ିଥିବା ଦେଖିବାକୁ ମିଳିଥିବା ବେଳେ କେସିଙ୍ଗାରୁ ଦମକଳ ବାହିନୀ ଓ ଉତ୍‌କେଲା ଫାଣ୍ଡି ଅଧିକାରୀ ଆସି ପୋଖରୀ ଭିତରେ ଖୋଜାଖୋଜି କରିଥିଲେ। ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ସୁଦର୍ଶନଙ୍କ କିଛି ପତ୍ତା ମିଳିନଥିଲା ପୁଣି ସୋମବାର ସକାଳୁ ପୁଣି ବାଳିକଟା ପୋଖରୀରେ ଦମକଳବାହିନୀ ଆସି ଖୋଜୁଛନ୍ତି କରିଥିଲେ ବି ସନ୍ଧ୍ୟା ପର୍ଯ୍ୟନ୍ତ କିଛି ସନ୍ଧାନ ପାଇନଥିଲେ। ପୁଣି ମଙ୍ଗଳବାର ସକାଳୁ କେସିଙ୍ଗା ଦମକଳବାହିନୀ ଓ ପୁଲିସ ସହାୟତାରେ ଅପରେସନ୍ ସନ୍ଧାନ ଆରମ୍ଭ ହୋଇଥିଲା ଶେଷରେ ମଙ୍ଗଳବାର ସକାଳ ପ୍ରାୟ ୮ ଘଣ୍ଟା ସମୟରେ ଦମକଳ ବାହିନୀ ବନ୍ଧମଝିରୁ ସୁଦର୍ଶନଙ୍କ ଗଳିତ ମୃତଦେହ ଠାବ କରିଥିଲେ। ଶବ ପାଣିରେ ଦୁଇ ରାତି ତିନି ଦିନ ରହିବା ଯୋଗୁଁ ଫୁଲି ଯାଇଥିବା ବେଳେ କେସିଙ୍ଗା ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ପୁଲିସ ଏହା ହତ୍ୟା ନା ଆତ୍ମହତ୍ୟା ତଦନ୍ତ ଆରମ୍ଭ କରିଛି।

## ବାପାର କଟୁରି ଚୋଟରେ ପୁଅ ମୃତ

କବାଟବନ୍ଧ, ୨୩।୯ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ବାପାର କଟୁରି ଚୋଟରେ ପୁଅର ମୃତ୍ୟୁ ହୋଇଛି। ମୃତକ ହେଲେ, ଜେନାପୁର ଥାନା ଅନ୍ତର୍ଗତ ଏଣ୍ତଲବା ପଞ୍ଚାୟତ ବିଛାଖଣ୍ଡି (ଶବର ସାହି)ର କଣ୍ଠିଆ ନାଏକଙ୍କ ପୁଅ ଶମ୍ଭୁ ନାଏକ (୩୦)। ମଙ୍ଗଳବାର ରାତି ପ୍ରାୟ ୮ଟାରେ କଣ୍ଠିଆ ଏବଂ ତାଙ୍କ ପୁଅ ଶମ୍ଭୁ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। କଣ୍ଠିଆ ରାଗିଯାଇ ଏକ କଟୁରିରେ ତାଙ୍କ ପୁଅ ଶମ୍ଭୁର ବେକକୁ ଚୋଟ ପକାଇଥିଲେ। ଶମ୍ଭୁ ସେହିଠାରେ ଟଳି ପଡ଼ିଥିଲେ ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଜେନାପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଧର୍ମଶାଳା ମେଡ଼ିକାଲକୁ ପଠାଇଥିଲେ।

## ବିଦ୍ୟୁତ ଆଘାତରେ ଯୁବକ ମୃତ

ସୁକିନ୍ଦା,୨୩।୯ (ସମିସ): ବିଦ୍ୟୁତ ଆଘାତରେ ସୁକିନ୍ଦା ଥାନା ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ବସାର ଗ୍ରାମ ଅଭିରାମ ମୁଣ୍ଡାଙ୍କ ପୁଅ ବାଦଲ ମୁଣ୍ଡା (୨୮) ଘରେ ମୋବାଇଲ ଚାର୍ଜର ଲଗାଉଥିବା ବେଳେ ବିଦ୍ୟୁତ ଆଘାତର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ପରିବାରଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ବାଦଲଙ୍କୁ ମୃତ ଘୋଷଣା କରିବା ସହ ସୁକିନ୍ଦା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି।

## ବଜ୍ରପାତରେ ମହିଳାଙ୍କ ସମେତ ୬ ଛେଳି ମୃତ

ଛେଣ୍ଡିପଦା,୨୩।୯ (ସମିସ): ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ପରା ଗାଁରେ ବଜ୍ରପାତରେ ଜଣେ ମହିଳାଙ୍କ ସମେତ ୬ ଛେଳି ପ୍ରାଣ ହରାଇଛନ୍ତି। ମୃତ ମହିଳାଜଣଙ୍କ ହେଲେ, ପରା ଗାଁର ବାସନ୍ତୀ ପ୍ରଧାନ(୪୬)। ଗାଁ ନିକଟସ୍ଥ ଜଙ୍ଗଲକୁ ଛେଳି ଚରାଇବାକୁ ନେଇଥିବା ବେଳେ ହଠାତ ବଜ୍ରପାତ ହେବାରୁ ମହିଳାଙ୍କର ପରଲୋକ ଘଟିଥିବା ବେଳେ ତାଙ୍କ ସହ ୬ଟି ଛେଳିର ମଧ୍ୟ ମୃତ୍ୟୁ ଘଟିଛି। ଜରପଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ କରୁଛି।

# ସୁନା ୧.୧୫ ଲକ୍ଷ, ରୁପା ଦେଢ଼ ଲକ୍ଷ

## ବର୍ଷକରେ ସୁନା ୩୮ ହଜାର, ରୁପା ୪୯ ହଜାର ମହଙ୍ଗା



ନୂଆଦିଲ୍ଲୀ,୨୩।୯ (ଏଜେନ୍ସି): ରେକର୍ଡ ଭାଙ୍ଗୁଛି ସୁନା ଦର। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ମଧ୍ୟରେ ଦୌଡ଼ୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ସୁନା ମୂଲ୍ୟ ପୁଣି ଥରେ ଏହାର ସବୁ ରେକର୍ଡ ଭାଙ୍ଗି ୧୦ ଗ୍ରାମ ପିଛା ୧.୧୫ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିଛି। ସେହିଭଳି ରାଜଧାନୀ ଭୁବନେଶ୍ୱରରେ ଆଜି ରୁପା ଦର ମଧ୍ୟ କିଲୋଗ୍ରାମ ପିଛା ଦେଢ଼ ଲକ୍ଷ ଟଙ୍କା ଛୁଇଁ ଇତିହାସ ରଚିଛି। ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୨୮୦୦ ଟଙ୍କା ବୃଦ୍ଧି ଘଟିଛି। ଅପରପକ୍ଷେ ଚଳିତବର୍ଷ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୩୮ ହଜାର ଟଙ୍କା ଏବଂ ରୁପା ୪୯ ହଜାର ଟଙ୍କା ବୃଦ୍ଧି ଘଟିଥିବା ଜଣାପଡିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୧,୩୫୦ ଟଙ୍କାରେ ପହଞ୍ଚିଛି। ବିଶ୍ୱ ଅନିଶ୍ଚିତତା ସହ ଡଲାର ତୁଳନାରେ ଟଙ୍କା ଅଧିକ ଦୁର୍ବଳ ହେବା ସୁନା ମୂଲ୍ୟ ବୃଦ୍ଧିରେ ସହାୟକ ହୋଇଛି।

ଚଳିତବର୍ଷ ଶେଷ ସୁଦ୍ଧା ଭାରତୀୟ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୨ ଲକ୍ଷ ଟଙ୍କା ଛୁଇଁବ ବୋଲି ନିକଟରେ ବଜାର ବିଶେଷଜ୍ଞମାନେ ଆକଳନ କରିଥିଲେ। ଭୁବନେଶ୍ୱରରେ ମଙ୍ଗଳବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ୨୧୫୯ ଟଙ୍କା ବୃଦ୍ଧି ଘଟି ରେକର୍ଡ ୧,୧୪,୩୧୪ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧,୦୬,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୫୦,୦୦୦ ଟଙ୍କା ଛୁଇଁଛି। ଅଖିଳ ଭାରତୀୟ ସରାଫା ସଂଘର ରିପୋର୍ଟ ମୁତାବକ ମଙ୍ଗଳବାର ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟ ୧,୦୨,୧୦୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ଅପରପକ୍ଷେ ରୁପା କିଲୋ ପିଛା ୧,୩୫,୨୬୭ ଟଙ୍କା ରହିଛି।

ବଜାରରେ ସୁନା ଦର ବଢ଼ିବାର ଅନେକ କାରଣ ରହିଛି। ଆମେରିକାର ଶୁଳ୍କ ଯୋଗୁଁ ଭୂରାଜନୈତିକ ଉତ୍ତେଜନା ଜାରି ରହିଛି। ଏହା ସୁନାକୁ ସମର୍ଥନ କରୁଛି ଏବଂ ଏହାର ଚାହିଦା ବୃଦ୍ଧି କରୁଛି। ଫଳସ୍ୱରୂପ, ଚଳିତ ବର୍ଷ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୩୮,୧୫୨ ଟଙ୍କା ବୃଦ୍ଧି ଘଟିଛି। ସେହିପରି ରୁପା କିଲୋ ପିଛା ୪୫ ଟଙ୍କା ଉପରମୁହାଁ ହୋଇଛି। ଟ୍ରମ୍ପ୍ ଟାରିଫ୍ ଏବଂ ବାଣିଜ୍ୟ ଯୁଦ୍ଧର ଭୟ ଯୋଗୁଁ ନିବେଶକମାନେ ସୁନାକୁ ଏକ ନିରାପଦ ସ୍ୱର୍ଗ ଭାବରେ ବିବେଚନା କରି କିଣୁଛନ୍ତି। ସେହିଭଳି ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ମଧ୍ୟ ସୁନାର ମୂଲ୍ୟ ବୃଦ୍ଧିରେ ସହାୟକ ହେଉଛି। କାରଣ ଯେତେବେଳେ ଟଙ୍କା ଦୁର୍ବଳ ହୁଏ, ସେତେବେଳେ ଆମଦାନିରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଚଳିତବର୍ଷ ଟଙ୍କାର ବିନିମୟ ମୂଲ୍ୟ ରେକର୍ଡ ନିମ୍ନ ସ୍ତରକୁ ଖସିଆସିଛି। ଫଳରେ ସୁନା ଦର ଉପରେ ଚାପ ବୃଦ୍ଧି ପାଇଛି। ଏହାବାଦ୍ ବିବାହ ଋତୁ ପାଖେଇ ଆସିଲାଣି। ଏଭଳି ସମୟରେ ସୁନା ଗହଣା ଚାହିଦା ବୃଦ୍ଧି ପାଇଛି। ଏହା ମଧ୍ୟ ଏହି ହଳଦିଆ ଧାତୁର ଦର ବୃଦ୍ଧିର ଅନ୍ୟ ଏକ କାରଣ।

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ଚିକିତ୍ସା ସମ୍ପର୍କିତ ବୈଷୟିକ ଶବ୍ଦାବଳୀ ଆଧାରରେ ଅନୁକମ୍ପା ନିଯୁକ୍ତିକୁ ଅଗ୍ରାହ୍ୟ କରାଯାଇପାରିବନି

କଟକ, ୨୩।୯ (ସମିସ): ଅନୁକମ୍ପା ନିଯୁକ୍ତି ଯୋଜନା ଅନ୍ତର୍ଗତ ସ୍ଥିରୀକୃତ ରୋଗରେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଚିକିତ୍ସା ସମ୍ପର୍କିତ ବୈଷୟିକ ଶବ୍ଦାବଳୀ ଆଧାରରେ ଅନୁକମ୍ପା ନିଯୁକ୍ତିକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ। ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ଟ୍ରିବ୍ୟୁନାଲ ପ୍ରଦାନ କରିଥିବା ଆଦେଶକୁ ଚାଲେଞ୍ଜ କରି ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ରୁଜୁ ମାମଲାକୁ ହାଇକୋର୍ଟ ଖାରଜ କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ଯେତେବେଳେ ଏକ ସରକାରୀ ସରକାରୀ ଡାକ୍ତରଖାନାର ଡାକ୍ତରୀ ରେକର୍ଡ ସ୍ପଷ୍ଟ ଭାବରେ ପ୍ରମାଣିତ କରେ ଯେ ମୃତ କର୍ମଚାରୀ ହୃଦ୍‌ରୋଗ ଏବଂ କିଡନୀ ରୋଗରେ ପୀଡିତ ଇଥିଲେଏବଂ ହୃଦ୍‌ଘାତ ହେତୁ ମୃତ୍ୟୁ ବରଣ କରିଥିଲେ। ନିଯୁକ୍ତି ଯୋଜନାରେ ଉଲ୍ଲେଖ କରାଯାଇଥିବା ରୋଗ ମଧ୍ୟରେ ଏହି ରୋଗ ରହିଛି। ତେବେ କମ୍ପାନୀ କର୍ତ୍ତୃପକ୍ଷ ଅନୁକମ୍ପା ନିଯୁକ୍ତିକୁ ଅଗ୍ରାହ୍ୟ କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଟ୍ରିବୁନାଲ ପକ୍ଷରୁ ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ଆଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନ କରିଥିବା ପ୍ରତିପକ୍ଷ ଅଶୋକ କୁମାର ଗିରିଙ୍କ ପିତା ଷ୍ଟିଲ୍ ଅଥରିଟି ଅଫ ଇଣ୍ଡିଆର ବଣାଇ ମାଇନ୍ସରେ କାର୍ଯ୍ୟ କରୁଥିଲେ। ୨୦୧୧ ନଭେମ୍ବର ୭ରେ ତାଙ୍କର ହୃଦଘାତ ଜନିତ ଦେହାନ୍ତ ହୋଇଥିଲା। ମୃତ କର୍ମଚାରୀଙ୍କ ପତ୍ନୀ ଅନୁକମ୍ପା ନିଯୁକ୍ତି ଯୋଜନାରେ ପୁଅ ପାଇଁ ଆବେଦନ ଦାଖଲ କରିଥିଲେ। ଏହାକୁ କର୍ତ୍ତୃପକ୍ଷ ଖାରଜ କରିବାରୁ ସେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବୁନାଲରେ ମାମଲା ଦାୟର କରିଥିଲେ। ସମ୍ପୃକ୍ତ କର୍ମଚାରୀଙ୍କ ମୃତ୍ୟୁର କାରଣ ହେଉଛି ହୋଲୋ ଭିସ୍କସ୍ ପର୍ଫୋରେସନ୍ ରୋଗ, ଯାହା ଅନୁକମ୍ପା ନିଯୁକ୍ତି ଯୋଜନାରେ ନାହିଁ ବୋଲି ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ କର୍ତ୍ତୃପକ୍ଷ ଯୁକ୍ତି ଦର୍ଶାଇଥିଲେ। ତେବେ ଏସସିବି ମେଡିକାଲ କଲେଜ ଓ ହସପିଟାଲର ତଥ୍ୟ ଅନୁସାରେ ସମ୍ପୃକ୍ତ କର୍ମଚାରୀ କିଡନୀ ଓ ହୃଦରୋଗରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିବା ସ୍ପଷ୍ଟ ହୋଇଥିଲା। କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ଚିକିତ୍ସା ସମ୍ପର୍କିତ ବୈଷୟିକ ଶବ୍ଦାବଳୀ ଆଧାରରେ ଅନୁକମ୍ପା ନିଯୁକ୍ତି ଆବେଦନକୁ ପ୍ରତ୍ୟାଖାନ କରିବା ଗ୍ରହଣୀୟ ନୁହେଁ ବୋଲି ଟ୍ରିବୁନଲା କହିବା ସହ ଉକ୍ତ ଆଦେଶକୁ ଖାରଜ କରି ଆବେଦନକାରୀଙ୍କୁ ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଚାଲେଞ୍ଜ କରି ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ମାନବସମ୍ବଳ ପ୍ରବନ୍ଧକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସିନ୍ଦୂର ଦେବାକୁ ମନା କରିବାରୁ ପ୍ରେମିକକୁ କୁରାଢ଼ୀ ଚୋଟ

ଯଖପୁରା, ୨୩।୯ (ସମିସ): ସିନ୍ଦୂର ଦେବାକୁ ମନା କରିବାରୁ ପ୍ରେମିକକୁ କୁରାଢ଼ୀରେ ହାଣିଦେଲା ପ୍ରେମିକା। ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ବାରବାଙ୍କି ଗ୍ରାମରେ ଆଜି ଏଭଳି ଏକ ଘଟଣା ଘଟିଛି। ଆକ୍ରମଣର ଶିକାର ପ୍ରେମିକଜଣଙ୍କ ହେଲା, ପିଥା ସୋରେନ୍ (୨୩)। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ପ୍ରେମିକା ପାର୍ବତୀ ବଦ୍ର(୨୪)କୁ ଗିରଫ କରିଛି। ସୂଚନାନୁଯାୟୀ, ପାର୍ବତୀ ଓ ପିଥା ସୋରେନ୍ ପରସ୍ପରକୁ ପ୍ରେମ କରୁଥିଲେ। ବିବାହ କରିବାକୁ ନିଷ୍ପତ୍ତି ନେଇ ଗତ ୨୦ ଦିନ ହେଲା ଉଭୟ ଏକାଠି ସ୍ୱାମୀ-ସ୍ତ୍ରୀ ଭଳି ରହୁଥିଲେ। ତେବେ ବିବାହକୁ କେନ୍ଦ୍ର କରି ଆଜି ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ପାର୍ବତୀ ଏକ କୁରାଢ଼ୀରେ ପିଥାଙ୍କୁ ଚୋଟ ପକାଇଥିଲା। ପିଥାଙ୍କ ମୁଣ୍ଡ, ମୁହଁ ଓ ବେକରେ ଆଘାତ ଲାଗିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଦାନଗଦି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

## ସପ୍ତଗିରି ଉଲ୍ଲାକା ତ୍ରିପୁରା ପିଏସି ଅଧ୍ୟକ୍ଷ ନିଯୁକ୍ତ


ଭୁବନେଶ୍ୱର, ୨୩।୯ (ସମିସ): ତ୍ରିପୁରା ପ୍ରଦେଶ କଂଗ୍ରେସ କମିଟିର ରାଜନୈତିକ ବ୍ୟାପାର କମିଟି (ପିଏସି)ଅଧ୍ୟକ୍ଷ ହୋଇଛନ୍ତି କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା। ତ୍ରୀପୁରା ପାଇଁ ଏଆଇସିସି ପକ୍ଷରୁ ୨୫ଜଣିଆ ଏକ ରାଜନୈତିକ ବ୍ୟାପାର କମିଟି ଗଠନ କରାଯାଇଛି। ଏହି କମିଟିରେ ତ୍ରିପୁରା ପିସିସି ପ୍ରଭାରୀ ତଥା କୋରାପୁଟ ସାଂସଦ ଶ୍ରୀ ଉଲ୍ଲାକାଙ୍କୁ ଅଧ୍ୟକ୍ଷ ରୂପେ ଦାୟିତ୍ୱ ଦିଆଯାଇଛି।

■ ୪ ମାସ ଧରି ଦରମା ମିଳିନି

## ସିକ୍ୟୁରିଟି କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

କଣ୍ଟାବାଞ୍ଜି,୨୩।୯ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ହସ୍ପିଟାଲରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗତ ୪ମାସ ଧରି ଦରମା ନ ମିଳିବାରୁ ଜଣେ ସୁରକ୍ଷା କର୍ମୀ ଆଜି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ, ବଲାଙ୍ଗିର ଜିଲ୍ଲାର ଭଇଁସା ଗାଁର ଅନୀଲ ସୁନା। ବର୍ତ୍ତମାନ ସେ କେୟାର ସିକ୍ୟୁରିଟି ଓ ଆଲାଏଡ୍ ସର୍ଭିସେସ୍ କମ୍ପାନୀ ଅଧୀନରେ ହସ୍ପିଟାଲରେ ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟ କରୁଛନ୍ତି। ପ୍ରାୟ ୨୦ଟି ଔଷଧ ଖାଇ ସେ ଜୀବନ ହାରିବାକୁ ଚେଷ୍ଟା କରିଛନ୍ତି। କଣ୍ଟାବାଞ୍ଜି ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ



ସମ୍ବଲପୁର,୨୩।୯ (ସମିସ): ସମ୍ବଲପୁର ମାଳିପଡ଼ା ଅଞ୍ଚଳରେ ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବତୀଜଣଙ୍କ ହେଲେ, ମଧୁ ପଟେଲ (୨୨)। ଦୀର୍ଘ ଦିନ ହେଲା ତାଙ୍କ ପରିବାରରେ କଳହ ଲାଗି ରହିଥିଲା। ଗତକାଲି ମଧ୍ୟ କଳହ ହୋଇଥିଲା। ସେହିପରି ପୁଲିସ କହିବା ଅନୁସାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ କହିବା ଅନୁସାରେ ବେକରେ ଦାଗ ରହିଛି। ତେଣୁ ଏହା ଏକ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି। ଟାଉନ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅପରପକ୍ଷେ, ହୃଦ୍‌ଘାତରେ ଝିଅର ମୃତ୍ୟୁ ହୋଇଛି ବୋଲି ଝିଅର ବାପା କହିଛନ୍ତି।


**AFFIDAVIT**

By virtue of an affidavit sworn before the Executive magistrate, Pattamundai Dt. 21.06.25. I Anupama Mallik ,D/o Late Nirmal Chandra Rout ,w/o- Rabindra Mallik,and Ku Anupama Rout, D/o -Late Nirmal Chandra Rout, w/o-Rabindra Mallik,and Anusuya Pradhan, C/O-Nirmal Chandra Rout, W/o- Rabindra Mallik of my Parental address as well as father-in-law's address is one and same person for all purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 23.09.2025, I SANJUKTA KUMARI RATH , W/o- Late. Surendra Kumar Das, Vill.- Rampali, Po.- Kerla, Ps.- Kosagumuda, Dist- Nabarangpur, Odisha, Pin - 764058 declare that, I have changed my name from **SANJUKTA KUMARI RATHBHOI** to **SANJUKTA KUMARI RATH**. Henceforth I shall be known as **SANJUKTA KUMARI RATH** for all purposes.
Sd/- **SANJUKTA KUMARI RATH**

**AFFIDAVIT**

By virtue of an affidavit sworn before P.K Mishra (O.R.S) Executive Magistrate, Balasore Sl No- 10305 Dt-19/09/2025.I Agstin Vincent Khan, Age-46, S/o- John Sittar Khan At-Padhuanpada,Proof Road, Ps-Sahadevkhunta, Po/Dist-Balasore. That my name wrongly recorded Pan Card no-AUTPV0038L Agastin Vincent and One Lic Policy bond No-xxxx25305 and one Baroda Bank account no-xxxx0100000384 Augustin Khan . I declared that Agstin Vincent Khan , Agastin Vincent and Augustin Khan are one and same person for all future purposes.

**AFFIDAVIT**

I, Azra Paiker, aged about 38 years, W/o- Mohammad Ismail, resident of At- Magurgadia, Ps- Keonjhar Town, Dist- Keonjhar, Odisha, Pin- 758001 declare by this affidavit No. 1967, dtd- 22.09.2025, that now onwards I shall be known as **AZRA PAIKAR** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2025040, ତା.12.09.2025ରିଖ

**କାର୍ଯ୍ୟର ନାମ:** ଫର୍ମେସନ, ଛୋଟ (Minor) ପୋଲ, ବଡ଼ (Major), ୟାର୍ଡ୍, ଷ୍ଟେସନ ଭବନ, ସେବା ଭବନ, P.Way ଲିଙ୍କିଙ୍ଗ୍ କାର୍ଯ୍ୟ, ବାଲାଷ୍ଟ ଯୋଗାଣ, ପ୍ଲାଟଫର୍ମ କାର୍ଯ୍ୟ, ପ୍ଲାଟଫର୍ମ ସେଲ୍ଟର, ଡ୍ରେନ୍ କାର୍ଯ୍ୟ, କ୍ୟାମ୍ପିଙ୍ଗ୍ ସୁବିଧା, ରକ୍ଷଣ କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ତାଳଚେର-ବିମଳାଗଡ଼ ନ୍ୟୁ BG ରେଳ ଲିଙ୍କ୍ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ୟାର୍ଡ୍ ସହିତ ପାଲଲହଡ଼ା (Ex)(ସିଏଚ୍: 76.90 କି.ମି.)-ବାରକୋଟ୍ (In)(ସିଏଚ୍: 98.325 କି.ମି.) ମଧ୍ୟରେ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 59189.81** ଲକ୍ଷ, EMD (ଟଙ୍କାରେ): 1,00,00,000/-, କାର୍ଯ୍ୟ ଶେଷ ହେବା ଅବଧି : 30(ତିରିଶି)ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.14.10.2025 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଟର୍ଡ଼୍ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-110/CI/25-26

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 22.09.2025, I Rajendra Bhatra, S/o- Rabi Bhatra, Vill.- Raja Beheraguda, Po.- Agnipur, Ps.- Nabarangpur, Dist.- Nabarangpur, Odisha, Pin - 764059, declare that, I have changed my minor Son's name from **RAJENDRA BHATRA** to **ARAVINDA BHATRA**. Henceforth he shall be known as **Aravinda Bhatra** for all purposes.
Sd/- **Rajendra Bhatra**

**AFFIDAVIT**

By virtue of an affidavit sworn before the Notary Public, Sunabeda dated 23/09/2025 I Sri. Anantaram Dora, S/o- Samara Dora, Vill.- Anlaghati, Po.- Semala, Ps.- Nandapur, District- Koraput, Odisha, declare that I have changed my daughter's name from **Anjali Dhara** to **Namita Dora.** Henceforth, my daughter shall be known as **Namita Dora** for all purposes.
Sd/- **Anantaram Dora**

**AFFIDAVIT**

By virtue of an affidavit sworn before the Notary Public, Sunabeda dated 20/09/2025 I Smt. Pramila Khemundu, D/o- Ramachandra Khemundu, Vill.- Attanda, Po.- Attanda, Ps.- Padwa, District- Koraput, Odisha, declare that I have changed my name from **Subila Khemundi** to **Pramila Khemundu.** Henceforth, I shall be known as **Pramila Khemundu** for all purposes.
Sd/- **Pramila Khemundu**

O-799

E-Mail ID - rwd.padampur@yahoo.co.in
Ph.No. 9437255440

**Government of Odisha "e" Procurement Notice**
**Bid Identification No: Online- 08-OF 2025-26**

| | | | |
|---|---|---|---|
| 1. | Name of the work | : | **Building works (As per Annexure-'A')** |
| 2. | Amount put to Bid Excluding GST | : | As per Annexure-'A' |
| 3. | Class of contractor | : | "D" & "C" |
| 5. | Date & Time of availability of bid document in the portal | : | From Dt. 25.09.2025 at 10.00 A.M. |
| 6. | Last date & Time for receipt of bids in the portal | : | Dt. 04.10.2025up to 05:00 P.M. |
| 7. | Last date of seeking clarification | : | Dt. 03.10.2025 up to 5.00 P.M |
| 8. | Date & Time of technical bid opening | : | Dt. 06.10.2025 at 11.00 A.M . |
| 10. | Name and address of the Officer Inviting Bid | : | Executive Engineer, R.W.Division, Padampur, At/Po-Padampur, Dist-Bargarh,Pin- 768036 |

(1) Other details can be seen from **DTCN** available in website www.tendersodisha.gov.in
(2) Corrigendum if any shall only be published in the above website

Sd/-
Executive Engineer,
Rural Works Division, Padampur

OIPR-25069/11/0036/2526

**AFFIDAVIT**

I, Sampad Kumar Satapathy, S/o- Prasanna Kumar Satapathy, resident of At- Ambajhara, PO: Garhbanikilo, PS: Ranapur, Dist: Nayagarh, Odisha, PIN: 752026 declared by this affidavit No. 17, dtd- 23/09/2025, that now onwards I shall be known as **SAMPAD SATAPATHY** for all future purposes.

**MUNICIPAL OFFICE: JEYPORE** C-1163

Ph. No. 06854-321098, Fax No. 06854-230104, Email - jeyporem.hud@nic.in

**L. No.** 4198/JM **JM-TCN02/2025-26** **Date.** 22/09/2025

Bid documents consisting of specification, the Bill of Quantity and the Tender call notice can be seen in the Govt. website https://tendersorissa.gov.in/nicgep/app.

| | |
|---|---|
| Bid Documents including Schedule of Quantity available for online bidding | https://tendersorissa.gov.in/nicgep/app |
| No of works. | **01** |
| Estimated cost | As per DTCN |
| Date & Time of Bidding in portal | From **23/09/25** at 11:00 Hours to **10/10/25** Upto 16:00 Hours |
| Last date & time for receipt of bids in portal | **10/10/2025** Upto 16:00 Hours |
| Offline Documents Received through Speed Post/ Registered Post | **10/10/2025** at 16:00 Hours to **14/10/2025** Up to 11:00 Hours (Working Days Only) |
| Bids received online shall be opened on | **14/10/2025** at 11:00 Hours onwards |
| Offline Documents shall be opened in presence of the Participate Bidders | **14/10/2025** at 11:00 Hours onwards |

Executive Officer
Jeypore Municipality

OIPR-13079/11/0069/2526

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated. 05.06.2025, I SATIS BHATRA , S/o- Madhab Bhatra, Vill-Danaguda, Po.- Sanmasigam, Ps.-Nabarangpur, Dist-Nabarangpur, Odisha, Pin - 764063 declare that, I have changed my name from **DEB BHATRA** to **SATIS BHATRA**. Henceforth I shall be known as **SATIS BHATRA** for all purposes.
Sd/- **SATIS BHATRA**

# ବେଲପାହାଡ଼ରେ ଅଗ୍ରସେନ ଜୟନ୍ତୀ



ଝାରସୁଗୁଡ଼ା,୨୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡରେ ମାରୱାଡି ସମାଜ ପକ୍ଷରୁ ଧୁମଧାମରେ ଅଗ୍ରେସେନ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଗୁମାଡେରା ଶିବ ମନ୍ଦିରରୁ ବେଲପାହାଡ ରାନୀ ସତୀ ଦାଦି ମନ୍ଦିର ପର୍ଯ୍ୟନ୍ତ ଭବ୍ୟ ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରା ପରେ ରାନୀ ସତୀ ଦାଦି ମନ୍ଦିରରେ ପୂଜାର୍ଚ୍ଚନା ହୋଇ ଅଗ୍ରେସନ ଜୟନ୍ତୀ ପାଳନର ମହତ୍ତ୍ୱ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ମହାରାଜ ଅଗ୍ରସନ ଭାରତର ଜଣେ ପ୍ରତାପୀ ସୂର୍ଯ୍ୟବଂଶୀ ରାଜା ଥିଲେ। ସେ ଅଗୋରା ରାଜ୍ୟ ପ୍ରତିଷ୍ଠା କରିଥିଲେ। ତାଙ୍କ ସମୟରେ ସେ ଉନ୍ନତ, ପ୍ରଗତିଶୀଳ ସୁଶାସନ ପ୍ରତିଷ୍ଠା କରି ପ୍ରଜାବତ୍ସଳ ରାଜା ରୂପେ ପ୍ରତିଷ୍ଠା ଅର୍ଜନ କରିଥିଲେ। ଅଗ୍ରୱାଲ ତଥା ମାରୱାଡି ସମାଜ ତାଙ୍କ ବଂଶଜ ଅଟନ୍ତି ବୋଲି କୁହାଯାଏ। ତେଣୁ ମହାରାଜ ଅଗ୍ରସେନଙ୍କ ସ୍ମୃତିରେ ଆଜି ତାଙ୍କ ଜୟନ୍ତୀ ପାଳନ କରିବା ସହ ତାଙ୍କର ମାର୍ଗଦର୍ଶନରେ ଏକ ଉନ୍ନତ, ପ୍ରଗତିଶୀଳ ସମାଜ ସ୍ଥାପନ କରିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଡ. ପୁରୁଷୋତ୍ତମ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ସମାଜର ସଦସ୍ୟମାନେ ଯୋଗ ଦେଇଥିଲେ।

## ଅଲଟ୍ରାଟେକ୍ ଦ୍ୱାରା ଗାଇଡ୍ ପୁସ୍ତକ ବଣ୍ଟନ



ଝାରସୁଗୁଡ଼ା/କିର୍ମିରା,୨୩।୯ (ସମିସ): ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ୍ ଅର୍ଡା ପଞ୍ଚାୟତ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଛାତ୍ରଛାତ୍ରୀଙ୍କୁ ନବୋଦୟ ଗାଇଡ ପୁସ୍ତକ ବଣ୍ଟନ କରାଯାଇଛି। କିର୍ମିରା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧୁତରାସ୍ଥିତ ଅଲଟ୍ରାଟେକ ସିମେଣ୍ଟ କାରଖାନା ମହାପ୍ରବନ୍ଧକ ପୁରୁଷୋତ୍ତମ ଭେମୁରୀ, ମାନବ ସମ୍ବଳ ଅଧିକାରୀ ପିତାମ୍ବର ପୃଷେଠ, ଶିକ୍ଷା ବିକାଶ ସଂଘ ସଭାପତି ମନ୍ମୟ କିଶୋର ବଖରାଙ୍କ କରକମଳରେ ଧୁତରା, ଅର୍ଡା, ସାରସମାଲ, ସାରସପାଲି, ଜାମକାନି ତଥା ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗାଇଡ ପୁସ୍ତକ ବଣ୍ଟନ କରାଯାଇଥିଲା। ଏହା ସହିତ ଛାତ୍ରଛାତ୍ରୀଙ୍କ ନବୋଦୟ ପ୍ରବେଶିକା ଶିକ୍ଷା ଅଧ୍ୟୟନ ପାଇଁ କୋଚିଂର ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମକୁ କାରଖାନା ଉନ୍ନୟନ ଅଧିକାରୀ ସିମନ ବାରିକ ପରିଚାଳନା କରିଥିବା ବେଳେ ଶୁରତ ବାଗ ସହଯୋଗ କରିଥିଲେ।

## ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ 'ସୁରକ୍ଷିତ ଶିକ୍ଷାନୁଷ୍ଠାନ' କାର୍ଯ୍ୟକ୍ରମ



ବନ୍ଧବାହାଲ/ଝାରସୁଗୁଡ଼ା,୨୩।୯ (ସମିସ): ଡିଏଭି ପବ୍ଲିକ ସ୍କୁଲ ବନ୍ଧବାହାଲ ଆନୁକୂଲ୍ୟରେ ଅଗ୍ନିଶମ ବିଭାଗ, ଇବଥର୍ମାଲ, ବନହରପାଲି ତରଫରୁ 'ସୁରକ୍ଷିତ ଶିକ୍ଷାନୁଷ୍ଠାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରାତଃକାଳୀନ ସଭା ସମାପ୍ତ ପରେ ଅଗ୍ନିଶମ ଅଧିକାରୀ ପ୍ରଭାକର ପଧାନ ଓ ତାଙ୍କ କର୍ମଚାରୀ ମାନେ ଛାତ୍ରଛାତ୍ରୀଙ୍କୁ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା, ଦୈବୀ ଦୁର୍ବିପାକ ସମୟରେ ନିଜକୁ ସୁରକ୍ଷିତ ରଖିବାର କୌଶଳ, ଅଭିନବ ଉପାୟରେ ନିଆଁ ଲିଭାଇବାର ଉପାୟ ତଥା ପାଣିରେ ବୁଡି ଗଲେ ଉଦ୍ଧାର ପଦ୍ଧତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ଅଗ୍ନିଶମ ଅଧିକାରୀଙ୍କ ନେତୃତ୍ୱରେ କର୍ମଚାରୀମାନେ ଛାତ୍ରଛାତ୍ରୀଙ୍କୁ ଏସବୁକୁ ପ୍ରଦର୍ଶିତ କରିଥିଲେ। ବିଦ୍ୟାଳୟର ସ୍କାଉଟ, ଗାଇଡ୍ ଓ ଏନ୍‌ସିସି ବିଭାଗର ଛାତ୍ରଛାତ୍ରୀ ଏସବୁ ନିରୀକ୍ଷଣ କଲାପରେ ନିଜନିଜ ଭିତରେ ପ୍ରଦର୍ଶନ କରି ଦେଖାଇଥିଲେ। କାର୍ଯ୍ୟକ୍ରମଟି ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ସ୍ଥାନୀୟ ଅଭିଭାବକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମଟିକୁ ମନଭରି ଉପଭୋଗ କରିବା ସହ ଅଗ୍ନିଶମ ବିଭାଗକୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ବ୍ଲକ୍‌ସ୍ତରୀୟ ଜିପିଏଲ୍‌ଏଫ୍ କର୍ମୀଙ୍କ ଗଣଧାରଣା



ଦେବଗଡ଼,୨୩।୯ (ସମିସ): ଦେବଗଡ଼ ଜିଲ୍ଲାରେ କାର୍ଯ୍ୟରତ ମିଶନଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ପ୍ରୋତ୍ସାହନ ରାଶି ପରିବର୍ତ୍ତେ ପାରିଶ୍ରମିକ ଦାବିରେ ରିଆମାଳ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଗଣଧାରଣା କରାଯାଇଛି। ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ସାରା ରାଜ୍ୟର ୩୧୪ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଜିପିଏଲଏଫ୍ ସଂଘର ସଦସ୍ୟା ମାନେ ପାରିଶ୍ରମିକ ଦାବି ନେଇ ଗଣଧାରଣାରେ ବସିଛନ୍ତି। ପ୍ରକାଶ ଯେ, ଏମ୍‌ବିକେ, ପ୍ରାଣୀମିତ୍ର, ବ୍ୟାଙ୍କ ମିତ୍ର, ସିଆର୍‌ପି, କୃଷି ମିତ୍ର ଓ ଏଲ୍‌ଏସ୍‌ପି ମାନଙ୍କୁ ପୂର୍ବ ସରକାର ସ୍ଥାୟୀ ନିଯୁକ୍ତି ଦେଇ ପାରିଶ୍ରମିକ ପ୍ରଦାନ କରୁଥିଲେ। ମାତ୍ର ଗତ ଛଅ ମାସ ହେଲା ଡବଲ ଇଞ୍ଜିନ ସରକାର ପାରିଶ୍ରମିକ ବଦଳରେ ପର୍‌ଫର୍ମାନ୍ସ ଇନ୍‌ସେଣ୍ଟିଭ ବୋନସ ଦେଉଛନ୍ତି। ସେହି ଅର୍ଥରେ ପରିବାର ଚଳାଇବା ଦୂରର କଥା, ଛୁଆଙ୍କ ଟିଉସନ୍ ଟଙ୍କା ଦେବା ମଧ୍ୟ ସମ୍ଭବପର ହେଉନାହିଁ। ଏପରିସ୍ଥଳେ ମିଶନଶକ୍ତି ଜରିଆରେ ସେମାନେ ନେଇଥିବା

### ମହିଳାଙ୍କୁ ସମ୍ମାନ ନୁହଁ ହୀନମାନ କରିଛନ୍ତି ସରକାର

ସ୍କୁଟି କିସ୍ତି ପରିଶୋଧ କରିବା ଅସମ୍ଭବ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ସରକାର ମହିଳାଙ୍କୁ ସମ୍ମାନ ଦେଉଥିବା କହି ବାହାସ୍ଫୋଟ ମାରୁଥିବା ବେଳେ ଏହା କଣ ମହିଳାଙ୍କୁ ସମ୍ମାନ ବୋଲି ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ସରକାର ମହିଳାଙ୍କୁ ସମ୍ମାନ କରିବା ପରିବର୍ତ୍ତେ ହୀନମାନ କରି ରାଜରାସ୍ତାରେ ଛାଡି ଥିବା ନେଇ ଜିପିଏଲଏଫ ସଦସ୍ୟା ମାନେ ଅଭିଯୋଗ କରିଛନ୍ତି।

## ଦେବଗଡ଼ରେ ୨ଟି ନୂତନ ବ୍ଲକ୍ ଗଠନ ପାଇଁ ଜିଲ୍ଲା ନାଗରିକ କମିଟିର ଦାବି

ଦେବଗଡ଼,୨୩।୯ (ସମିସ): ଦେବଗଡ଼ ଜିଲ୍ଲାରେ ଆଉ ୨ଟି ନୂତନ ବ୍ଲକ୍ ଗଠନ ନିମନ୍ତେ ମଙ୍ଗଳବାର ରାଜ୍ୟ ସରକାରଙ୍କ ନିକଟରେ ଜିଲ୍ଲା ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି। ୩ଟି ବ୍ଲକ୍ ଓ ଗୋଟିଏ କ୍ଷୁଦ୍ର ପୌରସଂସ୍ଥାକୁ ନେଇ ୧୯୯୪ରେ ଦେବଗଡ଼ ଉପଖଣ୍ଡରୁ ଜିଲ୍ଲା ମାନ୍ୟତା ମିଳିଥିଲା। ଜିଲ୍ଲାରେ ୭୦ଟି ପଞ୍ଚାୟତ ରହିଛି। ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ରିଆମାଳ ବ୍ଲକ୍‌ର ଜିଲ୍ଲା ପରିଷଦ ଜୋନ ୨ରେ ରହିଥିବା ୧୪ଟି ପଞ୍ଚାୟତକୁ ନେଇ ଗୋଟିଏ ନୂତନ ବ୍ଲକ୍ ଓ ଦେବଗଡ଼ ପୌରାଞ୍ଚଳର ପୂର୍ବ ଦିଗରେ ତିଳେଇବଣି ବ୍ଲକ୍‌ର ୫ଟି ପଞ୍ଚାୟତ ସହିତ ବାରକୋଟ ବ୍ଲକ୍‌ର ୮ଟି ପଞ୍ଚାୟତକୁ ମିଶାଇ ଏକ ନୂତନ ବ୍ଲକ୍ ଗଠନ ନିମନ୍ତେ ନାଗରିକ କମିଟି ପ୍ରସ୍ତାବ ରଖିଛି। ସେହିପରି ଟାଇଁସର ପଞ୍ଚାୟତ, କଲଣ୍ଡା ପଞ୍ଚାୟତ ତଥା ବଣିଆକିଲିଣ୍ଡା ପଞ୍ଚାୟତ ପ୍ରଭୃତିରୁ ୧୩ଟି ଗାଁଗୁଡିକୁ ଦେବଗଡ଼ ପୌରାଞ୍ଚଳ ସହିତ ମିଶ୍ରଣ କରିବାକୁ ଦାବି କରାଯାଇଛି। ଏଥିସହିତ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବା, ନୂଆ ବାଲିରୋଇ ଗାଁ ନାମ ପରିବର୍ତ୍ତନ କରି ନୂଆ ଦେବଗଡ଼ କରିବା, ଟାଇଁସର ଗାଁରୁ ଆରମ୍ଭ କରି କଣ୍ଢଳ ଗାଁ ପର୍ଯ୍ୟନ୍ତ ଟାଉନ ବସ ସେବା ଯୋଗେଇ ଦେବା, ଦେବଗଡ଼ ସହର ତଥା ତିଳେଇବଣି ବ୍ଲକ୍ ପାଇଁ ହେଉଥିବା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଦେବଗଡ଼ରେ ଏକ ନୂତନ ନର୍ସିଂ କଲେଜ ସ୍ଥାପନ କରିବା ତଥା କଳାପରିଷଦ ଗୃହ କାର୍ଯ୍ୟକୁ ସମାପ୍ତ କରିବା ପ୍ରଭୃତି ଦାବି ଜିଲ୍ଲାପାଳ ଶ୍ରୀ କବିନ୍ଦ୍ର ସାହୁଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ନାଗରିକ କମିଟିଙ୍କ ପ୍ରତିନିଧି ମଣ୍ଡଳୀରେ ଲକ୍ଷ୍ମଣ ପ୍ରଧାନ, ସୁଧୀର କପରଦାର, ପ୍ରମୋଦ ମିଶ୍ର ଓ ନରୋତ୍ତମ ସାହୁ ପ୍ରମୁଖ ରହିଥିବା ଜଣାପଡିଛି।



## ମରଣାନ୍ତକ ଆକ୍ରମଣରେ ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

● ଶବ ଧରି ଏସ୍‌ପିଙ୍କ ଦ୍ୱାରସ୍ଥ ପରିବାର

ଝାରସୁଗୁଡ଼ା,୨୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନାଞ୍ଚଳରେ ଗତ ସେପ୍ଟେମ୍ବର ୧୨ ତାରିଖ ସାହିଲ ଯାଦବ ନାମକ ଜଣେ ଯୁବକଙ୍କୁ ବ୍ରଜରାଜନଗର ଅଞ୍ଚଳର ପ୍ରଫୁଲ୍ଲ ଛତ୍ରୀ ନାମକ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲା। ତେବେ ମଙ୍ଗଳବାର ଏକ ଘରୋଇ ହସ୍ପିଟାଲରେ ସକାଳେ ସାହିଲଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଆକ୍ରମଣରେ ଯୁବକ ଜଣକ ପ୍ରଥମେ ଗୁରୁତର ଆହତ ହୋଇଥିବା ବେଳେ ପ୍ରଥମେ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଏକ ଘରୋଇ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳୁ ସାହିଲଙ୍କ ମୃତ୍ୟୁ ଘଟିଛି। ଘଟଣାକୁ ନେଇ ଆଜି ଅପରାହ୍ଣରେ ମୃତ ଯୁବକଙ୍କ ପରିବାର ଝାରସୁଗୁଡ଼ା ଏସପିଙ୍କ କାର୍ଯ୍ୟାଳୟକୁ ଯାଇ ନ୍ୟାୟ ପାଇଁ ଦାବି କରିଛନ୍ତି। ଯୁବକଙ୍କ ଶବ ରଖି ଆକ୍ରମଣର ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ପ୍ରଫୁଲ୍ଲ ଛତ୍ରୀଙ୍କୁ ଗିରଫ କରି ବ୍ରଜରାଜନଗର ଥାନା ପୁଲିସ କୋର୍ଟ ଚାଲାଣ କରି ସାରିଛି। ତେବେ ପ୍ରଥମେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ଘଟଣାର ବହୁ ତଥ୍ୟ ମିଳିବ ବୋଲି ପୁଲିସ ସୂଚନା ଦେଇଛି। ପ୍ରକାଶ ଛତ୍ରୀ ନାମରେ ଆଗରୁ ମଧ୍ୟ ବହୁ ଅପରାଧିକ ମାମଲା ରହିଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ସମ୍ବଲ୍‌ପୁରୀ ସାହିତ୍ୟ ପରିଷଦର ଫି ମାସେଁ ଗୁଟେ ଦିନ୍

ବରପାଲି/ମହଦା,୨୩।୯ (ସମିସ): ସମଲ୍‌ପୁରି ସାହିତ୍ୟ ପରିଷଦର ଫି ମାସେଁ ଗୁଟେ ଦିନ୍ ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଧନପତି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମକୁ ତେଜରୁ ବାରିକ୍ ସଂଯୋଜନା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ରୂପେ ଡ. ଗୋବର୍ଦ୍ଧନ ସାହୁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ମାନସ ଷଡଙ୍ଗୀ ଯୋଗ ଦେଇଥିଲେ। ପ୍ରଥମେ ଦିବଂଗତ କବି ବିନୋଦ ପଶାୟତ ଓ କବି ବିପିନ ଆଚାର୍ଯ୍ୟଙ୍କ ସ୍ମୃତିରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରିଷଦର ଉପସଭାପତି ଡ. ସୁବାଷ ମେହେର ଦିବଂଗତ କବି ମାନଙ୍କର ଜୀବନି ତଥା ଅବଦାନ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଉପେନ୍ନ ଭୋଇ ସାଂପ୍ରତିକ୍ ଯୁଗରେ ସମ୍ବଲପୁରୀ ସାହିତ୍ୟର ସ୍ଥିତି ଉପରେ ମତ ରଖିଥିଲେ। ଏହି ଅବସରରେ ବରପାଲି ବ୍ଲକ୍ ଅଧୀନ ବନ୍ଧପାଲି ଗାଁର ଝାଏଁରେ ବନ୍ଧପାଲି କଲାପଟା ସାହିତ୍ୟ ସଂସଦର କର୍ମକର୍ତ୍ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ 'ଭାଷାର୍ ଧର୍‌ସା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ନିମନ୍ତ୍ରିତ କବିଙ୍କ କବିତା ପାଠ କ୍ରମରେ କୁମୁଦ ବାରିକ, ନରେନ୍ଦ୍ର ମହାନ୍ତି, ସୁଭାଷ ଭୁଏ, ଭରତ ନାଏକ, ଅହଲ୍ୟା ପ୍ରଧାନ, ସନ୍ତୋଷିନୀ ନାଗ, ଦାମୋଦର ସାହୁ, ଗଣେଶ ପ୍ରଧାନ ସ୍ୱରଚିତ କବିତାମାନ ପାଠ କରିଥିଲେ। କବିତା ଗୁଡିକୁ ଅଧ୍ୟାପକ ସୁଭୋଇ ଓ ଅଧ୍ୟାପକ ମାନ ଭଞ୍ଜନ ପାଣିଗ୍ରାହୀ ସମିକ୍ଷା କରିଥିଲେ। ଶେଷରେ କବି ଉମେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷାଧିକ ଟଙ୍କାର ବାଣ ଜବତ, ଜଣେ ଗିରଫ



ଅତାବିରା,୨୩।୯ (ସମିସ): ଅତାବିରା ଥାନା ଅଧୀନ ବାବେବିରା କେନାଲ ପଡାରେ ବେଆଇନ ବାଣ ଗଚ୍ଛିତ ଥିବା ଖବର ପାଇ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏସ ପ୍ରହଲ୍ଲାଦ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଅତାବିରା ପୁଲିସ ଏକ ଟିମ ଗଠନ କରି ଗଚ୍ଛିତ ଥିବା ବେଆଇନ ବାଣ ଗୋଦାମରେ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିଛି। ଏହାସହ ଏଥିରେ ସମ୍ପୃକ୍ତ ଥିବା ବିକ୍ରେତା କେ ଚନ୍ଦ୍ର ଶେଖରରେଡି(୪୭)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଟ୍ୱିଙ୍କିଲ କରେକର ୫୦ ପ୍ୟାକେଟ, ଝୁରଝୁରି ୨୦୦ ପ୍ୟାକେଟ, ସ୍କାଏରକେଟ ୧୦୦ ପ୍ୟାକେଟ, ସାଉଣ୍ଡ ବମ ୧୨୦ ପ୍ୟାକେଟ, ମିର୍ଚ୍ଚା ବମ ୩୦୦ ପ୍ୟାକେଟ, କୁପି ବମ ୧୦୦, ୧୫ ସର୍ଟ ବମ ୬ ଟି ଓ ଅନ୍ୟାନ୍ୟ ପ୍ରକାର ଫାୟାର କରେକରକୁ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାର ହେବ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ପାଇକମାଲରେ ଅଗ୍ରସେନ ଜୟନ୍ତୀ

ପାଇକମାଲ,୨୩।୯ (ସମିସ): ପାଇକମାଲ ସ୍ଥିତ ନୃସିଂହନାଥ ଧର୍ମଶାଳା ଠାରେ ଅଗ୍ରୱାଲ ସମାଜ ତରଫରୁ ଅଗ୍ରସେନ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏନେଇ ଅନୁଷ୍ଠିତ ସଭାରେ ଅଗ୍ରୱାଲ ସମାଜ ଅନିଲ ଅଗ୍ରୱାଲ ଅଧ୍ୟକ୍ଷତା କରଥିଲେ। ମୁଖ୍ୟ ଅତିଥିଭାବେ ବଲାଙ୍ଗିର ଇଂ.ମନୋଜ ଜୈନ, ମୁଖ୍ୟବକ୍ତା ଭାବେ ମମତା ଜୈନ ଓ ସମ୍ମାନିତ ଅତିଥି ଭାବେ ବିନୋଦ ଜୈନ ସବିତା ଜିନ୍ଦଲ, ରୋହିତ ଅଗ୍ରୱାଲ ଯୋଗ ଦେଇଥିଲେ। ଅମନ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିବା ବେଳେ ନିଲେଶ ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଜି ସକାଳେ ମାରୱାଡି ସମାଜ ତରଫରୁ ପାଇକମାଳ ସହର ପରିକ୍ରମା କରି ସ୍ଥାନୀୟ ଧର୍ମଶାଳା ଠାରେ ସମାଜର ବରିଷ୍ଠ ସଦସ୍ୟ କିଶନଲାଲ ଅଗ୍ରୱାଲ ମହାରାଜ ଅଗ୍ରେସନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦିପ ପ୍ରଜ୍ୱଳନ କରିବା ପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ମହାରାଜା ଅଗ୍ରେସନ ଭୂମିକାରେ ଅନରେଶ ଅଗ୍ରୱାଲ ଅଭିନୟ କରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମାଜର ସମ୍ପାଦକ ଆୟୁଷ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।



## ପଞ୍ଚାୟତସ୍ତରୀୟ ଇସି ସଂଘ ପୁନର୍ଗଠନ ପାଇଁ ସାଂସଦଙ୍କୁ ଦାବି



ପାଇକମାଲ,୨୩।୯ (ସମିସ): ପାଇକମାଳ ବ୍ଲକ୍‌ର ୨୨ ପଞ୍ଚାୟତର ସମସ୍ତ ପଞ୍ଚାୟତ ସ୍ତରୀୟ ଇସି ସଂଘ ଗଠନ କରାଯାଇଥିଲା। ସଂଘର ଅଜାଣତରେ ପଞ୍ଚାୟତ ସ୍ତରୀୟ ଇସି ସଂଘ ଗଠନ କରାଯାଇଥିବା ବେଳେ ତାକୁ ପୁନଃଗଠନ କରିବା ନେଇ ଆଜି ଶତାଧିକ ସଦସ୍ୟାମାନେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଲିଖିତ ଅଭିଯୋଗ ଅନୁସାରେ ବ୍ଲକ୍‌ର ୨୨ ଖଣ୍ଡ ପଞ୍ଚାୟତକୁ ନେଇ ପୂର୍ବରୁ ଇସି ସଂଘ ଗଠନ କରାଯାଇଥିଲା। ଇସି ସଂଘର ସୁପାରିଶ କ୍ରମେ ସିଆରପି, ଏମବିକେ କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ମାନଙ୍କୁ ନିଯୁକ୍ତି ଦେଇଥିଲେ। ହେଲେ ପୂର୍ବର ଗଠିତ ପଞ୍ଚାୟତ ସ୍ତରୀୟ ଇସି ସଂଘର ଅନୁପସ୍ଥିତରେ ନୂତନ ଇସି ଗଠନ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଯଦି ସରକାର ପୁନଃ ଗଠନ କରିଛନ୍ତି ତାହାହେଲେ ସମସ୍ତ ସଂଘକୁ ଭାଙ୍ଗି ଦିଆଯାଇ ନୂତନ ଭାବେ ଗଠନ କରାଯାଉ ବୋଲି ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜ୍ୟୋତ୍ସ୍ନା ସାହୁ, କ୍ଷିରୋଦିନୀ ସାହୁ, ବୀଣା ପ୍ରଧାନ, ସୁମିତ୍ରା ଭୋଇ, ସୂର୍ଯ୍ୟକାନ୍ତି ପଟେଲ, ଦୀପାଞ୍ଜଳୀ ଲୁହାରଙ୍କ ସହ ଶତାଧିକ ସଂଘର ସଦସ୍ୟା ଉପସ୍ଥିତ ଥିଲେ।

# କୋର୍ଟ ପରିସରକୁ ଓକିଲଙ୍କୁ ଗାଡ଼ି ମନା ବିରୋଧରେ ଓକିଲ ସଂଘର ବିକ୍ଷୋଭ



ଝାରସୁଗୁଡ଼ା,୨୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା କୋର୍ଟ ପରିସରକୁ ଓକିଲ ମାନଙ୍କ ଯାନବାହାନ ନେବା ପାଇଁ ବାରଣ କରି ନୋଟିସ ଦେବା ପରେ ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ କରାଯାଇଛି। ଯାନବାହାନ କୋର୍ଟ ପରିସରକୁ ଆସିପାରିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଓକିଲ ମାନେ ବିକ୍ଷୋଭରୁ ଉଠିଛନ୍ତି। ସୋମବାର ଜିଲ୍ଲା କୋର୍ଟର ଗେଟରେ ଓକିଲ ମାନଙ୍କ ଯାନବାହାନ ପ୍ରବେଶକୁ ମନା କରି ଏକ ନୋଟିସ ଛପା ଯାଇଥିଲା। ଏହାକୁ ନେଇ ଜିଲ୍ଲା ଓକିଲ ସଂଘ ତରଫରୁ ମଙ୍ଗଳବାର ୧୦ ରୁ ୨ଟା ଯାଏଁ କୋର୍ଟ ପରିସରରେ ବିକ୍ଷୋଭ କରାଯାଇଥିଲା। ଯାନବାହନ ଯିବା ଆସିବା ସହ ପାର୍କିଂ ସୁବିଧା ସହ ଓକିଲ ମାନଙ୍କ ପାଇଁ ବ୍ୟବସ୍ଥା ଦାବିରେ। ଓକିଲ ମାନଙ୍କ ଯାନ କୋର୍ଟ ପରିସରକୁ ପ୍ରବେଶ ପାଇଁ ଜିଲ୍ଲା ଜଜ ପ୍ରଶାନ୍ତ ନାୟକ ପ୍ରତିଶ୍ରୁତି ଦେବାସହ ଆଗାମୀ ଦିନରେ ପାର୍କିଂ ବ୍ୟବସ୍ଥା କରାଯିବା ନେଇ ମଧ୍ୟ କହିବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

ବିକ୍ଷୋଭ ସମୟରେ ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଳ, ସମ୍ପାଦକ ନୀଳାଦ୍ରି ବିହାରୀ ପଣ୍ଡା, ସିଆରାମ ଦାସ, କିଶୋର ପଟେଲ, ପି.ରାମମୋହନ ରାଓ, ଦୀପକ ପଟେଲଙ୍କ ସହିତ ଓକିଲ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବରପାଲି ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବରପାଲି,୨୩।୯ (ସମିସ): ବରପାଲି ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବିଭାଗରେ ଯୋଗ ଦେଇଥିବା ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉତ୍ସବଟି ଆୟୋଜିତ ହୋଇଥିଲା।

ମହାବିଦ୍ୟାଳୟ ଅଧ୍ୟକ୍ଷା ଜୟନ୍ତୀ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ସୁଶୀଲ ଶତପଥୀ ଉତ୍ତମ ବିଦ୍ୟାର୍ଥୀ ହୋଇ ସାମାଜିକ ସେବା, ଦେଶ ସେବାରେ ଲିପ୍ତରହିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅଲେଖ ମହାନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଦେବାଙ୍ଗିନୀ ସାହୁ, ଅଞ୍ଜନା ଭୋଇ, ସୀମା ଭୋଇ ସଭାରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସଫଳତା ଓ ଉତ୍ତମ ଭବିଷ୍ୟତ ଗଠନ ଦିଗରେ ମାର୍ଗଦର୍ଶନ ଦେଇଥିଲେ। ଶେଷରେ ଯୁକ୍ତ ତିନି ୩ୟ ବର୍ଷ ଛାତ୍ର ଗଣେଶ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ସମୀର ବିଶି, ଅଙ୍କୁଶ ଥାପା, ଗୌତମ ନାଗ, ଆଦିତ୍ୟ ମହାପାତ୍ର, ଲିପିକା ଗୁରୁ, ଅର୍ପିତା ଥଇତ୍, କମଳା ସରାଫ୍, ମୀନା କାଲସା, ରୁବି ମେହେର ପ୍ରମୁଖଙ୍କ ସହିତ ବିଭାଗର ସମସ୍ତ ଛାତ୍ରଛାତ୍ରୀ ସଭାକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଚୋରି ହେଲା କୋଟି କୋଟି ଟଙ୍କାର ମୂଲ୍ୟବାନ ଜିନିଷ






ବରଗଡ଼,୨୩।୯ (ସମିସ)

ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପ୍ରାୟ ୧୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଜଟିଳ ରୋଗ ଚିକିତ୍ସା କେନ୍ଦ୍ରର ନିର୍ମାଣ ହୋଇଥିଲା। ବହୁ ଉନ୍ନତମାନ ଏହି ଚିକିତ୍ସାଳୟକୁ ଗତବର୍ଷ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରାଯାଇଥିଲା। ଲୋକେ ବହୁତ ଆଶା ବାନ୍ଧିଥିଲେ ଏଠାରେ ଉନ୍ନତ ମାନର ଚିକିତ୍ସା ମିଳିବ ବୋଲି। ମାତ୍ର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ମଧ୍ୟ ଡବଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ବର୍ଷେ ପୂରିଗଲା ପଛେ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ମାତ୍ର ଚିକିତ୍ସାରେ ରହିଥିବା ବହୁ ଆଧୁନିକ ଯନ୍ତ୍ରପାତି ସହିତ, ସେଣ୍ଟ୍ରାଲ ଏସି, ପାଣି କଳ, ୱାଟର ଫିଲ୍ଟର, ଇଲେକ୍ଟ୍ରୋନିକ ଯନ୍ତ୍ରପାତି, ରୋଗୀ ଚିକିତ୍ସା ପାଇଁ ଆସିଥିବା ଆଧୁନିକ ଯନ୍ତ୍ରପାତି ଏପରି ଅନେକ ଜିନିଷ ଯାହାର ମୂଲ୍ୟ କୋଟି କୋଟି ଟଙ୍କା ହେବ ସବୁତକ ଚୋର ବୋହି ନେଇଯାଇଛନ୍ତି। ଚିକିତ୍ସାଳୟରେ ମାଳମାଳ ସୁରକ୍ଷାକର୍ମୀ, ଦୁଇଜଣ ମ୍ୟାନେଜର ଓ ଗୋଟିଏ ପୁଲିସ ଫାଣ୍ଡି ରହିଛି। ହେଲେ କେହି ମଧ୍ୟ ଚୋର ଓ ଚୋରି ହୋଇଥିବା ସାମଗ୍ରୀ ବିଷୟରେ କିଛି ସୂଚନା ପାଇଲେ ନାହିଁ। ଏ ବିଷୟରେ ଟୁକୁର୍ଲା ଗାଁବାସୀ ଜାଣିବା ପରେ ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ନୂଆ କିଛି ତ କରି ପାରି ନାହାଁନ୍ତି ହେଲେ ପୂର୍ବ ସରକାରଙ୍କ ସମୟରେ ଯାହା କିଛି କରାଯାଇଥିଲା ଆଜି ଗୋଟେ ବର୍ଷ ମଧ୍ୟରେ ଅଧିକାଂଶ ଚୋରି ହୋଇଗଲା ବୋଲି ଅତ୍ୟନ୍ତ ଦୁଃଖର ସହ ଗ୍ରାମବାସୀ କହିଛନ୍ତି। ଆଗାମୀ ଦିନରେ କେବଳ ନାମକୁ ମାତ୍ର ଡାକ୍ତରଖାନା ଥିବ ଆଉ ଭୂତକୋଠିରେ ପରିଣତ ହୋଇ ଯାଇଥିବ। ଏ ଦିଗରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। କି କି ସାମଗ୍ରୀ ଚୋରି ଯାଇଛି ସେ ସବୁ ବିଷୟରେ ତଦନ୍ତ କରି ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣ ଅନୁରୋଧ କରିଛନ୍ତି।

- ୧୯ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ପୂର୍ବ ସରକାର ନିର୍ମାଣ କରିଥିଲେ
- ସବୁ ବର୍ବାଦ ହେବାପରେ ବି ଚୁପ ବସିଛନ୍ତି ଅଧିକାରୀ

## ଗାଁସାଥି ଟଙ୍କା ଆତ୍ମସାତ୍ କରିବା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



ପଦ୍ମପୁର,୨୩।୯ (ସମିସ): କାମ କରି ନଥିବା ଶ୍ରମିକ ମାନଙ୍କ ପାସବୁକ୍‌ରେ ପାରିଶ୍ରମିକ ମଜୁରୀ ଟଙ୍କା ପକାଇ ଗାଁ ସାଥି ଦ୍ୱୟ ଟଙ୍କା ଆତ୍ମସାତ୍ କରିଥିବା ନେଇ ଜିଲ୍ଲାପାଳଙ୍କ ଠାରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ପଦ୍ମପୁର ବ୍ଲକ୍ ମେଲଛାମୁଣ୍ଡା ପଞ୍ଚାୟତ କୁଲୁବାହାଲ ଗାଁରେ ମନରେଗା ଯୋଜନାରେ ହୋଇଥିବା କାମ ଗୁଡିକରେ ଗାଁ ସାଥି ନାରାୟଣ ବାଗ ଓ ସୁଭାଷିନୀ ଅମିରୀ ଏହିପରି ଭାବେ ଟଙ୍କା ଆତ୍ମସାତ୍ କରିଛନ୍ତି। ଭିନ୍ନକ୍ଷମ ଦିବ୍ୟାଙ୍ଗ, ପାରାଲେସିସ ଆକ୍ରାନ୍ତ ବ୍ୟକ୍ତି, ଏପରି କି ଘରୁ ପାଦ କାଢୁନଥିବା ବିଧବା ମହିଳାଙ୍କ ଜବକାର୍ଡରେ କାର୍ଯ୍ୟ ଦିବସ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ସରପଞ୍ଚ ଓ ପଦ୍ମପୁର ବିଡିଓଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନଥିବା ଗ୍ରାମବାସୀ କହିଛନ୍ତି। ଏପରି କି ଗାଁ ସାଥି ଦ୍ୱୟ ଗାଁର ସାନନ୍ଦ ସାହୁ, ବିରାଟ ଭୂଏ, ରାମ ଭୁଏ, ନିମା ଭୂଏ, କେତକୀ ଭୂଏ, ଶାନ୍ତିଲତା ମାଝୀ ଜଣେ ଜଣେ ବିକଳାଙ୍ଗ, ପାରାଲେସିସ ଓ ଘରପାଦ କାଢୁ ନଥିବା ମହିଳା ହେବା ସତ୍ତ୍ୱେ ସେମାନେ ଭତ୍ତା ପାଇଛନ୍ତି ଦେଖାଇଛନ୍ତି। ଏନେଇ ଆଜି କିଶୋର ପଟେଲ, ଅଶୋକ ରାଉତ, ରୁଦ୍ରମଣି ସାହୁ, ମଦନ ଭୁଏ, ପିତାମ୍ବର ଭୂଏ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି।

- ଯୌତୁକ ନିର୍ଯାତନା ଓ ହତ୍ୟା ମାମଲା

## ପରିବାରର ୪ଜଣଙ୍କୁ ଆଜୀବନ ଜେଲ ସହିତ ଜରିମାନା

ଦହିତା,୨୩।୯ (ସମିସ): ଯୌତୁକ ନିର୍ଯାତନା ଓ ହତ୍ୟା ମାମଲାରେ ପଦ୍ମପୁର ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ଗୋଟିଏ ପରିବାରର ୪ଜଣଙ୍କୁ ଆଜୀବନ ଜେଲ ସହିତ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ବୁଢେନ ଥାନା ଅଧୀନ ବୁଡାମାଲ ଗାଁର ଅମୂଲ୍ୟ ମେହେରଙ୍କ ଝିଅ ନିତୁ ମେହେର ପଦ୍ମପୁର ଥାନା ସିଙ୍ଗନ ପୁର ଗାଁର ଚୁଡାମଣୀ ମେହେରଙ୍କ ପୁଅ ରମେଶଙ୍କୁ ବିବାହ କରିଥିଲେ। ବିବାହ ପରେ ଯୌତୁକରେ ସନ୍ତୁଷ୍ଟ ନ ହୋଇ ଝିଅର ଶାଶୁ ଘର ଆହୁରି ୫ଭରି ସୁନା ଓ ଯୌତୁକ ଦାବି କରି ନିତୁଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏ ସମ୍ପର୍କରେ ନିତୁ ୧୫ ଜୁଲାଇ ୨୦୨୧ ରେ ବାପଘର ଲୋକଙ୍କୁ ଫୋନରେ ଜଣାଇଥିଲେ। ପରେ ନିତୁଙ୍କ ବାପଘର ପକ୍ଷରୁ ତାଙ୍କୁ ପୋଡି ମାରିଦେଇଥିବା ନିତୁଙ୍କ ଭାଇ ଜୟଦେବ ମେହେର ୧୬ ଜୁଲାଇ ୨୦୨୧ ଦିନ ପଦ୍ମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଜି ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ୩୨ ଜଣ ସାକ୍ଷୀ ପ୍ରମାଣ ଆଧାରରେ ଅଭିଯୁକ୍ତ ଦେବେନ୍ଦ୍ର ରମେଶ ମେହେର, କ୍ଷେତ୍ରମଣି ମେହେର, ଚୁଡାମଣି ମେହେର ଓ ସୁଶୀଳା ମେହେରଙ୍କୁ ଯୌତୁକ ନିରୋଧ ଆଇନରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଚାରି ଜଣଙ୍କ ମଧ୍ୟରୁ କ୍ଷେତ୍ରମଣିଙ୍କ ବ୍ୟତୀତ ଅନ୍ୟ ତିନି ଜଣଙ୍କୁ ୧୦ ବର୍ଷ ସହିତ ତିନି ବର୍ଷ ସଶ୍ରମ କାରାଦଣ୍ଡ ଏବଂ ପ୍ରତ୍ୟେକଙ୍କୁ ୫୦୦୦ ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ହେଲେ ୪ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଧାରା ୪ ଯୌତୁକ ନିରୋଧ ଆଇନ ପାଇଁ ଏକ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ସହିତ ପ୍ରତ୍ୟେକଙ୍କୁ ୩୦୦୦ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଜରିମାନା ଖିଲାପ ହେଲେ ଗୋଟିଏ ମାସ ସଶ୍ରମ କାରାଦଣ୍ଡ ପାଇଁ ଅତିରିକ୍ତ ଜଜ୍ ରାୟ ଶୁଣାଇଛନ୍ତି।

## ବିଦ୍ୟାଳୟରେ ନୂଆଁଖାଇ ଭେଟ୍‌ଘାଟ୍ ଓ ସଡ଼କ ନିରାପତ୍ତା ସଚେତନତା



ବରଗଡ଼,୨୩।୯ (ସମିସ): ଭେଡେନ ବ୍ଲକ୍‌ର ୪ କ୍ଲଷ୍ଟର, ୨୨ଟି ହାଇସ୍କୁଲର ଶିକ୍ଷକ ଗଣ, ୫ ଟି ପଞ୍ଚାୟତର ସରପଞ୍ଚ, ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହଯୋଗରେ ସହରଟିକ୍ରା ଶିକ୍ଷା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ନୂଆଁଖାଇ ଭେଟ୍‌ଘାଟ୍ ଓ ସଡକ ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରୂପେ ବରଗଡ଼ ଜିଲ୍ଲା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ସମ୍ମାନିତ ଅତିଥି ଡାକ୍ତର ଅରୂପାନନ୍ଦ ସାହୁ, ଜୁନିୟର ଏମଭିଆଇ ରାକେଶ ବେହେରା, ମୁଖ୍ୟ ବକ୍ତା ରାମଚନ୍ଦ୍ର ସାହୁ ଅଧ୍ୟକ ପଲ୍ଲିଶ୍ରୀ ସ୍ନାତକ ମହାବିଦ୍ୟାଳୟ ଚିଚିଣ୍ଡା, ସହବକ୍ତା ଉତ୍ପନ୍ନ ଭୋଇ ଭାଷାବିଦ ଓ ଭାଷା ଗବେଷକ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଦୁଷ୍ମନ୍ତ ସାହୁ ସଭାପତିତ୍ୱ ଏବଂ ବାଳିକା ଉଚ୍ଚ ବିଦ୍ୟାଳୟ ଅଡଗାଁର ସହଶିକ୍ଷକ ସଭା ପରିଚାଳନା କରିଥିଲେ। କଲେଜର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ସଂସ୍କୃତ ଅଧ୍ୟାପକ ସୌମ୍ୟରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ଥାୟୀ ଦରମା ଦାବିରେ ଜିପିଏଲ୍‌ଏଫ୍ କର୍ମୀଙ୍କ ଧାରଣା



ଅମ୍ବାଭୋନା,୨୩।୯ (ସମିସ): ଓଡ଼ିଶାର ୩୦ଟି ଜିଲ୍ଲାର ୩୧୪ଟି ବ୍ଲକ୍‌ରେ ଜିପିଏଲଏଫ ମହିଳା କର୍ମୀ ମାନେ ସ୍ଥାୟୀ ଦରମା ଦାବିରେ ଧାରଣାରେ ବସିଛନ୍ତି। ଏହି ପରିପ୍ରେକ୍ଷୀରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ପରିସରରେ ଥିବା ମିଶନଶକ୍ତି ଭବନ ସମ୍ମୁଖରେ ଅମ୍ବାଭୋନା ଜିପିଏଲଏଫ କର୍ମୀ ମାନେ ମଧ୍ୟ ଧାରଣାରେ ବସିଥିଲେ। ଏଥିରେ ଅମ୍ବାଭୋନା ବ୍ଲକ୍‌ର ୧୫ଟି ପଞ୍ଚାୟତର ୧୭୦ ଜଣ ସାମୁଦାୟିକ ସହାୟତା ମହିଳା କର୍ମୀ ( କମ୍ୟୁନିଟି ସପୋର୍ଟ ଷ୍ଟାଫ୍) ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉଦ୍ଦେଶ୍ୟରେ ପ୍ରୋତ୍ସାହନ ପରିବର୍ତ୍ତେ ସ୍ଥାୟୀ ଦରମା ଦାବିରେ ଅମ୍ବାଭୋନା ବିଡିଓ ଲଳିତ ବାଗଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଜିକୁ ୬ ମାସ ପୂର୍ବରୁ ପାଉଥିବା ସ୍ଥାୟୀ ଦରମା ଏବେ ମିଳୁ ନ ଥିବା ବାରମ୍ବାର ବିଭାଗୀୟ ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ ବୋଲି ସେମାନେ ଉଲ୍ଲେଖ କରିଛନ୍ତି। ଅମ୍ବାଭୋନା ବ୍ଲକ୍ ଓ ଏଲଏମ କର୍ମୀ ସଂଘ ତରଫରୁ ପୂର୍ବରୁ ପାଉଥିବା ନିର୍ଦ୍ଧାରିତ ମୂଲ୍ୟ ପାରିଶ୍ରମିକ ରାଶିର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ବ୍ଲକ୍‌ର ଓ ଏଲଏମ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଠାରୁ ଜିପିଏଲଏଫର ସମସ୍ତ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିବା ପାଇଁ ସଂଘ ତରଫରୁ ନିଷ୍ପତ୍ତି ନିଆଯାଇଛି।

## ୭ ଦିନିଆ ଏନ୍‌ଏସ୍‌ଏସ ଶିବିର ଉଦ୍‌ଯାପିତ




ଭଟଲି,୨୩।୯ (ସମିସ): ବରଗଡ଼ ଜିଲ୍ଲା ଦଧିବାମନ ସ୍ନାତକ ମହାବିଦ୍ୟାଳୟ ରାଷ୍ଟ୍ରୀୟ ସେବା ଯୋଜନା ତରଫରୁ ଗତ ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ସାତଦିନିଆ ଶିବିର ବଡ଼ମାଳ ଗାଁଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ଦାଶ ପତାକା ଉତ୍ତୋଳନ କରିବା ସହ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ସ୍ୱେଚ୍ଛାସେବୀ ମାନେ ପ୍ରଥମ ଦିନରେ ବଡ଼ମାଳ ଉଚ୍ଚବିଦ୍ୟାଳୟ ପରିସର ସଫା କରିବା ସହ ଗାଁ ଅଭିମୁଖେ ଯାତ୍ରା କରିଥିଲେ। ଯୋଗ ପ୍ରାଣାୟାମ ସହିତ ଦିନଚର୍ଯ୍ୟା ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିନରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ଝସ୍‌କେତନ ଧରାଇ ଯୋଗଦାନ କରି ସମସ୍ତଙ୍କୁ ସ୍ୱାସ୍ଥ୍ୟ ସଂପର୍କରେ ସଚେତନ କରିଥିଲେ। ତୃତୀୟ ଦିବସରେ ମାନବ ସମ୍ବଳ ବିଭାଗର ଅଧିକାରୀ ଡ.ଡୋଲାମଣି ଶତପଥୀ ଶିବିରରେ ଯୋଗଦାନ ପୂର୍ବକ ସେବା ଓ ବୃକ୍ଷ ଲତା ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ଚତୁର୍ଥ ଦିନରେ ପୂର୍ବତନ ରାଷ୍ଟ୍ରୀୟ ସେବା ଯୋଜନା କାର୍ଯନିର୍ବାହୀ ଅଧିକାରୀ ରାଜୀବ ସାହୁ ଯୋଗଦାନ କରି ଏନ୍‌ଏସ୍‌ଏସ ସମ୍ବନ୍ଧରେ ବିଶଦ ବିବରଣୀ ପ୍ରଦାନ କରିଥିଲେ। ପଞ୍ଚମ ଦିନରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏହା ସହ ବଡ଼ମାଳ ଗାଁ ସଫା କରିବା ସହ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସଚେତନଧର୍ମୀ ନାଟକ ସ୍ୱେଚ୍ଛାସେବୀମାନ ପରିବେଷଣ କରିଥିଲେ। ଷଷ୍ଠ ଦିନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସମେତ ପ୍ରାଧ୍ୟାପକ ବିଶ୍ୱଜିତ ହୋତା, ଡ.ରବିନାରାୟର ପଣ୍ଡା, ବିରାଟ ପ୍ରଧାନ ଅଜିତ ବାରିକ ଓ ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଯୋଗଦାନ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମୀ ସାହୁ ସମସ୍ତ କାର୍ଯ୍ୟ ପରିଚାଳନା ସହ ଅନ୍ତିମ ଦିବସରେ ପତାକା ଉତ୍ତୋଳନ କରିଥିଲେ। ସଂସ୍କୃତ ଅଧ୍ୟାପିକା ରାଜଶ୍ରୀ ନାଥ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ ଆଭାଶ୍ରୀ ପ୍ରଧାନ




ବରଗଡ଼,୨୩।୯ (ସମିସ): ବରଗଡ଼ ବ୍ଲକ୍ ଅଧୀନ ବଗେଇବିରାର କୁନି ଝିଅ ଆଭାଶ୍ରୀ ପ୍ରଧାନ। ବୟସ ୩ ବର୍ଷ ହେଲେ ମଧ୍ୟ ତୁଳସୀ ଦୁଇ ପତ୍ରରୁ ବସିଲା ପରି ସେ ଅନେକ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଛନ୍ତି। ଶରୀରର ୨୦ଟି ଅଂଶ, ୬ଟି ପକ୍ଷୀ, ୯ଟି ପ୍ରାଣୀ, ୧୧ଟି ଫଳ, ୬ଟି ଫୁଲ ଏବଂ ୧୩ଟି ପନିପରିବା ଚିହ୍ନଟ କରିବା, ୭ଟି ଶ୍ଳୋକ ଏବଂ ୧୨ଟି ଇଂରାଜୀ ନର୍ସରୀ ରାଇମ୍ ପାଠ କରିବା, ସପ୍ତାହର ସମସ୍ତ ବାର, ବର୍ଷର ସମସ୍ତ ମାସ, ଇଂରାଜୀ ବର୍ଣ୍ଣମାଳାର ଅକ୍ଷର, ୭ଟି ବିପରୀତ ଶବ୍ଦ ଏବଂ ୧୦ଟି ଜାତୀୟ ପ୍ରତୀକ ମନେରଖିବା, ଜାତୀୟ ସଙ୍ଗୀତ ଗାନ କରିବା, ୧ରୁ ୧୦ ପର୍ଯ୍ୟନ୍ତ ଗଣନା କରିବା, ଓଡ଼ିଆରେ ୧୫ ଟି ସାଧାରଣ ଜ୍ଞାନ ପ୍ରଶ୍ନର ଉତ୍ତର ଦେବା ଏବଂ ୩ ବର୍ଷ ବୟସରେ ୧୦ଟି ଆକୃତି ମେଳ କରିବା ପାଇଁ 'ଆଇବିଆର ଆଚିଭର୍' ଭାବେ ସମ୍ମାନିତ ହୋଇଛନ୍ତି। ପିତା ଧର୍ମେନ୍ଦ୍ର ପ୍ରଧାନ ଜଣେ ପ୍ରାଇଭେଟ୍ କମ୍ପାନୀ କର୍ମଚାରୀ ହୋଇଥିବା ବେଳେ ମାଆ ରୋଶନି ପ୍ରଧାନ ଜଣେ ପୋଷ୍ଟ ଗ୍ରାଜୁଏଟ ଗୃହିଣୀ ସହ ପ୍ରାଇଭେଟ୍ ବ୍ୟାଙ୍କ କର୍ମଚାରୀ ଥିବା ସତ୍ତ୍ୱେ ଝିଅର ପ୍ରତିଭାର ବିକାଶ ପାଇଁ ଅହରହ ଚେଷ୍ଟା କରୁଛନ୍ତି। ଏତେସବୁ ଦକ୍ଷତା ସହ ଆଭାଶ୍ରୀ ଖେଳକୁଦ, ନାଚଗୀତରେ ମଧ୍ୟ ପାରଙ୍ଗମ ଅଟନ୍ତି। ତାଙ୍କ ସଫଳତା ଅଞ୍ଚଳ ପାଇଁ ଗୌରବ ସୃଷ୍ଟି କରିଛି। ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଜନସାଧାରଣ କୁନି ଝିଅ ଆଭାଶ୍ରୀଙ୍କୁ ଶୁଭେଚ୍ଛାର ବାର୍ତ୍ତା ଜଣାଉଛନ୍ତି।

## ସୋହେଲା ଦୁର୍ଗାପୂଜା ରାମଲୀଳା ଉଦ୍‌ଘାଟିତ

ସୋହେଲା,୨୩।୯ (ସମିସ): ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ଦ୍ୱାରା ଶାରଦୀୟ ନବରାତ୍ର ଦୁର୍ଗାପୂଜା ଅବସରରେ ଅନୁଷ୍ଠିତ ହେଉଥିବା ରାମଲୀଳା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ତହସିଲଦାର ଶୁଭରଞ୍ଜନ ନାୟକ ମୁଖ୍ୟ ଅତିଥି ଏବଂ ସୋହେଲା ଥାନା ଅଧିକାରୀ ହରିଶଙ୍କର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାମଲୀଳା କାର୍ଯ୍ୟକ୍ରମ ଦୁର୍ଗାମନ୍ଦିର ସମ୍ମୁଖ ଚେତନା ମଣ୍ଡପରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଦୁର୍ଗାପୂଜା କମିଟି ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା, ଉପସଭାପତି ବଳବୀର ସିଂ ଠାକୁର, ଗିରିଜେଶ ଖାଡଙ୍ଗା ଏବଂ ରାମଲୀଳାର ନିର୍ଦ୍ଦେଶକ ଅଗସ୍ତି ଭୋଇ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଶ୍ରୀ ଦେବତା ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଉପସଭାପତି ଶ୍ରୀ ଖାଡଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ତୁଷାରକାନ୍ତ ସାହୁ ସଂଯୋଜନା କରିଥିଲେ। ଗତକାଲି ଠାରୁ ଆରମ୍ଭ ହୋଇଥିବା ରାମଲୀଳା କାର୍ଯ୍ୟକ୍ରମ ୨ ତାରିଖ ରାବଣ ପୋଡି କାର୍ଯ୍ୟକ୍ରମ ସହିତ ସମାପନ ହେବ। ରାମଲୀଳା କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ଅଗସ୍ତି ଭୋଇ ଏବଂ ସହନିର୍ଦ୍ଦେଶକ ଶେଖ୍ ଜଲିଲ ମହମ୍ମଦ ଏବଂ କ୍ଷୀରୋଦ୍ର ସାହୁଙ୍କ ନିର୍ଦ୍ଦେଶନା ଦେଇଛନ୍ତି। କିଶୋର ଗଡତିଆ, ଦିଲୀପ ଷଡ଼ଙ୍ଗୀ, ବିନେନ୍ଦୁ ଶେଖର ମଞ୍ଚ ପରିଚାଳନା କରିଥିଲେ। ସଂଗୀତରେ ଗୋପାଲ ନାୟକ ଓ ମୁଗ୍ଧା କଣ୍ଠଦାନ କରିଥିଲେ। ଶେଖ୍ ଜଲିଲ ମହମ୍ମଦଙ୍କ ଦ୍ୱାରା ରଚିତ ଏହି ମଞ୍ଚସ୍ଥ ଉପାଖ୍ୟାନରେ ବିଭିନ୍ନ ଭୂମିକାରେ ଆକାଶ ପଣ୍ଡା, ଜଗଦାନନ୍ଦ ମିଶ୍ର, ଗୋପାଲ ନାୟକ, ରମଣୀରଞ୍ଜନ, ପ୍ରମୋଦ ମନୋଜ, ସରୋଜ ଶିବ, ଶମ୍ଭୁ, ପିଣ୍ଟୁ, ରିଙ୍କୁ, କ୍ଷୀରୋଦ୍ର, ସୁଶାନତ, ପରାଗ, ଲକ୍ଷ୍ମଣ, ନିହାରରଞ୍ଜନ, ରାଧାକାନ୍ତ ରଣା, ସୁରେନ୍ଦ୍ର, ଧନେଶ୍ୱର, ମନୋରଞ୍ଜନ ତଥା ନାରୀ ଭୂମିକାରେ ମୁଗ୍ଧା, ମଧୁମୀତା, ମଧୁ, ଲକ୍ଷ୍ମୀ ଓ ବସୁମତୀ ଅଭିନୟ କରିଥିଲେ।

## ବଜ୍ରପାତରେ ଭାଙ୍ଗିଲା ରଘୁନାଥ ମନ୍ଦିର ଦଧିନଉତି

- ବିଦ୍ୟୁତ୍ ଚାଳିତ ସାମଗ୍ରୀ ନଷ୍ଟ



ଥୁଆପାଲି,୨୩।୯ (ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ସଂକ୍ରିଡା ପଞ୍ଚାୟତର ସଂକ୍ରିଡା ଗାଁ ଠାରେ ସୋମବାର ସନ୍ଧ୍ୟାରେ ବର୍ଷା ସହିତ ପ୍ରବଳ ବଜ୍ରପାତ ହୋଇଥିଲା। ଏଥିରେ ରଘୁନାଥ ମନ୍ଦିରର ଦଧିନଉତି ଭାଙ୍ଗି ତଳେ ପଡିଯାଇଛି। ଏହା ସହିତ ରାଧେଶ୍ୟାମ ବିଶି, ସୁବାଷ ଚନ୍ଦ୍ର ପୁରୋହିତ ଓ କୃପାସିନ୍ଧୁ ପୁରୋହିତଙ୍କ ମୂଲ୍ୟବାନ ବିଦ୍ୟୁତ୍ ଚାଳିତ ସାମଗ୍ରୀ ବଜ୍ରପାତରେ ପୋଡି ଯାଇଛି। ଭୀଷଣ ବଜ୍ରପାତ ସମୟରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା।

## ଦୁର୍ଘଟଣାରେ ଓକିଲଙ୍କ ମୃତ୍ୟୁ

ସୋହେଲା,୨୩।୯ (ସମିସ): ସୋହେଲା ବରପାଲି ରାସ୍ତା ଶିଶୁ ବିଦ୍ୟା ମନ୍ଦିର ସମ୍ମୁଖରେ ଏକ ବାଇକ ଦୁର୍ଘଟଣାରେ ସୋମବାର ଓକିଲ ଯୋଗେଶ ଷଡଙ୍ଗୀ (୫୦)ଙ୍କ ମୃତ୍ୟୁ ଘଟିଛି। ଚିଚିଣ୍ଡା ଗାଁର ଯୋଗେଶ ଷଡଙ୍ଗୀ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ସୋହେଲାରୁ ତାଙ୍କ ନିଜ ଗାଁ ଚଚିଣ୍ଡାକୁ ଏକ ବାଇକରେ ଫେରୁଥିବା ସମୟରେ ସୋହେଲା ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ଭରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନିକଟରେ ଥିବା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ପୁଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ସୋହେଲା ପୁଲିସ ଥାନା ଏକ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛନ୍ତି। ଏନେଇ ସୋହେଲା ଓକିଲ ସଙ୍ଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର

ବରଗଡ଼,୨୩।୯ (ସମିସ): ସିମେଣ୍ଟ ନଗର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଇଂରାଜୀ ଭାଷା, ସମୃଦ୍ଧି ସକାଶେ ଓଡ଼ିଶା ସରକାରଙ୍କ ତରଫରୁ ଏକ ୫ ଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଛି। ପ୍ରଧାନଶିକ୍ଷକ ଦେବଜୀବନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଏବଂ ଅବଜର୍ଭର ଭାବେ ତରଣି ସେନ୍ ବୁଧିଆ, ସାଧନ କର୍ମୀରୂପେ ମମତା ମଞ୍ଜରୀ ପ୍ରଧାନ, ନରେଶ ଦ୍ୱାରୀ, ମଞ୍ଚାସୀନ ଥିଲେ। କାର୍ଯକ୍ରମକୁ ସାଧନ କର୍ମୀ ବିକାଶ ବଘେଲ ପରିଚାଳନା କରିଥିଲେ। କର୍ମଶାଳାରେ ବରଗଡ଼, ବଲାଙ୍ଗିର, ସୋନପୁର୍ ଓ ଦେବଗଡ ଜିଲ୍ଲାରୁ ମୋଟ ୫୫ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ତରଣି ସେନ୍ ବୁଧିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟାନ୍ୟ ସାଧନ କର୍ମୀ ମାନଙ୍କ ମଧ୍ୟରେ ଗଣନାଥ ସାହୁ, ସର୍ବେଶ୍ୱର ପୂଜାରୀ, ଉମାକାନ୍ତ ତ୍ରିପାଠୀ, ଦୟାସାଗର ମିଶ୍ର କର୍ମଶାଳାରେ ତାଲିମ୍ ଦେଇଛନ୍ତି। ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର ଅଧୀନରେ ଏହି କର୍ମଶାଳା ଏସ୍‌ଆଇଏଲ୍‌ଟିଟି, ଭୁବନେଶ୍ୱର ଓ ଅଜିମ୍ ପ୍ରେମଜୀ ବିଶ୍ୱ ବିଦ୍ୟାଳୟ, ବେଙ୍ଗାଲୁରୁର ସହଭାଗିତାରେ ଅନୁଷ୍ଠିତ ହୋଇଛି।

### ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ୍ ପ୍ରତିଯୋଗିତା

## ସପ୍ତମ ଦିନ ମ୍ୟାଚ୍‌ରେ ବରାହଗୋଡା ଓ ଗର୍ଭଣା ଦଳ ବିଜୟୀ

ବରଗଡ଼,୨୩।୯ (ସମିସ)



ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ ପ୍ରତିଯୋଗିତାରେ ମଙ୍ଗଳବାର ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ବରାହଗୋଡା ଦଳ ଓ ଗର୍ଭଣା ଦଳ ବିଜୟୀ ହୋଇଛନ୍ତି। ବରାହଗୋଡା ଦଳ ଓ ରେଙ୍ଗାଲ ପାଲି ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ବରାହଗୋଡା ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆଦିତ୍ୟ ସେଟ ଦୁଇଟି ଗୋଲ ଦେଇଥିବା ବେଳେ, ସ୍ମୃତିରଞ୍ଜନ ସୁନା, ନିକେଶ ସାହୁ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପ୍ରଥମ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଥିଲେ ବରାହଗୋଡା ଦଳର ଆଦିତ୍ୟ ସେଟ। ଆଜିର ପ୍ରଥମ ଖେଳକୁ ପଙ୍କଜ ମିର୍ଦ୍ଧା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସନ୍ତୋଷ ପଟେଲ, ଉମାକାନ୍ତ ସାହୁ ସହଯୋଗ କରିଥିଲେ। ବିଶିକେସନ ପଧାନ ଚତୁର୍ଥ ରେଫରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଦ୍ୱିତୀୟ ମ୍ୟାଚ୍‌ଟି ଜେଡିସି ଗର୍ଭଣା ଦଳ ଓ ଏଏ ଲେଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗର୍ଭଣା ଦଳ ୪-୩ ଗୋଲରେ ମ୍ୟାଚ୍‌କୁ ଜିତିଥିଲା। ଗର୍ଭଣା ଦଳ ପକ୍ଷରୁ ଦୁଲେଶ୍ୱର ସାହୁ ଏକ ମାତ୍ର ଗୋଲ ଦେଇଥିବା ବେଳେ ପ୍ରତିପକ୍ଷ ଲେଣ୍ଡା ଦଳ ପକ୍ଷରୁ ସହଦେବ ବେହେରା ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ଫଳାଫଳ ୧-୧ ରହିବା ଫଳରେ ଟାଇବ୍ରେକର ସାହାଯ୍ୟ ନିଆଯାଇଥିଲା। ଏଥିରେ ଜେଡିସି ଗର୍ଭଣା ଦଳ ୪-୩ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଗର୍ଭଣା ଦଳର ଆକାଶ ଭୁଏଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଖେଳକୁ ଶୁଭମ୍ ପାତ୍ର ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅନୁରୋଧ ପ୍ରଧାନ, ସୁନିଲ ବାଗ ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ଅନିଲ ସାହୁ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ଅଛନ୍ତି। ମ୍ୟାଚ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଉଭୟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ଫୁଟବଲ ସମ୍ପାଦକ ସେକ ସବଦର, ପ୍ରାକ୍ତନ ଖେଳାଳି ରୁଦ୍ର ପ୍ରଧାନ, ଦିପାଳି ଚୌହାନ, ଅନନ୍ତରାମ ମେହେର ଓ ସନତ ହୋତା କରିଥିଲେ।







ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା ପ୍ରତିବାଦରେ ବିଜେଡି ପକ୍ଷରୁ ବିଧାନସଭା ଘେରାଉରେ ଦଳୀୟ ନେତା

# ପୁଣି ସିନ୍ଦୂରମୁଖୀ ହେଲେ ମା' ସମଲେଇ

ସମ୍ବଲପୁର, ୨୩।୯(ସମିସ): ପୁଣି ସିନ୍ଦୂରମୁଖୀ ହେଲେ ମା' ସମଲେଇ। ଗତ ୨୧ ତାରିଖ, ମହାଳୟା ଅବସରରେ ମା' ସମଲେଶ୍ୱରୀ ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଏହି ବେଶରେ ମା'ଙ୍କୁ ଗତ ଅଢ଼େଇ ଦିନ ଧରି ଆଜି ମଧ୍ୟାହ୍ନ ପର୍ଯ୍ୟନ୍ତ ହଜାରହଜାର ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି। ମା'ଙ୍କ ଶୁଭ୍ର ବେଶ ଦର୍ଶନ କଲେ ଗଙ୍ଗା ଦର୍ଶନର କୋଟି ପୁଣ୍ୟ ମିଳିଥାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଆଜି ପୂର୍ବାହ୍ଣ ୧୧ଟା ୪୫ରେ ଅନ୍ନଭୋଗ ଲାଗି କରାଯାଇଥିଲା। ଏଥିପାଇଁ ଦର୍ଶନ ବନ୍ଦ ରହିଥିଲା। ଏହାପରେ ମା'ଙ୍କୁ ପୁଣି ତାଙ୍କ ସିନ୍ଦୂରମୁଖୀ ବେଶ କରାଯାଇ ଶୃଙ୍ଗାର କରାଯାଇଛି ବୋଲି ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ କହିଛନ୍ତି। ଅପରାହ୍ଣ ୧ଟା ୪୫ରେ ଭକ୍ତଙ୍କ ଦର୍ଶନ ସକାଶେ ପୁଣି ମନ୍ଦିର ଖୋଲାଯାଇଥିଲା।



ଗତ ୧୪ ତାରିଖ ମୂଳାଷ୍ଟମୀଠାରୁ ସମଲେଶ୍ୱରୀ ମନ୍ଦିରରେ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଏହା ମହାଷ୍ଟମୀ ପର୍ଯ୍ୟନ୍ତ ଚାଲିବ। ଷୋଡ଼ଶ ଉପଚାର ପୂଜା ସମୟରେ ମା' ଷୋହଳ ଜ୍ୟୋତି ରୂପରେ ପୂଜା ପାଇବା ସହ ସ୍ୱତନ୍ତ୍ର ନୈବେଦ୍ୟ ଅର୍ପଣ କରାଯାଇଥାଏ। ପଶ୍ଚିମ ଓଡ଼ିଶାବାସୀ ମୂଳାଷ୍ଟମୀରେ ପୁଓଜିଉଁତିଆ ପାଳନ କରିଥିବା ବେଳେ ମହାଷ୍ଟମୀରେ ଭାଇଜିଉଁତିଆ ପାଳନ କରିବେ। ଶାରଦୀୟ ନବରାତ୍ରରେ ଗତ ୨୨ ତାରିଖରୁ ନବଦିନାତ୍ମକ ମାନସିକ ଦୀପ ପ୍ରଜ୍ୱଳନ ଆରମ୍ଭ ହୋଇଛି। ଏହାସହ ଶେଷ ତିନିଦିନ ଏବଂ ଦିନିକିଆ ମାନସିକ ଦୀପ ମଧ୍ୟ ପ୍ରଜ୍ୱଳନ କରାଯିବ। ଶାରଦୀୟ ଓ ବାସନ୍ତିକ ନବରାତ୍ର ସମୟରେ ଶ୍ରଦ୍ଧାଳୁ ପାରିବାରିକ ଶାନ୍ତି, ଶତ୍ରୁଭୟ ନିବାରଣ, ରୋଗଦୁଃଖରୁ ମୁକ୍ତି, ବିବାହ, ସନ୍ତାନପ୍ରାପ୍ତି ଆଦି ପାଇଁ ମାନସିକ ଦୀପ ପ୍ରଜ୍ୱଳନ କରିଥା'ନ୍ତି।

## ଖୋଲିଲା ଆଉ ୨ ଗେଟ୍

# ହୀରାକୁଦ ଜଳସ୍ତର ୬୨୯.୮୩ ଫୁଟ୍

ସମ୍ବଲପୁର, ୨୩।୯ (ସମିସ): ଗତ ୨୧ ତାରିଖରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ତାହାକୁ ବଜାୟ ରଖାଯାଉଛି। ଆଜି ନଦୀବନ୍ଧର ଆଉ ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ଏହାକୁ ମିଶାଇ ଏବେ ମୋଟ ୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଆଜି ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୯.୮୩ ଫୁଟ୍ ରହିଥିଲା।

ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୦,୦୩୦ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୩୪,୫୭୭ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୮,୫୫୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୨୬୯ ଘନଫୁଟ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ଦେଇ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ନଦୀବନ୍ଧର ଉପରମୁଣ୍ଡରେ ୪.୧୯ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୯.୦୧ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଥିବା ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ମହାକାଳପଡ଼ା ତହସିଲଦାର

ଭୁବନେଶ୍ୱର/ମହାକାଳପଡ଼ା, ୨୩।୯(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତହସିଲଦାର ଶିବପ୍ରସାଦ ମଲ୍ଲିକ ଲାଞ୍ଚ ନେଇ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଏକ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ସେ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଛନ୍ତି। ଏହାସହ ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କ ପୈତୃକ ଗାଁ ବାଘିଲୋ ଓ ତାଙ୍କ କାର୍ଯ୍ୟାଳୟରେ ମଧ୍ୟ ଚଢ଼ଉ କରିଛି।



ଜବରଦଖଲ ଉଚ୍ଛେଦ ଅର୍ଡର ପାଇଁ ଲାଞ୍ଚ ନେଉଥିଲେ

ସୂଚନାନୁଯାୟୀ, ଗୋଜାବନ୍ଧ ଗାଁର ପୀତାମ୍ବର ସ୍ୱାଇଁଙ୍କ ଘର ଆଗରେ ଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିଲେ। ତାହାକୁ ଉଚ୍ଛେଦ କରିବା ପାଇଁ ସେ ୨୦୨୪ରେ ଆବେଦନ କରିଥିଲେ। ଆର୍‌ଆଇ ଯାଞ୍ଚ କରିବା ପରେ ତହସିଲଦାରଙ୍କୁ ଏ ସଂପର୍କିତ ଏକ ରିପୋର୍ଟ ପ୍ରଦାନ କରିଥିଲେ। କିଛି ଦୁର୍ବୃତ୍ତ ସାଧାରଣ ରାସ୍ତା ଅବରୋଧ କରି ସରକାରୀ ଜାଗା ଜବରଦଖଲ କରିଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଏହାପରେ ମଧ୍ୟ ଜବରଦଖଲ ଉଚ୍ଛେଦ କରାନଯିବାରୁ ପୀତାମ୍ବର ତହସିଲଦାରଙ୍କୁ ଦୁଇଥର ଭେଟି ଅଭିଯୋଗ କରିଥିଲେ। ୨୦ହଜାର ଟଙ୍କା ଲାଞ୍ଚ ନଦେଲେ ଜବରଦଖଲ ଉଚ୍ଛେଦ କରାଯାଇପାରିବ ନାହିଁ ବୋଲି ତହସିଲଦାର କହିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସରେ ଅଭିଯୋଗ କରିବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା। ଆଜି ପୀତାମ୍ବରଙ୍କ ଜ୍ୱାଇଁ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କଠାରୁ ତହସିଲଦାର ତାଙ୍କ ସରକାରୀ କ୍ୱାର୍ଟର୍‌ରେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିଲା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ।

# ରାଜ୍ୟରେ ଆଇଏଏସ୍, ଆଇପିଏସ୍ ମରୁଡ଼ି

ଭୁବନେଶ୍ୱର,୨୩।୯ (ସମିସ): ରାଜ୍ୟରେ ଆଇଏଏସ୍ ଓ ଆଇପିଏସଙ୍କ ମରୁଡ଼ି ପଡ଼ିଛି। ମୋଟ ୧୮୨ ପୋଷ୍ଟ ଖାଲି ପଡ଼ିଛି। ରାଜ୍ୟର ବିଧାନସଭାର ପ୍ରଶ୍ନୋତ୍ତରରୁ ଏମିତି କିଛି ତଥ୍ୟ ଏବେ ସାମ୍ନାକୁ ଆସିଛି। ସୂଚନା ମୁତାବକ, ରାଜ୍ୟରେ ଏବେ ବି ୧୮୨ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫଏସ୍ ପଦବୀ ଫାଙ୍କା ପଡ଼ିଛି। ଏନେଇ ଲିଖିତ ସୂଚନା ଦେଇଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଜେଡି ବିଧାୟକ ଅରୁଣ ସାହୁ ଏନେଇ ବିଧାନସଭାରେ ପ୍ରଶ୍ନ କରିଥିଲେ। ସେ ପଚାରିଥିଲେ ଯେ, ରାଜ୍ୟର ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫଏସ୍ ସେବାରେ ମୋଟ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା କେତେ? ଆଉ ଆଜିର ଦିନରେ କେତେ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଛି? ଏହାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଆଇଏଏସଙ୍କ ସଂଖ୍ୟା ହେଉଛି ୨୪୮। କିନ୍ତୁ ତା ଭିତରୁ ଏବେ ବି ୪୫ଟି ପଦବୀ ଏବେ ବି ଫାଙ୍କା ପଡ଼ିଛି। ସେହିପରି ୧୯୫ଟି ମଞ୍ଜୁରୀପ୍ରାପ୍ତ ଆଇପିଏସ୍ ସଂଖ୍ୟା ଥିଲେ ବି, ତା ଭିତରୁ ୬୬ଟି ପଦବୀ ଫାଙ୍କା ପଡ଼ିଛି। ସେହିଭଳି ଏବେ ବି ୩୪୨ ଓଏଏସ୍ ପଦବୀ ଏବଂ ୧୪୧ ଓପିଏସ୍ ପଦବୀ ଖାଲି ପଡ଼ିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

## ଏସ୍‌ସିବି ଇତିହାସରେ ପ୍ରଥମ

# କ୍ୟାଭରନସ୍ ଲିମ୍ଫାନଜିଓମାର ସଫଳ ଅସ୍ତ୍ରୋପଚାର

କଟକ,୨୩।୯ (ସମିସ): କ୍ୟାଭରନସ୍ ଲିମ୍ଫାନଜିଓମାରେ ଆକ୍ରାନ୍ତ ଜଣେ ୭ବର୍ଷର ଶିଶୁ ନୂଆ ଜୀବନ ପାଇଛି। ପ୍ରାୟ ଦୁଇ ଘଣ୍ଟାର ଅସ୍ତ୍ରୋପଚାର ଦ୍ୱାରା ଶିଶୁର ଡାହାଣପାର୍ଶ୍ୱ ଛାତିରେ ବଢ଼ି ଚାଲିଥିବା ମାଂସ ପିଣ୍ଡୁଳାକୁ କଢ଼ାଯାଇଛି। ଏହା ଏକ ବିରଳ ରୋଗ। ଏସ୍‌ସିବି ମେଡିକାଲରେ ଏଭଳି ଅସ୍ତ୍ରୋପଚାର ପ୍ରଥମ ବୋଲି ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ବିଶ୍ୱଜିତ ମିଶ୍ର କହିଛନ୍ତି। ଅସ୍ତ୍ରୋପଚାର ଦ୍ୱାରା ଆରୋଗ୍ୟଲାଭ କରିଥିବା ଶିଶୁଜଣଙ୍କ ହେଲା, ମୟୂରଭଞ୍ଜ ଜିଲ୍ଲା ରଇତଳା ଅଞ୍ଚଳର ଚିମାରି ବାରି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏହି ଶିଶୁ କନ୍ୟାକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସ୍‌କେ) ଅଧୀନରେ ସମସ୍ତ ଚିକିତ୍ସା ଯୋଗାଇ ଦିଆଯାଇଛି।



ରଇତଳା ଅଞ୍ଚଳର ରାମଚନ୍ଦ୍ର ବାରିଙ୍କ ଝିଅ ଚିମାରି। ଖୁବ୍ କମ୍ ବୟସରୁ ଶିଶୁର ଡାହାଣପଟ ଛାତିରେ ମାଂସ ପିଣ୍ଡୁଳା ବଢ଼ି ଚାଲିଥିବା ପରିବାରଲୋକେ ଦେଖିବାକୁ ପାଇଥିଲେ। ଚାଷବାସ କରି ପରିବାର ପ୍ରତିପୋଷଣ କରୁଥିବା ରାମଚନ୍ଦ୍ରଙ୍କ ପକ୍ଷେ ଚିମାରିକୁ ଉନ୍ନତ ଚିକିତ୍ସା ଯୋଗାଇବା ସମ୍ଭବପର ନଥିଲା। ଝିଅ ଛାତିରେ ମାଂସ ପିଣ୍ଡୁଳା ବଢ଼ି ଚାଲିବା ସହ କ୍ରମଶଃ କାଖର ରକ୍ତନଳୀକୁ ଏହା ମାଡ଼ି ଯାଇଥିଲା। ଆରବିଏସ୍‌କେ ସଦସ୍ୟଙ୍କ ସହଯୋଗରେ ଚିମାରିକୁ କଟକ ବଡ଼ ମେଡିକାଲକୁ ଅଣାଯାଇଥିଲା। ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯିବା ପରେ ସେ କ୍ୟାଭରନସ୍ ଲିମ୍ଫାନଜିଓମାରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ତେବେ ଚିମାରି ଥାଲାସେମିଆ ପୀଡ଼ିତ ଥିବାରୁ ତା'ର ଅସ୍ତ୍ରୋପଚାର କରିବା ଡାକ୍ତରଙ୍କ ନିମନ୍ତେ ବଡ଼ ଆହ୍ୱାନ ଥିଲା। ପ୍ଲାଷ୍ଟିକ୍ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ମିଶ୍ରଙ୍କ ନେତୃତ୍ୱରେ ୯ଜଣିଆ ଏକ ଡାକ୍ତରୀ ଦଳ ଗଠନ ହୋଇଥିଲା। ନିଶ୍ଚେତକ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଲକ୍ଷ୍ମୀକାନ୍ତ ଦାଶ ମଧ୍ୟ ରହିଥିଲେ। ଅସ୍ତ୍ରୋପଚାର ଦ୍ୱାରା ୨୨ ସେଣ୍ଟିମିଟର ଲମ୍ବ ଏବଂ ୨୦ ସେଣ୍ଟିମିଟର୍ ଚଉଡ଼ାର ଚେଷ୍ଟ୍ ୱାଲ୍ ଟ୍ୟୁମର କଢ଼ା ଯାଇଥିଲା। ଚିମାରି ଏବେ ବିପଦମୁକ୍ତ ଥିବା ବେଳେ ତାଙ୍କୁ ନିରୀକ୍ଷଣରେ ରଖାଯାଇଛି। ସେ ଖୁବ୍‌ଶୀଘ୍ର ଡିସଚାର୍ଜ ହେବେ ବୋଲି କୁହାଯାଇଛି।

## ରାଜ୍ୟ ବାର୍ କାଉନସିଲ କର୍ପସ ଫଣ୍ଡ ନିୟମାବଳୀକୁ ବେଆଇନ ଘୋଷଣା ପାଇଁ ମାମଲା

# ଆପୋସ ଆଲୋଚନାରେ ସମାଧାନ ପାଇଁ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

କଟକ,୨୩।୯(ସମିସ): ରାଜ୍ୟ ବାର କାଉନସିଲ କର୍ପସ ଫଣ୍ଡ ରୁଲ-୨୦୨୦କୁ ବେଆଇନ ଘୋଷଣା ପାଇଁ ପ୍ରାର୍ଥନା କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରି ଆପୋସ ଆଲୋଚନା ଜରିଆରେ ଉଭୟପକ୍ଷ ଏହାର ସମାଧାନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରି ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଇନଜୀବୀ କବିରାଜ ପ୍ରଧାନ ଓ ବିପ୍ଳବ ଶିଳାଦିତ୍ୟଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବର ୧୭କୁ ଧାର୍ଯ୍ୟ ହୋଇଛି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଉପରୋକ୍ତ ନିୟମାବଳୀ ପ୍ରଣୟନ କରିବା କ୍ଷମତା ରାଜ୍ୟ ବାର୍ କାଉନସିଲର ନାହିଁ। ବେଆଇନ ଭାବେ ଏହି ନିୟମାବଳୀ କରାଯାଇଛି। ଏଥିସହ ନିୟମାବଳୀ ଆଧାରରେ ଓକିଲାତିନାମାରେ ୧୦୦ଟଙ୍କାର ଷ୍ଟାମ୍ପକୁ ବାଧ୍ୟତାମୂଳକ କରିବା ଆଇନସମ୍ମତ ନୁହେଁ। ଏହା ଯୁବ ଆଇନଜୀବୀମାନଙ୍କ ଉପରେ ଆର୍ଥିକ ବୋଝ ସଦୃଶ ଏବଂ ଜନସାଧାରଣଙ୍କ ପାଇଁ ଆଇନସେବା ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଥିବା ଆବେଦନରେ ଅଭିଯୋଗ କରାଯାଇଛି। ସେହିଭଳି ଏହି ନିୟମ ଅନୁପାଳନ ନ କରିବା କ୍ଷେତ୍ରରେ ଆଇନଜୀବୀ ଓ ବାର୍ ଆସୋସିଏସନଗୁଡ଼ିକ ପାଇଁ କରାଯାଇଥିବା ଦଣ୍ଡ ବ୍ୟବସ୍ଥା ବେଆଇନ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜଗବନ୍ଧୁ ସାହୁ, ଦୁର୍ଗାପ୍ରସାଦ ନନ୍ଦ, ସମୀର କୁମାର ମିଶ୍ର ଓ ଦିପକ କୁମାର ମହାପାତ୍ର ପ୍ରମୁଖ ଯୁକ୍ତି ଉପସ୍ଥାପନ କରିଥିଲେ। ମାମଲା ପରିଚାଳନାରେ ଆଇନଜୀବୀ ରୋମିତ ପାଣିଗ୍ରାହୀ, ସ୍ୱରାଜ ଓ ଦୀପ୍ତାଂଶୁ ନନ୍ଦ ସହାୟତା କରୁଛନ୍ତି। ଏହି ମାମଲାରେ ରାଜ୍ୟ ବାର୍ କାଉନସିଲ ସମେତ ବିଭିନ୍ନ ବାର ଆସୋସିଏସନକୁ ପକ୍ଷଭୁକ୍ତ କରାଯାଇଛି।

## ■ ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ପୁରୀ 'ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ' ପରିଚାଳନା ଭାର ସରକାର ନିଅନ୍ତୁ

ଭୁବନେଶ୍ୱର, ୨୩।୯ (ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା 'ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ'ର ପରିଚାଳନା ଦାୟିତ୍ୱ ଓଡ଼ିଶା ସରକାର ନେବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ମଙ୍ଗଳବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ ଶ୍ରୀମନ୍ଦିର ପରିସରରେ ଥିବା ପଣ୍ଡା ନିଯୋଗ ସଂସ୍କୃତ ବିଦ୍ୟାଳୟ ଏକ ପ୍ରାଚୀନ ଅନୁଷ୍ଠାନ। ସାଂସ୍କୃତିକ ଏବଂ ଐତିହାସିକ ଦୃଷ୍ଟିରୁ ଏହାର ଗୁରୁତ୍ୱ ରହିଛି। ତତ୍କାଳୀନ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ସେବାୟତଙ୍କ ପିଲାଙ୍କୁ ସଂସ୍କୃତ ଶିକ୍ଷା, ବୈଦିକ ଶିକ୍ଷା ଏବଂ କର୍ମକାଣ୍ଡ ପ୍ରଶିକ୍ଷଣ ପ୍ରଦାନ କରୁଛି। ପୂଜା ପଣ୍ଡା ନିଯୋଗ ଦ୍ୱାରା ପରିଚାଳିତ ଏହି ସହାୟତାପ୍ରାପ୍ତ ବିଦ୍ୟାଳୟ ନାମରେ ଏକ ସ୍ଥାୟୀ ରେକର୍ଡ ଅଫ୍ ରାଇଟ୍ସ ମଧ୍ୟ ରହିଛି। ପାରମ୍ପରିକ ଜ୍ଞାନର ସଂରକ୍ଷଣ ସହ ପ୍ରଚାରପ୍ରସାର କରିବା, ଆଧ୍ୟାତ୍ମିକ କାର୍ଯ୍ୟ ପାଇଁ ଏକ ମାଧ୍ୟମ ଭାବରେ ସଂସ୍କୃତକୁ ପ୍ରୋତ୍ସାହିତ କରିବା ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ସାଂସ୍କୃତିକ ଏବଂ ଧାର୍ମିକ ଐତିହ୍ୟକୁ ସୁରକ୍ଷା ଦେବା ବିଦ୍ୟାଳୟର ମୂଳ ଲକ୍ଷ୍ୟ। ଏଣୁ, ବିଦ୍ୟାଳୟର ସମ୍ପୂର୍ଣ୍ଣ ପରିଚାଳନା ଏବଂ ପ୍ରଶାସନିକ ଭାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଅଧୀନକୁ ଆଣିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ଏହାଦ୍ୱାରା ବିଦ୍ୟାଳୟର ବିକାଶ ସୁନିଶ୍ଚିତ ହେବା ସହ ଶ୍ରୀଜଗନ୍ନାଥ ସଂସ୍କୃତିର ଗୌରବମୟ ଐତିହ୍ୟକୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ ହୋଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୃହରେ ବିରୋଧ...

କଂଗ୍ରେସ ସଭ୍ୟ ଅନାସ୍ଥା ସଂକ୍ରାନ୍ତରେ ବାଚସ୍ପତି ପକ୍ଷପାତ କରୁଥିବା ଅଭିଯୋଗ କରି ଗୃହରେ ନାରାବାଜି କରିଥିଲେ। ବାଚସ୍ପତି ଗୃହକୁ ମୁଲତବୀ ରଖି ସର୍ବଦଳୀୟ ବୈଠକ ଡକାଇଥିଲେ ହେଁ ଏଥିରୁ କୌଣସି ସୁଫଳ ବାହାରି ପାରିନଥିଲା। ଉଭୟ ବିଜେଡି ଓ କଂଗ୍ରେସ କକ୍ଷତ୍ୟାଗ କରିଥିଲେ। ବିଜେଡି ସଦସ୍ୟମାନେ ବିଧାନସଭା ପରିସର ।।ରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିଲେ। ବିନା ବିରୋଧୀଙ୍କ ଉପସ୍ଥିତିରେ ସଂକଳ୍ପ ଆଲୋଚନା ହୋଇ ଗୃହୀତ ହୋଇଥିବା ବେଳେ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଧେୟକ ମଧ୍ୟ ପାରିତ ହୋଇଛି।

ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ମହାତ୍ମା ଗାନ୍ଧୀ କହିଥିଲେ ଭାରତବର୍ଷର ଆତ୍ମା ଗାଁରେ ଅଛି। ଭାରତବର୍ଷର ଉନ୍ନତି କରିବାକୁ ହେଲେ ଗାଁ ଲୋକଙ୍କ ହାତକୁ କ୍ଷମତା ଦିଆଯିବା ଦରକାର। ଯାହାକୁ ଦେଶ ସ୍ୱାଧୀନ ପରେ ସମ୍ବିଧାନରେ ସେହି ବ୍ୟବସ୍ଥା କରାଯାଇଥିଲା। ୭୩ତମ ସମ୍ବିଧାନ ସଂଶୋଧନରେ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା କରାଯାଇଥିଲା। ୱାର୍ଡ ମେମ୍ବରଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଯାଏଁ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇଥିଲା। ବିଜେପି ସରକାର କ୍ଷମତାକୁ ଆସିବା ପରେ ଜନ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରିବାରେ ଲାଗିଛନ୍ତି। ଅର୍ଥାତ୍ ଜନତାଙ୍କ କ୍ଷମତାକୁ ସଙ୍କୁଚିତ କରୁଛନ୍ତି। ଏହି ବ୍ୟବସ୍ଥା ଗଣତନ୍ତ୍ରର ତଣ୍ଟିଚିପିବା ପାଇଁ ଚକ୍ରାନ୍ତ। ପ୍ରଚଳିତ ବ୍ୟବସ୍ଥାକୁ ମୋଡ଼ିମକଚି ବାବୁରାଜ ଚଳାଇବା ପାଇଁ ମସୁଧା ଚାଲିଛି। ନିଜ ଦଳର କୁଜି ନେତାଙ୍କୁ ସଂରକ୍ଷଣ ଦେବା ପାଇଁ ସରକାର ଏହି ନୂଆ ବ୍ୟବସ୍ଥା ତିଆରି କରୁଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି।

### ସରକାରଙ୍କ ବିରୋଧରେ...

ଦଳର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ନାରାବାଜି କରିବାକୁ ବାଚସ୍ପତି ବାରମ୍ବାର ଗୃହକୁ ମୁଲତବୀ କରିଥିଲେ। ଶେଷରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ହେଁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଦଳର ଅନାସ୍ଥା ନୋଟିସ ଗ୍ରହଣ ନିମନ୍ତେ ଅଡ଼ି ବସିଥିଲେ। ୫ ଟା ୨୦ରେ ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବା ପରେ ମଧ୍ୟ କଂଗ୍ରେସ ସଦସ୍ୟମାନେ ହଙ୍ଗେଗୋଳ କରିବା ସହ କୃଷି ମାରଣ ନୀତି ଓ ମହିଳା ହିଂସା ଆଦି ପ୍ରସଙ୍ଗରେ ହୋହଲ୍ଲା କରି ଗୃହତ୍ୟାଗ କରିଥିଲେ।

### ବିଜେଡିର ରଣହୁଙ୍କାର...

ରଖିଛନ୍ତି। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଧ୍ୱଂସ କରିବା ପ୍ରତିବାଦରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାର କ୍ଷମତା ସଙ୍କୁଚିତ କରି ରାଜ୍ୟରେ ବାବୁରାଜ ସୃଷ୍ଟି କରିଛନ୍ତି। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟ କ୍ଷମତା ଚୋରି ସହିତ ସମାନ। ପୂର୍ବରୁ ବ୍ଲକରେ ହେଉଥିବା ଉନ୍ନୟନ କାର୍ଯ୍ୟର ବିଲ୍ ପରିମାଣ ଦୁଇ ଲକ୍ଷ ପର୍ଯ୍ୟନ୍ତ ବିଡିଓଙ୍କ ପାସ୍ କରିବାର କ୍ଷମତା ଥିଲା। ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ବିଲ୍ ପାସ କରିବା ନିମନ୍ତେ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେଉଥିଲା । କିନ୍ତୁ ରାଜ୍ୟ ସରକାର ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିବା ଲକ୍ଷ୍ୟରେ ବିଡିଓଙ୍କ ବିଲ୍ ପାସ କରିବାର କ୍ଷମତା ଦୁଇ ଲକ୍ଷରୁ ଦଶ ଲକ୍ଷକୁ ବୃଦ୍ଧି କରିଛନ୍ତି। ଏହା ନିର୍ବାଚିତ ପ୍ରତିନିଧି ମାନଙ୍କ କ୍ଷମତାକୁ ସଙ୍କୁଚିତ କରିବା ପାଇଁ ରାଜ୍ୟ ସରକାରଙ୍କ ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛି ବିଜେଡି। ସେହିପରି ପୂର୍ବ ସରକାରଙ୍କ ଲୋକପ୍ରିୟ ଯୋଜନା ଆମ ଓଡ଼ିଶା ନବୀନ ଓଡ଼ିଶାର ନାମ ପରିବର୍ତ୍ତନ କରି 'ବିକଶିତ ଗାଁ ବିକଶିତ ଓଡ଼ିଶା' କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବାର ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ପୂର୍ବରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉଥିବା ବେଳେ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଏହି ପରିମାଣକୁ ମାତ୍ର ୭/୮ ଲକ୍ଷକୁ କମାଇ ଦିଆଯାଇଛି। ନୂତନ ନିୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଗ୍ରାମସଭା ଓ ପଞ୍ଚାୟତ ସମିତିର କ୍ଷମତାକୁ ଗୌଣ କରିବାକୁ ଉଦ୍ୟମ କରାଯାଇଛି। ରାଜ୍ୟ ବିଜେପି ସରକାରଙ୍କ ଏସବୁ ପଦକ୍ଷେପ କେବଳ ତୃଣମୂଳ ସ୍ତରରେ ଥିବା ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତା ସଙ୍କୁଚିତ କରି ନିଜ ଦଳୀୟ କର୍ମୀ ଓ ନେତାଙ୍କ ପକେଟକୁ ଗରମ କରିବା ପାଇଁ ଏକ ସୁଚିନ୍ତିତ ଘୃଣ୍ୟ ଉଦ୍ୟମ ବୋଲି ନେତାମାନେ କହିଛନ୍ତି। ପ୍ରତିବାଦ ସଭା ପରେ ହଜାର ହଜାର ଆନ୍ଦୋଳନକାରୀ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ବ୍ୟାରିକେଡକୁ ଭାଙ୍ଗି ବିଧାନସଭା ଆଡକୁ ଅଗ୍ରସର ହେବାକୁ ଉଦ୍ୟମ କରୁଥିବା ବେଳେ ପ୍ରଶାସନ ପକ୍ଷରୁ ପାଣି ମାଡ କରାଯାଇଥିଲା। ଏଥିରେ ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା ଓ ଅନେକ କର୍ମୀ ଆହତ ହୋଇଛନ୍ତି। ସେହିପରି ଶହଶହ କର୍ମୀଙ୍କୁ ପୁଲିସ ଗିରଫ କରିଛି ।

ଘେରାଉ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ପ୍ରମିଳା ମଲ୍ଲିକ, ଅରୁଣ ସାହୁ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ପ୍ରଦୀପ ଅମାତ, ବଦ୍ରି ନାରାୟଣ ପାତ୍ର, ପ୍ରଫୁଲ୍ଲ ସାମଲ, ଅଶୋକ ପଣ୍ଡା, ଚିରଞ୍ଜିବୀ ବିଶ୍ୱାଳ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ସୁଲୋଚନା ଦାସ, ପ୍ରଣବ ବଳବନ୍ତରାୟ, ବ୍ୟୋମକେଶ ରାୟ, ଦେବୀ ରଞ୍ଜନ ତ୍ରିପାଠୀ, ଗୌତମବୁଦ୍ଧ ଦାସ, ସ୍ନେହାଙ୍ଗିନୀ ଛୁରିଆ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ବିଜୟ ନାୟକ, ଭୃଗୁ ବକ୍ସିପାତ୍ର, ପ୍ରୀତିରଞ୍ଜନ ଘଡାଇ, ପ୍ରଫୁଲ୍ଲ ସିଂ, ବିକ୍ରମ ପଣ୍ଡା, ଉମାକାନ୍ତ ସାମନ୍ତରାୟ, ଧ୍ରୁବ ଚରଣ ସାହୁ, ସୁବାସ ସିଂ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସାରଦା ଜେନା, ପ୍ରଶାନ୍ତ ମୁଦୁଲି, ସୁଲତା ଦେଓ, ସୁବାଶିଷ ଖୁଣ୍ଟିଆ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ମନ୍ମଥ ରାଉତରାୟ, ବର୍ଷା ସିଂ ବରିହା, ଲୋପାମୁଦ୍ରା ବକ୍ସିପାତ୍ର, ପ୍ରଦୀପ ସାହୁ, ଗଣେଶ୍ୱର ବେହେରା, ରବୀନ୍ଦ୍ର ଜେନା, ସୁବାସିନୀ ଜେନା, ଅମରେଶ ପତ୍ରି, ନଳିନୀ ପ୍ରଧାନ, ବ୍ରଜ ପ୍ରଧାନ, ତୁଷାରକାନ୍ତି ବେହେରା, ବିଶ୍ୱରଂଜନ ମଲ୍ଲିକ, ଅଭିମନ୍ୟୁ ସେଠୀ, ନବକିଶୋର ମଲ୍ଲିକ, ସାରଦା ନାୟକ, ମନୋରମା ମହାନ୍ତି, ପ୍ରମୋଦ ମଲ୍ଲିକ, ସଞ୍ଜୀବ ମଲ୍ଲିକ, ରମେଶ ବେହେରା, ରୋମାଞ୍ଚ ରଂଜନ ବିଶ୍ୱାଳ, ସୌଭିକ ବିଶ୍ୱାଳ, ସୁନିଲ ମହାନ୍ତି, ଝିନ୍ନ ହିକକା, ମାଧବ ଧଡା, ସୁଦର୍ଶନ ହରିପାଲ, ସୁଜାତା ସାହୁ, ରମାକାନ୍ତ ଭୋଇ, ଅଳକା ମହାନ୍ତି, ରୀତା ସାହୁ, ଅରବିନ୍ଦ ମହାପାତ୍ର, ରୂପେଶ ପାଣିଗ୍ରାହୀ, ପ୍ରଶାନ୍ତ ବେହେରା, ଦୀପାଳି ଦାସ, ମୁକ୍ତିକାନ୍ତ ମଣ୍ଡଳ, ମଂଜୁଲତା ମଣ୍ଡଳ, ନୃସିଂହ ସାହୁ, ଅବିନାଶ ସାମଲ, ସରୋଜ ମେହେର, ଜଗନ୍ନାଥ ସାରକା, ମହେଶ ସାହୁ, ଲତିକା ପ୍ରଧାନ, ରଞ୍ଜିତା ସାହୁ, ସୁଧୀର ସାମଲ, ରୁଦ୍ର ମହାରଥୀ, ମାନସ ମାଡକାମୀ, କୌଶଲ୍ୟ ହିକ୍କାକା, ରବିନାରାୟଣ ନନ୍ଦ, ଶ୍ରୀକାନ୍ତ ସାହୁ, ସୁମିତ୍ରା ଜେନା, ମୀନତୀ ବେହେରା, କସ୍ତୁରୀ ମହାପାତ୍ର, ଗୀତାଞ୍ଜଳି ବସ୍ତିଆ, ସୁବାସ ବେହେରା, ମଞ୍ଜୁଳା ସ୍ୱାଇଁ, ସୂର୍ଯ୍ୟମଣି ବୈଦ୍ୟ, ପ୍ରଫୁଲ୍ଲ ପାଙ୍ଗୀ, ପ୍ରଭୁ ଜାନି, ପଦ୍ମିନୀ ଦିଆନ, ଲକ୍ଷ୍ମୀପ୍ରିୟା ନାୟକ, ସୁକାନ୍ତ ନାୟକ, ସ୍ୱରୂପ କୁମାର ଦାସ, ରାଜେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସନ୍ଦୀପ ଷଡଙ୍ଗୀ, କୈଳାଶ ପାତ୍ର, ସୁବ୍ରତ ଛାଟୋଇ, ସଦାଶିବ ପ୍ରଧାନ, ସାଲୁଗା ପ୍ରଧାନୀ, ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ରିଜୁଆନା ବେଗମ, ସାନନ୍ଦ ମାରାଣ୍ଡି, ଦେବାଶିଷ ମାରାଣ୍ଡି, ରାଜକିଶୋର ଦାସଙ୍କ ସହ ୩୦ ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ଓ ଉପସଭାପତି, ୧୫୦ ଉଦ୍ଧ୍ୱର୍ ବ୍ଲକର ଅଧ୍ୟକ୍ଷ/ଉପାଧ୍ୟକ୍ଷ, ବିଭିନ୍ନ ପ୍ରତିନିଧିମଣ୍ଡଳୀ ଯଥା, ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବର ସଂଗଠନର ପ୍ରତିନିଧି, ହଜାର ହଜାର ବିଜେଡିର ଯୁବ ଓ ଛାତ୍ର ନେତାମାନଙ୍କ ସହ ୩୦ ହଜାରରୁ ଉଦ୍ଧ୍ୱର୍ କର୍ମୀ ସାମିଲ ଥିଲେ।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ଚାକିରିରେ ସହକର୍ମୀଙ୍କ ସହଯୋଗ ମିଳିବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୬୧- ସ୍ୱାଧୀନତା ସଂଗ୍ରାମୀ ମାଡାମ୍ ଭିକାଜୀ କାମାଙ୍କ ଜନ୍ମ।
- ୧୯୪୮- ହୋଣ୍ଡା ମୋଟର କମ୍ପାନିର ସ୍ଥାପନା।
- ୧୯୬୮- ସ୍ୱାଜିଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।
- ୧୯୭୮- ପୂର୍ବ ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।
- ୨୦୧୩- ପାକିସ୍ତାନର ବେଲୁଚିସ୍ତାନରେ ୭.୭ ତୀବ୍ରତାର ଭୂମିକମ୍ପ ଆସିବାରୁ ୫୧୫ ଲୋକଙ୍କ ପ୍ରାଣହାନି।



# ପ୍ରଭାସଙ୍କ 'ଫୌଜି'ରେ ଅଭିଷେକଙ୍କ ଏଣ୍ଟ୍ରି

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଆଗାମୀ ଫିଲ୍ମ 'ଫୌଜି'କୁ ନେଇ ଏବେ ଏକ ଖବର ଆସିଛି। ହନୁ ରାଘବପୁଡ଼ିଙ୍କ ନିର୍ଦ୍ଦେଶିତ ଆକ୍ସନ୍- ଡାମ୍ରା ଭିତ୍ତିକ ଏହି ଫିଲ୍ମଟି ଆହୁରି ଅଧିକ ଆକର୍ଷଣୀୟ ହେବାକୁ ଯାଉଛି। କାରଣ ଏଥିରେ ଏବେ ପ୍ରଭାସଙ୍କ ସହ ଅଭିଷେକ ବଚ୍ଚନ ନଜର ଆସିବେ। ଯଦି ସବୁକିଛି ଫାଇନାଲ ହୋଇଯାଏ ତେବେ ତେଲୁଗୁ ଇଣ୍ଡଷ୍ଟ୍ରୀରେ ଅଭିଷେକଙ୍କ ଏହା ଡେବ୍ୟୁ ଫିଲ୍ମ ହେବ। ଅଗଷ୍ଟରେ ଏହାର ସୁଟିଂ ସେଟ୍‌ରୁ ଏକ ଫଟୋ ଲିକ୍ ହେବା ପରେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଯାଇଥିଲା। ପ୍ରଭାସ ଏବେ ଫିଲ୍ମର ସୁଟିଂରେ ବ୍ୟସ୍ତ ଥିବାବେଳେ ଖୁବ୍‌ଶୀଘ୍ର ତାଙ୍କ ସହ ଅଭିଷେକ ଯୋଗ ଦେବେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ରୋମାଣ୍ଟିକ୍ କାହାଣୀ ଉପରେ ଫିଲ୍ମଟି ନିର୍ମାଣ କରାଯାଇଛି। ଏଥିରେ ପ୍ରଭାସ ଜଣେ ସୈନିକ ଭାବେ ଦେଖାଯିବେ। ଫିଲ୍ମର ବଜେଟ୍ ୪୦୦ କୋଟି ରହିଛି। ପ୍ରଭାସଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'କଲ୍‌କୀ ୨୮୯୮ ଏଡି' ଫିଲ୍ମରେ ଦେଖାଯାଇଥିଲେ। ପ୍ରଭାସ ଆଗାମୀ ଦିନରେ 'ଦ ସ୍ପିରିଟ୍', 'ଦ ରାଜା ସାବ୍', 'କଲ୍‌କୀ ୨୮୯୮ ଏଡି ପାର୍ଟ ୨', 'ସାଲାର୍ ପାର୍ଟ ୨' ଭଳି ଫିଲ୍ମରେ ନଜର ଆସିବେ।

# କ୍ୟୁଆର୍ କୋଡ୍ ଦେଖାଇ ମାଗୁଛନ୍ତି ଭିକ



ସାଧାରଣତଃ ରାସ୍ତାଘାଟ, ମନ୍ଦିର, ରେଳ ଷ୍ଟେସନରେ ଭିକାରିଙ୍କୁ ଭିକ ମାଗୁଥିବାର ଦେଖିବାକୁ ମିଳିଥାଏ। ହେଲେ ଏବେ ଲୋକେ ଅନଲାଇନ୍‌ରେ ଭିକ ମାଗୁଛନ୍ତି। ସାମାଜିକ ଗଣମାଧ୍ୟମରେ ଏବେ ଜଣେ ବ୍ୟକ୍ତି ସଭିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ସେ ରାସ୍ତାରେ ନୁହେଁ, ବରଂ ୟୁଟ୍ୟୁବ୍‌ରେ ଲାଇଭ୍ ଆସି ଭିକ ମାଗନ୍ତି। ଏହି ବ୍ୟକ୍ତି ଜଣକ ହେଲେ ଗୌତମ ସୂର୍ଯ୍ୟା। ତାଙ୍କ ଚ୍ୟାନେଲର ନାଁ ହେଉଛି ଗୋବିନ୍ଦସୂର୍ଯ୍ୟା୩୬୦। ଆଶ୍ଚର୍ଯ୍ୟର କଥା ହେଉଛି, ତାଙ୍କର ୫ ଲକ୍ଷ ସବ୍‌ସ୍କ୍ରାଇବର ଅଛନ୍ତି। ସେ ଏହି ଚ୍ୟାନେଲରେ ୩.୮ ହଜାର ଭିଡିଓ ସେୟାର୍ କରିଛନ୍ତି। ଗୋବିନ୍ଦ ସୂର୍ଯ୍ୟା ନିୟମିତ ୩ରୁ ୪ ଘଣ୍ଟା ଲାଇଭ୍ ଆସି ୨ରୁ ୩ଟି କ୍ୟୁଆର୍ କୋଡ୍ ଦ୍ୱାରା ଟଙ୍କା ମାଗନ୍ତି। ସେହିପରି ଯେତେବେଳେ ସେ ଲାଇଭ୍ ଆସନ୍ତି, ୧୦ ହଜାରରୁ ଅଧିକ ଲୋକ ତାଙ୍କ ସହ ଯୋଡ଼ି ହୋଇଯାଆନ୍ତି। ଲାଇଭ୍ ଦେଖିବା ସମୟରେ ଲୋକେ ତାଙ୍କୁ କ୍ୟୁଆର୍ କୋଡ୍ ମାଧ୍ୟମରେ ଏକ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିଥାନ୍ତି। ଅଧିକାଂଶ ଲୋକ ତାଙ୍କୁ ଟଙ୍କାଟିଏ ପଠାନ୍ତି। ସେହିପରି କୌଣସି ବ୍ୟକ୍ତି ପେମେଣ୍ଟ କଲେ ତାଙ୍କ ନାଁ ନେଇ ସେ ତାଙ୍କୁ ଧନ୍ୟବାଦ ଦିଅନ୍ତି। ତାଙ୍କର ଗୋଟିଏ ଭିଡିଓକୁ ୨.୭ କୋଟି ଲୋକେ ଦେଖିଛନ୍ତି। କେବଳ ସେତିକି ନୁହେଁ, ଗୋଟିଏ ଦିନରେ କିଭଳି ସୁପର୍‌ଚାଟ୍‌ରୁ ୧୦ ହଜାର ଟଙ୍କା ରୋଜଗାର ହୋଇଯାଏ, ସେକଥା ବି ସେ ଭିଡିଓରେ ଦେଖାଇଛନ୍ତି। ଏହାବାଦ୍ ସେ ତାଙ୍କ ସଂଘର୍ଷ କାହାଣୀ ମଧ୍ୟ ସେୟାର୍ କରନ୍ତି। ଦୁଇ, ତିନି ବର୍ଷ ପର୍ଯ୍ୟନ୍ତ ଯେତେବେଳେ ତାଙ୍କ ପାଖରେ କାମ ନ ଥିଲା, ତାଙ୍କୁ ବହୁତ କଷ୍ଟରେ ରହିବାକୁ ପଡୁଥିବା ବୋଲି ସେ କହିଛନ୍ତି। ସେ ଯୁବାବସ୍ଥାରେ ଥିବାବେଳେ ଘରେ ରୋଜଗାରଶୂନ୍ୟ ହୋଇ ବସିଥିଲେ। ତାଙ୍କ ବାପା ବିଳମ୍ବିତ ରାତ୍ରୀରେ କାମ କରି ଘରକୁ ଫେରୁଥିବାର ଦେଖି ସେ ଏଭଳି ନିଷ୍ପତ୍ତି ନେଇଥିବା ଗୌତମ ସୂର୍ଯ୍ୟା କହିଛନ୍ତି। ଅନେକ ଭିଡିଓରେ ସେ ଲୋକଙ୍କୁ ସାହାଯ୍ୟ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ଏହିପ୍ରକାରେ ଏହି ଅନ୍‌ଲାଇନ୍ ଭିକାରି ଜଣକ ନିଜ ଅନ୍‌ଲାଇନ୍ ଉପସ୍ଥିତିରେ କେବଳ ଲକ୍ଷାଧିକ ଫଲୋଅର୍ସଙ୍କୁ ଯୋଡ଼ି ନାହାନ୍ତି, ବରଂ ମାସକୁ ଭଲ ରୋଜଗାର ମଧ୍ୟ କରୁଛନ୍ତି। ଅନ୍ୟପଟେ ଏହା ଉପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ରିଲ୍ସ ବିୟୁଟି ଟ୍ରିକ୍‌ରେ ବିଗୁଡ଼ୁଛି ଜେନ୍ ଜେଡ୍‌ଙ୍କ ସ୍ୱାସ୍ଥ୍ୟ

ସାମାଜିକ ଗଣମାଧ୍ୟମରେ ଏବେ ଭଳିକି ଭଳି ସୌନ୍ଦର୍ଯ୍ୟ ଉପଚାରଗୁଡ଼ିକ ବେଶ୍ ଭାଇରାଲ ହେଉଛି। ବିଶେଷକରି ଯୁବପିଢ଼ି ଏହାକୁ ଅଧିକ ଅନୁସରଣ କରୁଥିବାର ଦେଖାଯାଉଛି। ହେଲେ ଏହାକୁ ଅନୁସରଣ କରି ଅନେକ ଯୁବକଯୁବତୀ ସେମାନଙ୍କ ତ୍ୱଚାକୁ ଖରାପ କରୁଛନ୍ତି। ଲୋକପ୍ରିୟ ଚର୍ମ ବିଶେଷଜ୍ଞ ସ୍ୟାଣ୍ଡି ସ୍କଟନିକି ଚେତାବନୀ ଦେଇଛନ୍ତି ଯେ, ଟିକ୍‌ଟକ୍‌ରେ ପ୍ରସାରିତ ଏହି ଟ୍ରେଣ୍ଡ ସ୍ୱାସ୍ଥ୍ୟ ଲାଗି କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ବିଶେଷକରି ଜେନ୍ ଜେଡ୍‌ଙ୍କୁ 'ଇନଫ୍ଲୁଏନସର ଇମଫ୍ଲାମେସନ' ନାମକ ତ୍ୱଚା ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ। ଡା. ସ୍କଟନିକିଙ୍କ ଅନୁସାରେ, ଅନେକ ଯୁବକ ଯୁବତୀ କିଛି ନ ବୁଝି ଟିକ୍‌ଟକ୍‌ରେ ଦେଖାଯାଉଥିବା ଜିନିଷକୁ ଲଗାଇଥାନ୍ତି। ଏସବୁ ଜିନିଷରେ ମୁଖ୍ୟତଃ ଗ୍ଲାଇକୋଲିକ୍ ଏସିଡ୍, ଭିଟାମିନ୍ ସି, ନିଆସିନାମାଇଡ୍ ଏବଂ ରେଟିନୋଲ ଭଳି ତତ୍ତ୍ୱ ଥାଏ। ଏହାକୁ ଯେତେବେଳେ ଏକକାଳୀନ ଅଧିକ ମାତ୍ରାରେ ବ୍ୟବହାର କରାଯାଏ ତ୍ୱଚାରେ ପୋଡ଼ାଜଳା, ଲାଲ୍ ଦେଖାଯିବା ଏବଂ ତ୍ୱଚା ଫୁଲିଯିବା ଭଳି ସମସ୍ୟା ଦେଖା ଦିଏ। ତେବେ ଏକ ରିପୋର୍ଟ ଅନୁସାରେ, ସବୁଠୁ ଅଧିକ ମାମଲା ୧୮ ରୁ ୩୦ ବର୍ଷ ବୟସ ଯୁବତୀଙ୍କଠାରେ ଦେଖିବାକୁ ମିଳୁଛି। ସେହିପରି ଯୁବକମାନେ ବି ଏଭଳି ସୌନ୍ଦର୍ଯ୍ୟ ଉପଚାରକୁ ଅନୁସରଣ କରି ସେହି ସମାନ ସମସ୍ୟାକୁ ସାମ୍ନା କରୁଛନ୍ତି। ମଜାଦାର କଥା ହେଉଛି ଅଧିକାଂଶ ଲୋକ ଭାବୁଛନ୍ତି, ସେମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ ହୋଇଯାଇଛି। ହେଲେ ଏହାର ଅସଲ କାରଣ ହେଉଛି ଆବଶ୍ୟକତାଠୁ ଅଧିକ ଜିନିଷ ବ୍ୟବହାର କରିବା। ତେବେ ଡାକ୍ତରଙ୍କ କହିବା କଥା, ନୂଆ ଜିନିଷକୁ ତ୍ୱଚାରେ ବ୍ୟବହାର କରିବା ପୂର୍ବରୁ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି। ସୋସିଆଲ ମିଡିଆରେ ତ୍ୱଚାରେ ଚମକ ଆଣିବା ପାଇଁ ଉଦ୍ଦିଷ୍ଟ ଭିଡିଓଗୁଡ଼ିକ ଏହାକୁ ଅଧିକ କ୍ଷତି ପହଞ୍ଚାଇପାରେ। ତେଣୁ କୌଣସି ଭାଇରାଲ ସୌନ୍ଦର୍ଯ୍ୟ ଉପଚାରକୁ ତୁରନ୍ତ ଅନୁସରଣ କରିବା ଅନୁଚିତ। ନିଜ ତ୍ୱଚା ଅନୁସାରେ ପ୍ରସାଧାନ ସାମଗ୍ରୀ ବ୍ୟବହାର କରିବା ଦରକାର। ସବୁଠୁ ବଡ଼ କଥା ହେଉଛି ପ୍ୟାଚ୍ ଟେଷ୍ଟ କରିବା ଦରକାର। ତ୍ୱଚା ସହ ଜଡ଼ିତ ପ୍ରତ୍ୟେକ ସମସ୍ୟା ଲାଗି ଇନଫ୍ଲୁଏନସରଙ୍କ ପରାମର୍ଶ ନ ନେଇ ଡାକ୍ତରଙ୍କ ପରାମର୍ଶ ନେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରମର୍ଶ ଦେଇଛନ୍ତି।




## ସମ୍ଭାବନା



# ଟ୍ରେଣ୍ଡରେ ଡ୍ରିମ୍ ଜର୍ଣ୍ଣାଲିଂ

**ଆଜିର ବ୍ୟସ୍ତତାପୂର୍ଣ୍ଣ ଜୀବନଶୈଳୀରେ ଅବସାଦ, ଚିନ୍ତା, ଉଦ୍‌ବେଗ, ନିଦ୍ରାହୀନତା ଆଦି ସମସ୍ୟା ସାଧାରଣ ହୋଇପଡ଼ିଛି। ଏଥିରୁ ମୁକ୍ତି ପାଇବା ଲାଗି ଲୋକେ ବିଭିନ୍ନ ଜିନିଷର ସାହାରା ନେଉଛନ୍ତି। ଏହାରି ଭିତରେ ଯୁବପିଢ଼ିଙ୍କଠାରେ ଏକ ନୂଆ ଟ୍ରେଣ୍ଡ ଲୋକପ୍ରିୟ ହେବାରେ ଲାଗିଛି। ଏହା ହେଉଛି 'ଡ୍ରିମ୍ ଜର୍ଣ୍ଣାଲିଂ'। ଅନେକ ଯୁବପିଢ଼ି ମାନସିକ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେବାକୁ ଯାଇ 'ଡ୍ରିମ୍ ଜର୍ଣ୍ଣାଲିଂ' କରୁଛନ୍ତି। ଏଥିରୁ ସେମାନଙ୍କୁ ଅନେକ ଲାଭ ମିଳୁଥିବା କୁହାଯାଉଛି।**



**ଏହା କ'ଣ:** ଡ୍ରିମ୍ ଜର୍ଣ୍ଣାଲିଂର ଅର୍ଥ ହେଉଛି ସ୍ୱପ୍ନକୁ ଲେଖିବା। ସକାଳୁ ଉଠିବା ମାତ୍ରେ ରାତିରେ ଦେଖିଥିବା ସ୍ୱପ୍ନକୁ ନୋଟ୍‌ବୁକ୍ କିମ୍ବା ଡାଏରୀରେ ଲେଖିବା ଅଭ୍ୟାସକୁ ଡ୍ରିମ୍ ଜର୍ଣ୍ଣାଲିଂ କୁହାଯାଉଛି। ଅବଶ୍ୟ ଏହା ଜରୁରି ନୁହେଁ ଦେଖିଥିବା ସବୁ ସ୍ୱପ୍ନକୁ ଉଲ୍ଲେଖ କରାଯିବ। ନିଦରୁ ଉଠିବା ପରେ ଯେଉଁ ସ୍ୱପ୍ନ ମନେ ଥାଏ, ତାହାକୁ ଲେଖିପାରିବେ ନଚେତ୍ ତା'ର ଚିତ୍ର ବି ଆଙ୍କିପାରିବେ। ଏହା ହେଉଛି ଏକ ପ୍ରକାର ଆତ୍ମ ସଚେତନତା ଅଭ୍ୟାସ।

**କାହିଁକି ଜରୁରି:** ଅନେକ ସମୟରେ ଲୋକମାନେ ନିଜ ସ୍ୱପ୍ନକୁ ଅଣଦେଖା କରନ୍ତି। ହେଲେ ଅନେକ ଗବେଷଣାରେ ଏକଥା ଦାବି କରାଯାଇଛି ଯେ, ସ୍ୱପ୍ନରେ ଭୟ, ଚିନ୍ତା, ଇଚ୍ଛା, ଏପରିକି ଅନେକ ଅଧୁରା ଇଚ୍ଛା ମଧ୍ୟ ଲୁଚି ରହିଥାଏ। ତେଣୁ ବେଳେବେଳେ ସ୍ୱପ୍ନକୁ ଲେଖିବା ଦ୍ୱାରା ଏକଥା ବୁଝାପଡ଼େ ଯେ, ଆଗକୁ ଜୀବନରେ କ'ଣ କରିବାର ଅଛି। ଏଥିରେ ଲୋକଙ୍କୁ ନିଜ ମନର ଗଭୀରତାକୁ ବୁଝିବାରେ ସାହାଯ୍ୟ ମିଳେ। ସେହିପରି ବାରମ୍ବାର ଭୟାନକ ସ୍ୱପ୍ନ ମଧ୍ୟ ଦେଖୁଥିବା ଲୋକଙ୍କୁ ଡ୍ରିମ୍ ଜର୍ଣ୍ଣାଲିଂ ଦ୍ୱାରା ଏଭଳି ସ୍ୱପ୍ନରୁ ମୁକ୍ତି ମିଳିଥାଏ।

**ବଢ଼ୁଛି ଟ୍ରେଣ୍ଡ:** ଏବେ ଅନେକ ଯୁବପିଢ଼ି ବିଶ୍ୱାସ କରୁଛନ୍ତି ଯେ, ଡ୍ରିମ୍ ଜର୍ଣ୍ଣାଲିଂ ଦ୍ୱାରା ମନ ହାଲୁକା ହୁଏ। ଅନେକ ଗବେଷଣାରେ ଏକଥା ବି କୁହାଯାଇଛି, ଡ୍ରିମ୍ ଜର୍ଣ୍ଣାଲିଂ ଦ୍ୱାରା ସୃଜନଶୀଳତା ବୃଦ୍ଧି ପାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ଯୁବପିଢ଼ି ଡ୍ରିମ୍ ଜର୍ଣ୍ଣାଲିଂର ଫଟୋ ସେୟାର କରୁଛନ୍ତି। ସେହିପରି ଅନେକେ ନିଜ ଏଥିପାଇଁ ବ୍ୟବହାର କରୁଥିବା ଡାଏରୀକୁ ସୁନ୍ଦର ଭାବେ ସଜାଉଛନ୍ତି। ଯଦ୍ୱାରା ଏହା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁ ନାହିଁ, ବରଂ ପଢ଼ିବାକୁ ବି ଭଲ ଲାଗୁଛି।

**ମାନସିକ ଶାନ୍ତି ମିଳୁଛି:** ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନରେ ମାନସିକ ଶାନ୍ତି ଚାହୁଁଥିଲେ, ଡ୍ରିମ୍ ଜର୍ଣ୍ଣାଲିଂ ଟେକ୍ନିକ୍ ଆପଣାଇବା ଏକ ସୁନ୍ଦର ବିକଳ୍ପ ହେବ। ସେହିପରି ଏହା ଅନେକ ଲୋକଙ୍କର ଏଭଳି ଅଭ୍ୟାସରେ ପରିଣତ ହେଲାଣି ଯେ, ଲୋକେ ସକାଳୁ ଉଠି ଦେଖିଥିବା ସ୍ୱପ୍ନକୁ ପ୍ରଥମେ ଡାଏରୀରେ ବସି ଲେଖୁଛନ୍ତି।

# କିଭଳି କରିବେ ପ୍ରୋଜେକ୍ଟ ପ୍ରସ୍ତୁତି

**ପରୀକ୍ଷା, ଆସାଇନ୍‌ମେଣ୍ଟ, ପ୍ରୋଜେକ୍ଟ ବିଭିନ୍ନ ସମୟରେ ଲୋକଙ୍କୁ ଚିନ୍ତାରେ ପକାଏ। ଏହି ଚିନ୍ତାରେ ବିଚଳିତ ହୋଇ ଏସବୁ କାମ ଠିକ୍‌ରେ କରିବା ସମ୍ଭବ ହୋଇ ନ ଥାଏ। ତେବେ ପ୍ରୋଜେକ୍ଟ ପ୍ରସ୍ତୁତି କିଭଳି କରିବେ, ସେ ସମ୍ପର୍କରେ ଜାଣିବା।**

- ଗୋଟିଏ ସ୍ଥାନରେ ସମସ୍ତ ପ୍ରୋଜେକ୍ଟ, ଆସାଇନମେଣ୍ଟ ଆଦି ବାବଦରେ ଉଲ୍ଲେଖ କରନ୍ତୁ। ଏହାଦ୍ୱାରା ଏସବୁ କାମର ପ୍ରାଥମିକତା ନିର୍ଦ୍ଧାରଣ କରିବା ସହଜ ହେବ।
- ସେହିପରି କୌଣସି ବଡ଼ ପ୍ରୋଜେକ୍ଟ ଥିଲେ ଏହାକୁ ଛୋଟ ଛୋଟ ଭାଗରେ ବିଭକ୍ତ କରନ୍ତୁ। ଏହି କାମକୁ ପ୍ରତିଦିନ ଅଳ୍ପ ଅଳ୍ପ କରନ୍ତୁ।
- ଲଗାତାର ପଢ଼ିବା ଦ୍ୱାରା ମସ୍ତିଷ୍କ ଥକି ପଡ଼େ। ତେଣୁ ପ୍ରତି ଘଣ୍ଟାଏ ତଥା ୧୦-୧୫ ମିନିଟ୍‌ରେ ବ୍ରେକ୍ ନିଅନ୍ତୁ।
- କାମ ମଝିରେ ମସ୍ତିଷ୍କକୁ ବିଶ୍ରାମ ଜରୁରି। ୭-୮ ଘଣ୍ଟା ଶୋଇବା ଦ୍ୱାରା ମସ୍ତିଷ୍କ ସକ୍ରିୟ ରହେ।
- ପାଠପଢ଼ା ସହିତ ଖାଦ୍ୟପେୟ ଏବଂ ବ୍ୟାୟାମ କରିବା ଜରୁରି। ଏହାଦ୍ୱାରା ଶରୀର ଓ ମସ୍ତିଷ୍କ ସୁସ୍ଥ ରହେ।
- କୌଣସି ବିଷୟରେ ଦ୍ୱନ୍ଦ୍ୱ ଉପୁଜିଲେ ସହକର୍ମୀ ତଥା ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନିଅନ୍ତୁ।



# ସ୍ଥାନ ପରିବର୍ତ୍ତନରୁ ପଢ଼ାରେ ଆସେ ଉତ୍ସାହ


ସାଧାରଣତଃ ପିଲାଙ୍କୁ ବୁଝାଯାଏ, ପାଠ ପଢୁଥିବା ପିଲା ଯେଉଁ ସ୍ଥାନକୁ ଗଲେ ବି ପଢ଼ିପାରନ୍ତି। ହେଲେ ସ୍ଥାନ ପରିବର୍ତ୍ତନ କଲେ କ'ଣ ପଢ଼ାରେ ମନ ଲାଗେ। ଏଭଳି ପ୍ରଶ୍ନ କେବେ କେବେ ମନକୁ ଆସେ। ତେବେ ଏକ ନୂଆ ସ୍ଥାନରେ ବସିଲେ, ମସ୍ତିଷ୍କ ସେହି ପରିବେଶକୁ ନେଇ ତାଜା ଅନୁଭବ କରେ। ସେହିପରି ଗୋଟିଏ ସ୍ଥାନରେ ସବୁଦିନ ପଢ଼ିବା ଦ୍ୱାରା ମସ୍ତିଷ୍କ ସେହି ସ୍ଥାନ ସହିତ ସହଜରେ ଜଡ଼ିତ ହୋଇଯାଏ। ଯାହାକି ନୂଆ ସ୍ଥାନକୁ ଗଲେ ଏହି ଯୋଡ଼ି ରହିବା ଅଭ୍ୟାସଟା ଭାଙ୍ଗିଥାଏ। ପୁରୁଣା ସ୍ଥାନରେ ଟିଭି, ମୋବାଇଲ ଭଳି କିଛି ଅନ୍ୟ ଜିନିଷ ଥାଏ, ଯାହା ଧ୍ୟାନକୁ ବିଚ୍ୟୁତ କରେ। ହେଲେ ନୂଆ ସ୍ଥାନରେ ଏହା ଦୂର ହେବାର ଆଶଙ୍କା ଅଛି। ଗୋଟିଏ ସ୍ଥାନରେ ବେଶି ସମୟ ବସି ରହିଲେ, ମସ୍ତିଷ୍କ ସକ୍ରିୟ ରହେ ନାହିଁ। ତେଣୁ ସ୍ଥାନ ପରିବର୍ତ୍ତନ ଦ୍ୱାରା ମସ୍ତିଷ୍କର ସକ୍ରିୟତା ବୃଦ୍ଧି ପାଏ। ଏହା ସହ ମଣିଷ ବି ସକ୍ରିୟ ହୁଏ। ଅନେକ ଗବେଷଣାରେ ଦେଖାଯାଇଛି, ଅଲଗା ଅଲଗା ସ୍ଥାନରେ ପଢ଼ିଲେ ମସ୍ତିଷ୍କ ଭିନ୍ନ ଭିନ୍ନ ସ୍ମୃତି ସହିତ ଜଡ଼ିତ ହୁଏ। ଏହାଦ୍ୱାରା କୌଣସି ତଥ୍ୟକୁ ମନେ ରଖିବା ସହଜ ହୋଇଯାଏ। ତେବେ ନୂଆ ସ୍ଥାନକୁ ଗଲେ ମସ୍ତିଷ୍କ ନୂଆ ନୂଆ କଥା ଚିନ୍ତା କରିବାକୁ ବେଶି ସକ୍ଷମ ହୁଏ। ଗୋଟିଏ ସ୍ଥାନରେ ବସିଲେ ଆଳସ୍ୟ ଦେଖା ଦେଉଥିବାବେଳେ ସ୍ଥାନ ପରିବର୍ତ୍ତନରେ ଏହା ହୁଏ ନାହିଁ। ସେହିପରି ଏହା ଚ୍ୟାଲେଞ୍ଜକୁ ବି ମଜାଦାର କରାଏ। ନୂଆ ସ୍ଥାନରେ ବସି ପଢ଼ିଲେ ନୂଆ ଉତ୍ସାହ ଯୋଗୁ ପାଠ ପଢ଼ିବାରେ ମନ ଲାଗିଥାଏ।



# ୟୁଟ୍ୟୁବ୍‌ର ନୂଆ ଫିଚର୍

**ୟୁଟ୍ୟୁବ୍ କ୍ରିଏଟରଙ୍କ ପାଇଁ ଏକ ନୂଆ ଫିଚର ଲଞ୍ଚ କରିଛି। ଏହା ଦ୍ୱାରା କ୍ରିଏଟରମାନେ ସେମାନଙ୍କ ଭିଡିଓକୁ ଅନେକ ଭାଷାରେ ଡବିଂ କରିପାରିବେ। ଫଳରେ ଏଣିକି କଣ୍ଟେଣ୍ଟ କେବଳ ଗୋଟିଏ ଦେଶରେ ସୀମିତ ରହିବ ନାହିଁ, ବରଂ ବିଶ୍ୱ ତମାମ ଲୋକଙ୍କ ପାଖରେ ଏହା ପହଞ୍ଚିପାରିବ। ସେହିପରି ଏହି ଫିଚର ଦ୍ୱାରା ୟୁଟ୍ୟୁବର ୱାଚ୍ ଟାଇମ୍ ଏବଂ ଭିୟୁ ମଧ୍ୟ ଶୀଘ୍ର ବୃଦ୍ଧି ପାଇବ।**

ୟୁଟ୍ୟୁବ୍ ମଲ୍ଟି ଲାଙ୍ଗୁଏଜ୍ ଅଡିଓ ଫିଚର୍ ସବୁ ବ୍ୟବହାରକାରୀଙ୍କ ପାଇଁ ଲଞ୍ଚ କରିଛି। ଏହି ଫିଚର କ୍ରିଏଟରଙ୍କୁ ଗୋଟିଏ ଭିଡିଓକୁ ଅନେକ ଭାଷାରେ ଡବିଂ କରିବାର ସୁବିଧା ପ୍ରଦାନ କରିବ। ତେବେ ୟୁଟ୍ୟୁବ୍ ଏହି ଫିଚରର ଆରମ୍ଭ ୨୦୨୩ ମସିହାରେ କରିଥିଲା। ଏଥିରେ କେବଳ କିଛି ବଛା ବଛା କ୍ରିଏଟରଙ୍କୁ ଅଲଗା ଅଲଗା ଭାଷାରେ ଅଡିଓ ଟ୍ରାକ୍ ଅପଲୋଡ୍ କରିବାର ସୁବିଧା ମିଳିଥିଲା। ହେଲେ ଏବେ ଏହାକୁ ସମସ୍ତଙ୍କ ପାଇଁ ଲଞ୍ଚ କରାଯାଇଛି। ଏହି ଟୁଲ୍ ଗୁଗଲର ଜେମିନି ଟେକ୍ନୋଲୋଜି ଉପରେ ଆଧାରିତ। ସେହିପରି ଯେଉଁ କ୍ରିଏଟରମାନେ ଏହି ଫିଚରକୁ ବ୍ୟବହାର କରିଛନ୍ତି, ସେମାନଙ୍କ ଭିଡିଓକୁ ୨୫ ପ୍ରତିଶତ ଅଧିକ ୱାଚ୍ ଟାଇମ୍ ନନ୍-ପ୍ରାଇମେରି ଭାଷାରୁ ଆସିଛି। ଏହାଦ୍ୱାରା କ୍ରିଏଟରଙ୍କ ବିକାଶକୁ ବିଶ୍ୱ ସ୍ତରରେ ପହଞ୍ଚାଇବାରେ ସାହାଯ୍ୟ କରିବ।



## ● ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍
# ଆଜି ଭାରତୀୟ ଦଳ ଚୟନ, ପନ୍ତ ଆଉଟ୍

ମୁମ୍ବଇ, ୨୩।୯ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଚୟନ ହେବାର କୌଣସି ତାରିଖ ବିସିସିଆଇ ପକ୍ଷରୁ ଘୋଷଣା କରାଯାଇନାହିଁ। ନିକଟରେ ଦିଲ୍ଲୀରେ ବିସିସିଆଇ କର୍ମକର୍ତ୍ତାଙ୍କ ବୈଠକରେ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ୨୩ କିମ୍ବା ୨୪ରେ ଚୟନ କରାଯାଇପାରେ ବୋଲି ସମ୍ବାଦକ ଦେବଜିତ ସାଇକିଆ ସୂଚନା ଦେଇଥିଲେ। ଏହି ସୂଚନାକୁ ସତ୍ୟ ବୋଲି ମାନିଲେ ଭାରତୀୟ ଦଳ ଆସନ୍ତାକାଲି ଅନୁଷ୍ଠିତ ହେବା କଥା। କିନ୍ତୁ ଏ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ୱେଷ୍ଟଇଣ୍ଡିଜ୍ ସିରିଜ୍ ଲାଗି ଏଥର ୧୫ ଜଣିଆ ଭାରତୀୟ ଦଳ ଚୟନ କରାଯିବ। ଏହା ମଧ୍ୟରେ ଭାରତୀୟ ଦଳର ୱିକେଟରକ୍ଷକ ଋଷଭ ପନ୍ତ୍ ଏହି ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ଏବେ ସେ ବେଙ୍ଗାଲୁରୁସ୍ଥିତ ନ୍ୟାସନାଲ କ୍ରିକେଟ ଏକାଡେମୀରେ ଫିଟ୍‌ନେସ ଲାଗି ଚିକିତ୍ସିତ ହେଉଛନ୍ତି। କିନ୍ତୁ ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯିବ କି ନାହିଁ, କରୁନ ନାୟର ସ୍ଥାନ ବଜାୟ ରଖିବେ କି ନାହିଁ ତାହା ଦେଖିବାକୁ ବାକି ରହିଛି। ପନ୍ତ୍‌ଙ୍କ ସ୍ଥାନରେ ଧ୍ରୁବ ଜୁରେଲ ଓ ଏନ ଜଗଦୀଶନଙ୍କୁ ୧୫ ଜଣିଆ ଦଳରେ ସ୍ଥାନ ମିଳିବ ବୋଲି ଆଶା କରାଯାଉଛି।

# ସୂତାରଙ୍କୁ ୫ ୱିକେଟ୍: ଅଷ୍ଟ୍ରେଲିଆ-ଏ ୩୫୦/ ୯



ଲକ୍ଷ୍ନୌ, ୨୩।୯ (ଏଜେନ୍ସି): ଅଫସ୍ପିନର ମାନବ ସୂତାର ୫ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ମଙ୍ଗଳବାର। ଆରମ୍ଭ ହୋଇଥିବା ଭାରତ-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଅଷ୍ଟ୍ରେଲିଆ-ଏ' ପ୍ରଥମ ଇନିଂସରେ ୯ ୱିକେଟ ହରାଇ ୩୫୦ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ନଂ-୧୦ ଟଡ୍ ମର୍ଫି ୨୯ ଓ ନଂ-୧୦ ହେନରୀ ଥର୍ଟନ ୧୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜ୍ୟାକ୍ ଏଡ୍‌ୱାର୍ଡସ ସର୍ବାଧିକ ୮୮, ଅଧିନାୟକ ନାଥାନ ମ୍ୟାକ୍‌ସ୍ୱିନୀ ୭୪ ରନ୍ କରିଛନ୍ତି। ଡ୍ର ରହିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଶତକ ହାସଲ କରିଥିବା ଓପନର ସାମ କୋନ୍‌ଷ୍ଟାସ୍ ୪୯, ୱିକେଟରକ୍ଷକ ଜୋଶ ଫିଲିପ୍ ୩୯ ରନ୍‌ର ଉପଯୋଗୀ ସହାୟତା କରିଥିଲେ। ଭାରତ-ଏ' ପକ୍ଷରୁ ମାନବ ସୂତାରଙ୍କ ୫ ୱିକେଟ ବ୍ୟତୀତ ଗୁରନୁର ବ୍ରାର ୨ଟି, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୧୩ ଓଭରରେ ସିରାଜ ୭୩ ରନ୍ ଦେଇ ସର୍ବାଧିକ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ମ୍ୟାଚ୍ ପୂର୍ବରୁ ଦଳର ଅଧିନାୟକ ଶ୍ରେୟସ ଆୟର ବ୍ୟକ୍ତିଗତ କାରଣରୁ ଏହି ମ୍ୟାଚ୍‌ରୁ ଓହରିଯାଇଥିଲେ। ପ୍ରଥମ ଟେଷ୍ଟରେ ସେ ୧୩ ବଲ୍‌ରୁ ୮ ରନ୍ କରିଥିଲେ। ତାଙ୍କ ସ୍ଥାନରେ ୱିକେଟରକ୍ଷକ ଧ୍ରୁବ ଜୁରେଲ ଦଳର ନେତୃତ୍ୱ ନେଇଛନ୍ତି।

## ଏସିଆ କପ୍ ସୁପର-୪
# ଭାରତ-ବାଂଲାଦେଶ ମୁକାବିଲା ଆଜି



ଦୁବାଇ,୨୩।୯ (ଏଜେନ୍ସି)

ଏସିଆ କପ୍‌ରେ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଗୋଟିଏ ସପ୍ତାହରେ ଦୁଇଥର ପରାସ୍ତ କରିବା ପରେ ପେସାଦାର ମନୋଭାବ ନେଇ ଖେଳୁଥିବା ଭାରତ ଏବେ ଅପ୍ରତିଦ୍ୱନ୍ଦ୍ୱୀ। ପାକିସ୍ତାନକୁ ବଡ଼ ପ୍ରତିଦ୍ୱନ୍ଦ୍ୱୀ ବୋଲି କହିବାକୁ ନାପସନ୍ଦ କରିଛନ୍ତି ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ପ୍ରକୃତରେ ରେକର୍ଡ ଦେଖିଲେ ଟି-୨୦ ଫର୍ମାଟରେ ଏବେ ଭାରତର କିଏ ପ୍ରତିଦ୍ୱନ୍ଦ୍ୱୀ ତାହା ଖୋଜିବାକୁ ହେବ। ରେକର୍ଡ ମଧ୍ୟ ଭାରତ ଅପ୍ରତିଦ୍ୱନ୍ଦ୍ୱୀ ବୋଲି କହୁଛି। ୨୦୨୪ ପରଠାରୁ ଏହି ଫର୍ମାଟରେ ଭାରତ ୩୨ଟି ମ୍ୟାଚରେ ଜିତିଥିଲାବେଳେ ମାତ୍ର ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଏଣୁ ଭାରତ ଯେ ଏକ ଅପ୍ରତିଦ୍ୱନ୍ଦ୍ୱୀ ଦଳ ତାହା କିଏ ମାନୁ ନ ମାନୁ ରେକର୍ଡ ଏହାକୁ ସ୍ୱୀକାର କରୁଛି। ପାକିସ୍ତାନ ବିପକ୍ଷ ସୁପର-୪ ମ୍ୟାଚ୍‌ରେ ଭାରତ ତାହାର ଦକ୍ଷତା ପ୍ରଦର୍ଶନ କରି ପାରି ନ ଥିଲା। ତଥାପି ଏହି ମ୍ୟାଚ୍‌କୁ ୭ଟି ବଲ ବାକିଥାଇ ଜିତିନେଇଥିଲା। ଏଣୁ ଆସନ୍ତାକାଲି ବାଂଲାଦେଶ ବିପକ୍ଷ ମୁକାବିଲାରେ ଭାରତକୁ ଫେବରାଇଟ୍ ବିବେଚନା କରାଯାଉଛି। ନିକଟରେ ପ୍ରଥମ ସୁପର-୪ ମ୍ୟାଚ୍‌ରେ ଶକ୍ତିଶାଳୀ ଶ୍ରୀଲଙ୍କାକୁ ପରାସ୍ତ କରିବା ପରେ ବାଂଲା ଦଳର ମନୋବଳ ଢ଼େର ବଢ଼ିଛି। ଏହି ବିଜୟ ପରେ ଦଳର କୋଚ୍ ଫିଲ୍ ସିମନ୍ସ କହନ୍ତି ଭାରତକୁ ଯେ କୌଣସି ଦଳ ହରାଇପାରିବ। ଏହା ଅର୍ଥ ବାଂଲାଦେଶ ଏହି ମୁକାବିଲାରେ ଭାରତକୁ ହରାଇପାରିବ। ଅବଶ୍ୟ ଭାରତ ନିକଟରେ ଏବେ ପ୍ରଚୁର ପରିମାଣରେ ପ୍ରତିଭା ରହିଛନ୍ତି। ଜଣଙ୍କ ପରେ ଜଣେ ମ୍ୟାଚ୍ ବିଜୟୀ ବିବେଚିତ ହେଉଛନ୍ତି। ଏଣୁ ଭାରତ କାହାକୁ ପ୍ରତିଦ୍ୱନ୍ଦ୍ୱୀ ଭାବେ ବିବେଚନା କରୁନାହିଁ। ଦଳ ନିକଟରେ ଯେଉଁଳି ଶକ୍ତି ରହିଛି, ତାହା ବିଶ୍ୱର ଯେକୌଣସି ବୋଲିଂକୁ ଧ୍ୱଂସ କିମ୍ବା ବ୍ୟାଟିଂକୁ ଧରାଶାୟୀ କରିପାରିବ।

### ● ଟସ୍, ମିଡିଲ ଅର୍ଡର, ମୁସ୍ତାଫିଜୁର ଗୁରୁତ୍ୱପୂର୍ଣ୍ଣ

ଭାରତ ନିଜକୁ ଯେତେ ଶକ୍ତିଶାଳୀ ମନେ କଲେ ମଧ୍ୟ ଟସ୍ ଏଠାରେ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏଠାରେ ରନ୍ ଚେଜ୍ ସହଜ ହେଉଛି। ଯାହା ଫଳରେ ଶ୍ରୀଲଙ୍କା ବିପକ୍ଷରେ ବାଂଲାଦେଶ ୧୬୯ ରନ୍‌ର ଟାର୍ଗେଟକୁ ଚେଜ୍ କରି ବିଜୟୀ ହୋଇଥିଲା। ଏଣୁ ଟସ୍ ଜିତିବା ଦଳ ଏଠାରେ ନିଶ୍ଚିତ ପ୍ରଥମେ ବୋଲିଂ କରିବାକୁ ଉଚିତ ମନେ କରିବ। ସେହିପରି ମିଡଲ ଓଭରରେ ଦୁବାଇ ପିଚ୍ ମନ୍ଥର ହୋଇଯାଉଛି। ଭାରତ ବିପକ୍ଷରେ ପାକିସ୍ତାନ ଏହି ସମୟରେ ୬ ଓଭର ବୋଲିଂ କରି ମାତ୍ର ୩୦ ରନ୍ ବିନିମୟରେ ୩ଟି ୱିକେଟ ନେଇଥିଲେ। ମିଡିଲ ଓଭରରେ ବାଂଲାଦେଶର ମୁସ୍ତାଫିଜୁର ରହମନଙ୍କ ଦକ୍ଷତା ଦୁଇଗୁଣ ବୃଦ୍ଧିପାଉଛି। ମିଡିଲ ଅର୍ଡରରେ ମୁସ୍ତାଫିଜୁରଙ୍କ ସହ ମେହେଦୀ ହାସନ ପ୍ରଭାବଶାଳୀ ହେବେ। ଏହି ସବୁ ସମସ୍ୟା ଭାରତ ଆଗରେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇପାରେ।

### ● ଦ୍ୱିତୀୟ ବିଜୟ ଆଶାରେ ବାଂଲାଦେଶ

ଭାରତ ଓ ବାଂଲାଦେଶ ମଧ୍ୟରେ ଏଯାଏ ୧୭ଟି ଟି-୨୦ ମ୍ୟାଚ୍ ଖେଳାଯାଇଛି। ଏହା ମଧ୍ୟରୁ ୧୬ଟି ମ୍ୟାଚ୍‌ରେ ଭାରତ ଓ ମାତ୍ର ଗୋଟିଏ ମ୍ୟାଚ୍‌ରେ ବାଂଲାଦେଶ ଜିତିଛି। ବାଂଲାଦେଶ ଏଠାରେ ଭାରତ ବିପକ୍ଷରେ ଦ୍ୱିତୀୟ ବିଜୟ ହାସଲର ଆଶା ରଖିଛି। କିନ୍ତୁ ଏଥିଲାଗି ବାଂଲାଦେଶକୁ ସ୍ମାର୍ଟ କ୍ରିକେଟ ଖେଳିବାକୁ ହେବ। ଭାରତ ନିକଟରେ ଯେଉଁଳି ଖେଳାଳି ଅଛନ୍ତି ଓ ଫର୍ମରେ ରହିଛନ୍ତି, ଏହି ମ୍ୟାଚ୍ ଜିତିବାକୁ ଆଶା କରିବା ବାଂଲାଦେଶ ଲାଗି ଦିବାସ୍ୱପ୍ନ ହୋଇପାରେ। ପାକିସ୍ତାନକୁ ହରାଇଥିବା ଭାରତୀୟ ଦଳ ଅପରିବର୍ତ୍ତିତ ରହିବାର ସମ୍ଭାବନା ରହିଛି।

DP WORLD ASIA CUP 2025

| ଆଜିର ମ୍ୟାଚ୍ | ଭାରତ-ବାଂଲାଦେଶ |
|---|---|
| | ଭେନ୍ୟୁ : ଦୁବାଇ |
| | ଖେଳ ଆରମ୍ଭ : ରାତି ୮ଟା |
| | ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

# ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ

ଆବୁଧାବି,୨୩।୯ (ଏଜେନ୍ସି): ସାହିନ ଆଫ୍ରିଦୀ ଓ ହୁସେନ ତଲତଙ୍କ ଘାତକ ବୋଲିଂ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଏସିଆ କପ୍ ସୁପର-୪ ମୁକାବିଲାରେ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୩୩ ରନ କରିଛି। ଦଳ ପକ୍ଷରୁ ଯୁବ ଖେଳାଳି କାମିନ୍ଦୁ ମେଣ୍ଡିସ୍ ସର୍ବାଧିକ ୫୦ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଚାରିତ ଆଶାଲଙ୍କା ୨୦, ଚାମିକା କରୁଣାରତ୍ନେ ଅପରାଜିତ ୧୭, କୁଶାଲ ପରେରା ଓ ୱାନିନ୍ଦୁ ହାସରଙ୍ଗା ୧୫ ରନ୍ ଲେଖାଏଁ ସଂଗ୍ରହ କରିଥିଲେ। ପାକିସ୍ତାନ ପକ୍ଷରୁ ଫାଷ୍ଟ ବୋଲର ସାହିନ ଆଫ୍ରିଦୀ ସର୍ବାଧିକ ୩ଟି, ହୁସେନ ତଲତ ଓ ହାରିସ ରୌଫ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଏମାନଙ୍କ ସଫଳତା ଯୋଗୁଁ ଶ୍ରୀଲଙ୍କା ପ୍ରଥମ ଓଭରରେ ୱିକେଟ ହରାଇବା ସହ କ୍ରମାଗତ ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏସିଆ କପ୍ ସୁପର-୪ର ପ୍ରଥମ ମୁକାବିଲାରେ ଉଭୟ ଶ୍ରୀଲଙ୍କା ଓ ପାକିସ୍ତାନ ପରାଜିତ ହୋଇଛନ୍ତି। ବାଂଲାଦେଶଠାରୁ ଶ୍ରୀଲଙ୍କା ୪ ୱିକେଟ ଓ ଭାରତଠାରୁ ପାକିସ୍ତାନ ୬ ୱିକେଟରେ ହାରିଛନ୍ତି। ଏଠାରେ ଯେଉଁ ଦଳ ହାରିବ ସେହି ଦଳ ଏକପ୍ରକାର ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ଶ୍ରୀଲଙ୍କା ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ଶେଷରେ ବାଂଲାଦେଶ ସହ ଖେଳିବ। ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ୨୮ରେ ଖେଳାଯିବ।

# ଅର୍ଜୁନ ପୁରସ୍କାର ବିଜେତା ବିଜୟଙ୍କ ପରଲୋକ



ବ୍ରହ୍ମପୁର,୨୩।୯ (ସମିସ): ସୁନାମଧନ୍ୟ ଭାରୋତ୍ତୋଳକ ତଥା ଅର୍ଜୁନ ପୁରସ୍କାର ବିଜେତା ବିଜୟ କୁମାର ଶତପଥୀଙ୍କର ସୋମବାର ରାତିରେ ପରଲୋକ ଘଟିଛି। ସେ ୭୩ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରି ବହୁ ପଦକ ବିଜୟୀ ହୋଇଥିଲେ। ସ୍ୱର୍ଗତ ଶତପଥୀ ୨୦୨୪ରୁ ପକ୍ଷାଘାତ ରୋଗର ଶିକାର ହୋଇ ଶଯ୍ୟାଶାୟୀ ଥିଲେ। ଅନ୍ତିମ ଶଯ୍ୟା ନିକଟରେ ପତ୍ନୀ କରିସ୍ମା ଶତପଥୀ, ଦୁଇପୁତ୍ର ଜଗନ୍ନାଥ ଓ ସୋମନାଥଙ୍କ ମେତ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ଥାନୀୟ ନୀଳକଣ୍ଠେଶ୍ୱର ଶ୍ମଶାନରେ ତାଙ୍କର ଆଜି ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶତପଥୀଙ୍କ ବିୟୋଗରେ ରାଜ୍ୟପାଳ ଡ. ହରିବାବୁ କୁମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଅର୍ଜୁନ ପୁରସ୍କାର ବିଜେତା କେ. ରବି କୁମାରଙ୍କ ସମେତ ବହୁ କ୍ରୀଡ଼ାବିତ୍ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ରାଜ୍ୟ ଭାରୋତ୍ତୋଳନ ମହାସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ, ଅନ୍ତରୀଣ ସମ୍ପାଦକ ଗୋପାଳକୃଷ୍ଣ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।


ବିଜୟ ୧୯୮୧ରେ ଅନୁଷ୍ଠିତ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୧୯୮୨ରେ ଇଂଲଣ୍ଡ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ଏସିଆନ୍ ଚାମ୍ପିଅନ୍‌ସିପରେ ଦୁଇଟି କାଂସ୍ୟ, ୧୯୮୨ରେ ପେଶାୱରଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଥିଲେ। ଏଥିସହ ୧୯୭୭ରୁ ୧୯୮୨ ମସିହା ପର୍ଯ୍ୟନ୍ତ କ୍ରମାଗତ ଭାବେ ଜାତୀୟସ୍ତରରେ ବରିଷ୍ଠ ବିଭାଗରେ ସ୍ୱର୍ଣ୍ଣ ପଦକ ଜିତି ରେକର୍ଡ କରିଥିଲେ। କ୍ରୀଡ଼ାରେ ଅଭୂତପୂର୍ବ ସଫଳତା ଲାଗି ୧୯୮୨ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ 'ଅର୍ଜୁନ ପୁରସ୍କାର'ରେ ସମ୍ମାନିତ କରାଯାଇଥିଲା। ସେହିପରି ଗତ ଅଗଷ୍ଟ ୨୯ରେ ବିଜୟଙ୍କୁ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ମଧ୍ୟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟସ୍ତରରୁ ଭାରୋତ୍ତୋଳନ ଆରମ୍ଭ କରିଥିବା ବିଜୟ ୧୯୭୪ରେ ଭାରତୀୟ ନୌସେନାରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ରେଳ ବିଭାଗରେ ନିଯୁକ୍ତି ପାଇ ୨୦୦୯ରେ ସେ ସ୍ୱେଚ୍ଛାକୃତ ଅବସର ନେଇଥିଲେ।

## ଓଡ଼ିଶା ପ୍ରୋ ଟି-୨୦ ଲିଗ୍
# କଟକକୁ ସେମିରେ ପହଞ୍ଚାଇଲେ ବିପ୍ଳବ

କଟକ,୨୩।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ଦଳ ଭାବେ କଟକ ପାନ୍ଥର୍ସ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ନିଜର ଶେଷ ଲିଗ୍‌ରେ ପାନ୍ଥର୍ସ ୫ ୱିକେଟରେ କେନ୍ଦୁଝର ମାଇନର୍ସକୁ ହରାଇଥିଲା। ୫ଟି ମ୍ୟାଚ୍‌ରୁ ୩ଟି ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଅମୀମାଂସିତ ଫଳାଫଳ ବଳରେ ପାନ୍ଥର୍ସ ୧୪ ପଏଣ୍ଟ ପାଇ ଟେବଲର ଶୀର୍ଷରେ ରହିଛି। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କେନ୍ଦୁଝରର ପ୍ରତିପକ୍ଷ ଅଭିଜ୍ଞ ଅଲ୍‌ରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨୦ ଓଭରରେ ମାତ୍ର ୧୨୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୧୩, ଓମ ଟି ମୁଣ୍ଡେ ୨୮, ଅନୀଲ ପରିଡ଼ା ୩୬ ରନ ସଂଗ୍ରହ କରିଥିଲେ। ବିପ୍ଳବ ୪ ଓଭରରେ ୧୮ ରନ ବ୍ୟୟରେ ୫ଟି ୱିକେଟ ନେଇ କେନ୍ଦୁଝରକୁ ବ୍ୟାକ୍‌ଫୁଟକୁ ଠେଲିଦେଇଥିଲେ। ଜବାବରେ କଟକ ପାନ୍ଥର୍ସ ୨୬ ରନରେ ପ୍ରଥମ ତିନି ୱିକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ବିପ୍ଳବ ୩୪ ବଲରୁ ୪୩ ରନ ଏବଂ ସୌରଭ ଗୌଡ଼ ୩୯ ବଲରୁ ୫୬ ରନର ପାଳି ଖେଳି ଦଳକୁ ୯ ବଲ୍ ଓ ୫ ୱିକେଟ ବଳକା ଥାଇ ବିଜୟୀ କରାଇଥିଲେ। ମାଇନର୍ସ ପକ୍ଷରୁ ବାମହାତୀ ସ୍ପିନର ପପୁ ରାୟଙ୍କୁ ୩ଟି ୱିକେଟ ମିଳିଥିଲା। ବ୍ୟାଟିଂ ଓ ବୋଲିଂରେ ପ୍ରଦର୍ଶନ କରିଥିବା ବିପ୍ଳବଙ୍କୁ 'ପ୍ଲେୟାର ଅଫ ଦି ମ୍ୟାଚ୍' ବିବେଚିତ କରାଯାଇଛି। ସେହିଭଳି ଭୁବନେଶ୍ୱର ଟାଇଗର୍ସ ଓ ପୁରୀ ଟାଇଟାନ୍ସ ମଧ୍ୟରେ ଖେଳାଯିବାକୁ ଥିବା ଅନ୍ୟ ଏକ ମ୍ୟାଚ୍ ପ୍ରବଳ ବର୍ଷା ଲାଗି ବାତିଲ କରିଦିଆଯାଇଥିଲା।



# କିଂବଦନ୍ତୀ ଅମ୍ପାୟାର ଡିକି ବାର୍ଡଙ୍କ ବିୟୋଗ



ଲଣ୍ଡନ,୨୩।୯ (ସମିସ): ବିଶ୍ୱର ସର୍ବଶ୍ରେଷ୍ଠ କ୍ରିକେଟ ଅମ୍ପାୟାର ଭାବେ ବିବେଚିତ ହେଉଥିବା ଇଂଲଣ୍ଡର ହାରୋଲ୍ଡ 'ଡିକି' ବାର୍ଡଙ୍କର ୯୨ ବର୍ଷରେ ପରଲୋକ ହୋଇଯାଇଛି। ୧୯୭୩ରୁ ୧୯୯୬ ମଧ୍ୟରେ ସେ ୬୬ଟି ଟେଷ୍ଟ ଓ ୬୯ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅମ୍ପାୟାର ଦାୟିତ୍ୱ ନିଭାଇଥିଲେ। ସେ ବିଶ୍ୱର ଏକମାତ୍ର ଅମ୍ପାୟାର ଭାବେ ୩ଟି ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅମ୍ପାୟାର ରହିଥିଲେ। ୧୯୮୩ରେ କପିଳ ଦେବଙ୍କ ନେତୃତ୍ୱରେ ଭାରତ ବିଶ୍ୱ ଚାମ୍ପିଅନ ହୋଇଥିଲାବେଳେ ବାର୍ଡ ଏହି ଫାଇନାଲରେ ଅମ୍ପାୟରିଂ କରିଥିଲେ। ଇଂଲଣ୍ଡର ୟର୍କସାୟର କ୍ଲବ୍ ପକ୍ଷରୁ ଜଣେ ଟପ୍ ଅର୍ଡର ବ୍ୟାଟର ଭାବେ କ୍ୟାରିୟର ଆରମ୍ଭ କରି ୯ ବର୍ଷ ଖେଳିଥିଲେ ଓ ପରେ ଏହି କ୍ଲବ୍‌ର ସଭାପତି ହୋଇଥିଲେ। କ୍ରିକେଟକୁ ତାଙ୍କ ଏହି ଅବଦାନ ଲାଗି ଇଂଲଣ୍ଡ ସରକାରଙ୍କ ପକ୍ଷରୁ ଏମ୍‌ବିଇ ଓ ଓବିଇ ସମ୍ମାନରେ ସମ୍ମାନିତ ହୋଇଥିଲେ। ଲିସେଷ୍ଟର ପକ୍ଷରୁ ମଧ୍ୟ ଖେଳିଥିବା ବାର୍ଡ ୧୯୩୩ ଏପ୍ରିଲ ୧୯ରେ ଜନ୍ମଗ୍ରହଣ କରିଥିଲେ ଓ ଆଘାତ ସମସ୍ୟା ଯୋଗୁ ମାତ୍ର ୩୨ ବର୍ଷରେ ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ନେଇଥିଲେ। ସେ ୯୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୨୦.୭୧ ହାରରେ ୩୩୧୪ ରନ୍ କରିଥିଲେ। ଏହା ମଧ୍ୟରେ ୨ଟି ଶତକ ଓ ୧୪ଟି ଅର୍ଦ୍ଧଶତକ ରହିଛି। ୧୯୯୬ରେ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ସେ ତାଙ୍କର ଅନ୍ତିମ ଟେଷ୍ଟ ମ୍ୟାଚ୍ ପରିଚାଳନା କରିଥିଲେ। ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍ ମଧ୍ୟ ଅନ୍ୟ ଏକ କାରଣରୁ ସ୍ମରଣୀୟ ହୋଇରହିଛି। ଭାରତର ଦୁଇ ମହାନ ଖେଳାଳି ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ୍ ଏହି ମ୍ୟାଚ୍ ଖେଳି ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ।

# ଆଜି ହକି ଇଣ୍ଡିଆ ଲିଗ୍ ନିଲାମ

ନୂଆଦିଲ୍ଲୀ, ୨୩।୯ (ଏଜେନ୍ସି): ହକି ଇଣ୍ଡିଆର ଆଉ ଏକ ସଂସ୍କରଣ ଲାଗି ଆସନ୍ତାକାଲି ମିନି ନିଲାମି କରାଯିବ। ଏହି ସଂସ୍କରଣରେ ଯେଉଁ ଦଳର ପର୍ସ ଥିବ ଓ ଖେଳାଳି ପୋଜିସନ ଫାଙ୍କା ଥିବ କେବଳ ସେହି ଦଳକୁ ନିଲାମିରେ ଭାଗ ନେବାକୁ ସୁଯୋଗ ମିଳିବ। ମୋଟରେ ୧୦୦ ଜଣ ଖେଳାଳି ଏଥିରେ ଭାଗନେବେ। ଏହି ନିଲାମିରେ ଖେଳାଳିଙ୍କ ମୂଲ୍ୟ ୩ଟି ପର୍ଯ୍ୟାୟରେ ଧାର୍ଯ୍ୟ କରାଯାଇଛି। ଗୋଟିଏ ଦଳର ସାଲାରି କ୍ୟାପ୍ ୪ କୋଟି ଟଙ୍କାକୁ ବଢ଼ାଇ ଦିଆଯାଇଛି। କିନ୍ତୁ ଗୋଟିଏ ଦଳରେ ୨ ଗୋଲରକ୍ଷକ, ୭ ଜଣ ବିଦେଶୀ ଓ ୩ଜଣ ଭାରତୀୟ ଜୁନିୟରଙ୍କ ସମେତ ୨୦ଜଣ ଖେଳାଳି ରହିପାରିବେ। ଖେଳାଳିଙ୍କ ବେସ୍ ପ୍ରାଇସ୍ ୨, ୫ ଓ ୧୦ ଲକ୍ଷ ରଖାଯାଇଛି। ଓଡ଼ିଶାର ୨ଟି ଟିମ୍ ଯଥା ମହିଳା ଚାମ୍ପିଅନ ଓଡ଼ିଶା ୱାରିୟର୍ସ ଓ ଟିମ୍ ଗୋନାସିକା ଏଥର ଓହରିଯାଇଛନ୍ତି।

## ବାଲନ୍ ଡି ଓର୍
# ବୋନମତିଙ୍କ ହ୍ୟାଟ୍ରିକ୍; ଡେମ୍ବେଲଙ୍କ ବାଜିମାତ୍

ପ୍ୟାରିସ, ୨୩।୯ (ଏଜେନ୍ସି)



ବିଶ୍ୱ ଫୁଟ୍‌ବଲର ସବୁଠୁ ସମ୍ମାନଜନକ ଓ ଶ୍ରେଷ୍ଠ ପୁରସ୍କାର 'ବାଲନ୍ ଡି ଓର୍' ଟ୍ରଫି ଏଥର ଫ୍ରାନ୍ସ ଫରୱାର୍ଡ ଓଉସମାନେ ଡେମ୍ବେଲେ ବାଜିମାତ୍ କରିନେଇଛନ୍ତି। ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଗତକାଲି ରାତିରେ ଅନୁଷ୍ଠିତ ୬୯ତମ ବାଲନ ଡି ଓର୍' ପୁରସ୍କାର ପ୍ରଦାନ ଉତ୍ସବରେ ୨୮ ବର୍ଷୀୟ ଡେମ୍ବେଲ ପୁରୁଷ ବିଭାଗରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସ୍ପେନ ତଥା ବାର୍ସିଲୋନାର ୧୮ ବର୍ଷୀୟ ଯୁବ ଖେଳାଳି ଲାମିନେ ୟାମାଲଙ୍କୁ ପଛରେ ପକାଇ ସେ ଏହି ସୁନାର ବଲ୍ ହାତେଇ ନେଇଛନ୍ତି। ଫଳରେ ଫ୍ରାନ୍ସର ୬ଷ୍ଠ ପୁରୁଷ ଫୁଟ୍‌ବଲ ଖେଳାଳି ଭାବେ ଡେମ୍ବେଲ ବାଲନ୍ ଡି ଓର୍ ପୁରସ୍କାର ଜିତିଛନ୍ତି। ଗତ ସିଜନରେ ପାରିସ ସେଣ୍ଟ ଜର୍ମେନ (ପିଏସ୍‌ଜି) କ୍ଲବକୁ ପ୍ରଥମଥର ଲାଗି ଚାମ୍ପିଅନ୍ସ ଲିଗ୍ ଜିତାଇବାରେ ଡେମ୍ବେଲଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ପିଏସ୍‌ଜି ପାଇଁ ସେ ୩୫ଟି ଗୋଲ୍ ଦେଇ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ୨୦୨୪ରେ ସ୍ପେନ ତଥା ମାଞ୍ଚେଷ୍ଟର ମିଡ୍‌ଫିଲ୍ଡର ରୋଡ୍ରି ପୁରୁଷ ବିଭାଗରେ ବାଲନ୍ ଡି ଓର୍ ଟ୍ରଫି ବିଜୟୀ ହୋଇଥିଲେ।

### ■ ବୋନମତିଙ୍କୁ ରେକର୍ଡ ୩ୟ ପୁରସ୍କାର

ଅପରପକ୍ଷରେ ସ୍ପେନ ତଥା ବାର୍ସିଲୋନା କ୍ଲବର ମିଡ୍‌ଫିଲ୍ଡର ଆଇତାନା ବୋନମତି ମହିଳା ବିଭାଗରେ ବାଲନ୍ ଡି ଓର୍ ପୁରସ୍କାର ବିଜୟୀ ହୋଇଛନ୍ତି। ଫଳରେ ୨୭ ବର୍ଷୀୟା ବୋନମାତି କ୍ରମାଗତ ୩ୟଥର ଲାଗି ଏହି ସମ୍ମାନଜନକ ପୁରସ୍କାର ଜିତି ରେକର୍ଡ କରିଛନ୍ତି। ଏଥିସହ ଲିଓନେଲ ମେସି ଓ ମାଇକେଲ ପ୍ଲାଟିନିଙ୍କ ସହିତ ବୋନମାତି ହ୍ୟାଟ୍ରିକ ବାଲନ୍ ଡି ଓର୍ ପୁରସ୍କାର ଜିତିଥିବା ଖେଳାଳିଙ୍କ ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି। ୨୦୨୫ରେ ସ୍ପେନକୁ ୟୁରୋ କପ୍ ଫାଇନାଲରେ ପହଞ୍ଚାଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ■ ପିଏସ୍‌ଜି ଶ୍ରେଷ୍ଠ କ୍ଲବ୍; ଲୁଇସ୍ ପ୍ରଶିକ୍ଷକ

ଫ୍ରାନ୍ସର ପାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) କ୍ଲବ ଏଥର ଶ୍ରେଷ୍ଠ ପୁରୁଷ କ୍ଲବ ବିବେଚିତ ହୋଇଛି। ପିଏସ୍‌ଜି ପାଇଁ ଗତ ସିଜନ ଐତିହାସିକ ରହିଥିଲା। ଏହି କ୍ଲବ ପ୍ରଥମଥର ଲାଗି ୟୁଫା ଚାମ୍ପିଅନ୍ସ ଲିଗ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା। ସେହିଭଳି ଫ୍ରେଞ୍ଚ ଲିଗ୍ ଓ କପ୍ ଉଭୟରେ ପିଏସ୍‌ଜି ବାଜିମାତ୍ କରିନେଇଥିଲା। ସେହିଭଳି ଆର୍ସେନାଲ ମହିଳା ବିଭାଗରେ ବର୍ଷର ଶ୍ରେଷ୍ଠ କ୍ଲବ ବିବେଚିତ ହୋଇଛି।

ଅପରପକ୍ଷରେ ପିଏସ୍‌ଜିର ମୁଖ୍ୟ ପ୍ରଶିକ୍ଷକ ଲୁଇସ ଏନରିକ୍ ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ଏବଂ ଇଂଲଣ୍ଡ ମହିଳା ଫୁଟ୍‌ବଲ ଦଳର ସାରିନା ୱିଗେମାନ ଶ୍ରେଷ୍ଠ ମହିଳା ଫୁଟ୍‌ବଲ କୋଚ୍ ହୋଇଛନ୍ତି। ଉଭୟ ପୁରସ୍କାର ଆକାରରେ ଜନ୍ କପ୍ ଟ୍ରଫି ଜିତିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS